ପୃଷ୍ଠା–୮+୮

48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୭/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Tuesday, December 7/2021 | ★★★★★★

୪୮ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ

DHARITRI

୫୪ 48

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୭/୨୦୨୧ | Bhubaneswar, Tuesday, December 7/2021 | ପୃଷ୍ଠା-୧




### ୩ ଦିନରେ 'ତଡପ'ର ଆୟ ୧୩ କୋଟି

ଅଭିନେତା ସୁନୀଲ ଶେଟ୍ଟୀଙ୍କ ପୁଅ ଅହାନ ଶେଟ୍ଟୀ ଓ ତାରା ସୁତାରିଆଙ୍କ ଫିଲ୍ମ 'ତଡପ' ରିଲିଜ୍‌ର ପ୍ରଥମ ୩ ଦିନରେ ୧୩ କୋଟିରୁ ଅଧିକ ଟଙ୍କା ଆୟ କରିଛି।


୦୫



୦୬


### ଦେବାଶିଷଙ୍କୁ ଟାଇଟଲ

ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ନାଗପୁରରେ ଅନୁଷ୍ଠିତ ସର୍ବଭାରତୀୟ ଫିଡେ ବ୍ଲିଜ୍ ରେଟିଂ ଚେସ୍ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି।



# 'ଭାରତ ବୃହତ୍ ଶକ୍ତି, ଭରସାଯୋଗ୍ୟ ବନ୍ଧୁ'

ନୂଆଦିଲ୍ଲୀ, ୬।୧୨

ଭାରତ ଗସ୍ତରେ ଆସିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସୋମବାର ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ୨୧ତମ ଭାରତ-ରୁଷିଆ ଶିଖର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ୨୮ ରାଜିନାମା ସ୍ୱାକ୍ଷର ହୋଇଛି, ଯାହା ଆତଙ୍କବାଦ ଦମନ ଭଳି ବୃହତ୍ ଚ୍ୟାଲେଞ୍ଜର ମୁକାବିଲା କରିବାରେ ଦୁଇଦେଶର ସହଯୋଗକୁ ଆହୁରି ମଜଭୁତ କରିବ। ପ୍ରଧାନମନ୍ତ୍ରୀଙ୍କ ସହ ପୁଟିନ୍‌ଙ୍କ ଆଲୋଚନା ବେଶ୍ ଫଳପ୍ରଦ ହୋଇଥିବା ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା କହିଛନ୍ତି। ବୈଠକରେ ଆତଙ୍କବାଦଠାରୁ ଆରମ୍ଭ କରି ଆଫଗାନିସ୍ତାନ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ତଥା ଦ୍ୱିପାକ୍ଷିକ

## ମୋଦି-ପୁଟିନ୍ ଆଲୋଚନା

### ଆତଙ୍କବାଦ ମୁକାବିଲାକୁ ଗୁରୁତ୍ୱ

ପ୍ରସଙ୍ଗ ସ୍ଥାନ ପାଇଥିଲା। ଆଫଗାନିସ୍ତାନ ପ୍ରସଙ୍ଗରେ ଭାରତ ଓ ରୁଷିଆ ପରସ୍ପର ସହ ପରାମର୍ଶ ଓ ସହଯୋଗ ଜାରି ରଖିବା ଲାଗି ସହମତ ହୋଇଛନ୍ତି। ଆଫଗାନ ମାଟିକୁ ଆତଙ୍କବାଦୀଙ୍କ ଭୂସ୍ୱର୍ଗ କରାଇ ନ ଦେବା ଉପରେ ଉଭୟ ପକ୍ଷ ଗୁରୁତ୍ୱ ଦେଇଥିଲେ।

ଆଲୋଚନାରେ ସାମରିକ ତଥା ଶକ୍ତି କ୍ଷେତ୍ରରେ ସହଯୋଗକୁ ପ୍ରାଥମିକତା ଦିଆଯାଇଥିଲା। ସୀମାପାର ଆତଙ୍କବାଦ ବିରୋଧରେ ଲଢ଼େଇ ଉପରେ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ନିଶା ଚୋରା କାରବାର ଓ ☞ପୃଷ୍ଠା-୨



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## ଏକେ-୨୦୩ ରାଇଫଲ ଚୁକ୍ତି

### ୨୦୩୧ ଯାଏ ବଢ଼ିଲା ସାମରିକ ସହଯୋଗ

ଭାରତ ଓ ରୁଷିଆ ମଧ୍ୟରେ ସୋମବାର ୫,୦୦୦ କୋଟି ଟଙ୍କାର ଏକେ-୨୦୩ ରାଇଫଲ ଚୁକ୍ତି ସମେତ ବିଭିନ୍ନ ସାମରିକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ତାଙ୍କ ରୁଷିଆ ପ୍ରତିପକ୍ଷ ସର୍ଗେଇ ଶୋୟଗୁଙ୍କ ମଧ୍ୟରେ ବୈଠକ ଅବସରରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଦୁଇ ଦେଶ ମଧ୍ୟରେ ସାମରିକ ସହଯୋଗ ୨୦୩୧ ପର୍ଯ୍ୟନ୍ତ ବଢ଼ାଇବାକୁ ଏହି ଅବସରରେ ନିଷ୍ପତ୍ତି ହୋଇଛି। ଦୁଇ ଦେଶ ମଧ୍ୟରେ ସହଯୋଗ ସମଗ୍ର ଅଞ୍ଚଳରେ ଶାନ୍ତି, ସମୃଦ୍ଧି ଓ ସ୍ଥିରତା ଆଣିବ ବୋଲି ବୈଠକ ଶେଷରେ ରାଜନାଥ କହିଛନ୍ତି। ୨୦୨୧-୩୧ ସାମରିକ-ପ୍ରଯୁକ୍ତି ସହଯୋଗ ଚୁକ୍ତିନାମା ଅନୁଯାୟୀ ଉତ୍ତରପ୍ରଦେଶର ଅମେଠିରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଏକେ-୨୦୩ ରାଇଫଲ ନିର୍ମାଣ କରାଯିବ। ସେହିପରି କଲାଶନିକୋଭ୍ ସିରିଜ୍ କ୍ଷୁଦ୍ର ଅସ୍ତ୍ର ନିର୍ମାଣ କ୍ଷେତ୍ରରେ ସହଯୋଗ ଲାଗି ୨୦୧୯ ଫେବୃଆରୀ ୧୮ରେ ହୋଇଥିବା ଚୁକ୍ତିନାମାରେ ସଂଶୋଧନ ପାଇଁ ଆଉ ଏକ ରାଜିନାମା ହୋଇଛି।

# ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରସଙ୍ଗ ଉଠାଇଲା ଭାରତ

ନୂଆଦିଲ୍ଲୀ, ୬।୧୨(ପି.ଟି.)

ଭାରତ ଓ ରୁଷିଆର ପ୍ରତିରକ୍ଷା ଏବଂ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ସୋମବାର ୨+୨ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ଏହାର ଉତ୍ତରାଞ୍ଚଳ ସୀମାରେ ପଡୋଶୀ ଦେଶର ଅତ୍ୟଧିକ ସାମରିକୀକରଣ ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରସଙ୍ଗ ଉଠାଇଛି। ବୈଠକରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଭାରତ ଏହାର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ଦେଶବାସୀଙ୍କ ଅନ୍ତର୍ନିହିତ ସାମର୍ଥ୍ୟ ବଳରେ ଯେକୌଣସି ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ଦୃଢ଼ ନିଶ୍ଚିତ। ବୈଠକରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତାଙ୍କ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭରୋଭ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ସର୍ଗେଇ ଶୋଇଗୁ ଯୋଗ ଦେଇଥିଲେ। ମହାମାରୀ ସମୟରେ ପଡୋଶୀ ଦେଶ ଉତ୍ତର ସୀମାରେ ଅତ୍ୟଧିକ ସାମରିକୀକରଣ ଏବଂ ☞ପୃଷ୍ଠା-୨

# ବିରୋଧୀ ଅଟଳ, ଗୃହ ଅଚଳ



ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାକୁ ନେଇ ଗତ ୫ ଦିନ ହେବ ବିଧାନସଭା ଅଚଳ ହୋଇଛି। ବିରୋଧୀ ଭାଜପା ଏବଂ କଂଗ୍ରେସର ଗୋଟିଏ ଜିଦ୍ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇ ମାମଲାର ସିବିଆଇ ତଦନ୍ତ କରାଯାଉ। ଏହି ଦାବିକୁ ଶାସକ ଦଳ ଗ୍ରହଣ କରିବାକୁ ନାରାଜ। ବରଂ ବିରୋଧୀଙ୍କୁ କାଉଣ୍ଟର କରିବାକୁ ଶାସକ ବିଜେଡି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କମ୍ ଯୋଗାଇବା, ଦରଦାମ୍ ବୃଦ୍ଧି ଏବଂ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ଦେବାକୁ ଦାବିକରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛି। ବିରୋଧୀ ଓ ଶାସକଙ୍କ ହଟ୍ଟଗୋଳ ଯୋଗୁ ସୋମବାର ମଧ୍ୟ ଗୃହ କାର୍ଯ୍ୟ ହୋଇପାରି ନ ଥିଲା।

୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ଏହା ପୂର୍ବରୁ ପ୍ରସ୍ତୁତ ହୋଇଥିବା କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ

## ମମିତା ମେହେର ହତ୍ୟା ପ୍ରସଙ୍ଗ

### ସର୍ବଦଳୀୟ ବୈଠକ ଫେଲ୍

ଉଠିଯାଇ ବ୍ୟାନର ଓ ପୋଷ୍ଟର ଦେଖାଇ ପ୍ରତିବାଦ ଜଣାଇଥିଲେ। ମମିତାଙ୍କୁ ନ୍ୟାୟ ଆମର ଦାବି, ସରକାର ତୁମେ ମାନି ନିଅ... ମାନି ନିଅ ସ୍ଲୋଗାନ ଦେଇଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗରେ ପୋଷ୍ଟର ବ୍ୟାନର ଓ ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ମୁଖା ପିନ୍ଧି ପ୍ରତିବାଦ କରିଥିଲେ। ପାଇକ ବିଦ୍ରୋହକୁ କେନ୍ଦ୍ର ସରକାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ଦାବିକରି ପାଟି କରିଥିଲେ। ବାଚସ୍ପତି ବିରୋଧୀ ଓ ଶାସକ ଦଳର ସଦସ୍ୟଙ୍କୁ ସିଟ୍‌ରେ ବସିବାକୁ ନିବେଦନ କରି ବିଫଳ ହୋଇଥିଲେ। ଫଳରେ ମାତ୍ର ୩ ମିନିଟ୍ ପରେ ଅର୍ଥାତ ୧୦ଟା ୩୩ ମିନିଟ୍‌ରେ ବାଚସ୍ପତି ☞ପୃଷ୍ଠା-୨


ଆଜିର ସମ୍ପାଦକୀୟ

ଏଥର ଶ୍ରୀକୃଷ୍ଣ



DADLS - 43

ଓଡ଼ିଶା ସରକାର

## ସତର୍କ ରୁହନ୍ତୁ, ଭୟଭୀତ ହୁଅନ୍ତୁ ନାହିଁ

କରୋନା ଭୂତାଣୁ ବାରମ୍ବାର ତାର ରୂପ ବଦଳାଉଛି। ନିକଟରେ ଅଧିକ ସଂକ୍ରାମକ 'ଓମିକ୍ରନ୍' ଭୂତାଣୁ ଆମ ଦେଶରେ ମଧ୍ୟ ଚିହ୍ନଟ ହୋଇଛି।

### କରୋନା ପ୍ରତିରୋଧ ପାଇଁ ସୁରକ୍ଷା କବଚ




- ନିୟମିତ ୪୦ ସେକେଣ୍ଡ୍ ପର୍ଯ୍ୟନ୍ତ ହାତକୁ ଭଲଭାବରେ ଧୁଅନ୍ତୁ
- ସର୍ବଦା ସଠିକ୍ ଭାବରେ ମାସ୍କ ବ୍ୟବହାର କରନ୍ତୁ
- ୨ ମିଟର ଶାରୀରିକ ଦୂରତା ରଖନ୍ତୁ
- ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକା ନିଶ୍ଚୟ ନିଅନ୍ତୁ

'ଓମିକ୍ରନ୍' ସଂକ୍ରମିତ ଦେଶରୁ ସଦ୍ୟ ଫେରିଥିବା କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି କୋଭିଡ୍ ନେଗେଟିଭ୍ ଥିଲେ ମଧ୍ୟ ୭ ଦିନ ସଙ୍ଗରୋଧରେ ରହିବେ ଓ ଅଷ୍ଟମ ଦିନ ଆର୍.ଟି.ପି.ସି.ଆର୍ ପରୀକ୍ଷା କରାଇବେ। ପଜିଟିଭ୍ ଚିହ୍ନଟ ହେଲେ ହସ୍ପିଟାଲ୍ ଆଇସୋଲେସନ୍ ବାଧ୍ୟତାମୂଳକ। ରିପୋର୍ଟ ନେଗେଟିଭ୍ ହେଲେ ଆଉ ୭ ଦିନ ନିଜ ନିରୀକ୍ଷଣରେ ରହିବେ।

ଅଧିକ ବିବରଣୀ ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ.୧୦୪ ରେ ଯୋଗାଯୋଗ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ଦ୍ୱାରା ଜନହିତରେ ଜାରି

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-15001/13/0081/2122



www.licindia.in

## ଏଲ୍ଆଇସି ପଲିସୀଧାରକ, ଧ୍ୟାନ ଦିଅନ୍ତୁ:

# ପ୍ରସ୍ତୁତ ହେବା ପାଇଁ ଏହା ଜୀବନର ସର୍ବୋତ୍ତମ ସମୟ।

ଭାରତ ସରକାର ଲାଇଫ୍ ଇନସୁରାନ୍ସ କର୍ପୋରେସନ୍ ଆକ୍ଟ, 1956 ରେ ସଂଶୋଧନ କରିଛନ୍ତି, ଯାହାକି କର୍ପୋରେସନ୍‌କୁ ଏହାର ପ୍ରସ୍ତାବିତ ସାର୍ବଜନିକ ପ୍ରସଙ୍ଗରେ ଅଂଶଧନ ସଂରକ୍ଷଣ କରିବାକୁ ଅନୁମତି ଦେଇଛି।*

ଅଂଶଗ୍ରହଣ କରିବାକୁ ସକ୍ଷମ ହେବା ନିମନ୍ତେ, ପଲିସୀଧାରକମାନେ ଦୁଇଟି ପଦକ୍ଷେପ ନେବା ଜରୁରୀ:

**1 ଏଲ୍ଆଇସି ସହିତ ଆପଣଙ୍କର ବ୍ୟକ୍ତିଗତ ରେକର୍ଡଗୁଡିକ ଅପଡେଟ୍ କରନ୍ତୁ**



- www.licindia.in ଭିଜିଟ୍ କରନ୍ତୁ ଏବଂ ଅନଲାଇନ୍‌ରେ ଆପଣଙ୍କର ସ୍ଥାୟୀ ଆକାଉଣ୍ଟ ନମ୍ବର (PAN) ପଞ୍ଜିକରଣ କରିବା ପାଇଁ ଆଇକନ୍ ଉପରେ କ୍ଲିକ୍ କରନ୍ତୁ।
- ଆପଣଙ୍କର ଜନ୍ମ ତାରିଖ, ଲିଙ୍ଗ, ଇମେଲ୍ ID, PAN, ପୂରା ନାମ, ମୋବାଇଲ ନମ୍ବର ଏବଂ ଏଲ୍ଆଇସି ପଲିସୀ ନମ୍ବର ଦିଅନ୍ତୁ।
- ଆପଣଙ୍କର ସମସ୍ତ LIC ପଲିସୀ ପାଇଁ ଆପଣଙ୍କର PAN ରେକର୍ଡଗୁଡିକ ଅପଡେଟ୍ କରିବା ପାଇଁ ନିର୍ଦ୍ଦେଶାବଳୀ ଅନୁସରଣ କରନ୍ତୁ।

କୌଣସି ସହାୟତା ପାଇଁ ଆପଣଙ୍କ LIC ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିପାରିବେ।

**2 ଏକ DEMAT ଆକାଉଣ୍ଟ ଖୋଲନ୍ତୁ (ଯଦି ଆପଣ ପାଖରେ ନାହିଁ)**

- ଏକ DEMAT ଖାତା ଖୋଲିବାକୁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପାଣ୍ଟ (DP) ପାଇଁ ଏହି ୱେବସାଇଟଗୁଡିକ ମଧ୍ୟରୁ କୌଣସିଟି ଭିଜିଟ୍ କରନ୍ତୁ:

  NSDL:
  https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=19

  CDSL:
  https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=18
- DEMAT ଖାତା ଖୋଲିବା ପାଇଁ ଆପଣଙ୍କୁ ନିମ୍ନଲିଖିତ ଦସ୍ତାବିଜ୍ କୁ ପ୍ରଦାନ କରିବା ଜରୁରୀ:
  - ସାମ୍ପ୍ରତିକ ଫଟୋଗ୍ରାଫ
  - PAN କାର୍ଡ
  - ଠିକଣା ପ୍ରମାଣ
  - କ୍ୟାନସେଲ୍ ଚେକ୍
- DP ଅଧିକ ସୂଚନା ବି ଚାହିଁ ପାରନ୍ତି।

କୌଣସି ସହାୟତା ପାଇଁ ଆପଣଙ୍କର ବ୍ୟାଙ୍କର କିମ୍ବା ବ୍ରୋକରଙ୍କ ସହିତ ଯୋଗାଯୋଗ କରନ୍ତୁ।

**ଦୟାକରି ଧ୍ୟାନ ଦିଅନ୍ତୁ**

ଏହି ବିଜ୍ଞପ୍ତି କିମ୍ବା ପଲିସୀଧାରକଙ୍କ ସହ ଶେୟାର କରାଯାଉଥିବା କୌଣସି ସୂଚନା ନିଗମର ଇକ୍ୱିଟୀ ଶେୟାରର ଅଫର୍ ନୁହେଁ। ପଲିସୀଧାରକମାନେ ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ନିକଟକୁ ଯିବାକୁ ପଡିବ ଏବଂ DEMAT ଆକାଉଣ୍ଟ ଏବଂ ଏହାର କାର୍ଯ୍ୟକାରିତା ପାଇଁ ପୂରା ଦାୟୀ ରହିବାକୁ ପଡିବ। ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ପଲିସୀଧାରକ ବହନ କରିବେ। କୌଣସି ନିଶ୍ଚିତତା ନାହିଁ ଯେ ପଲିସୀଧାରକ ଯେକୌଣସି ପ୍ରସ୍ତାବିତ ପ୍ରଚଳନରେ ପଲିସୀଧାରକଙ୍କ ପାଇଁ ଶେୟାର ସଂରକ୍ଷଣ ଘଟଣା ନିମନ୍ତେ ମଧ୍ୟ ସେମାନେ ଆବେଦନ କରୁଥିବା ଯେକୌଣସି କିମ୍ବା ସମସ୍ତ ଇକ୍ୱିଟୀ ଶେୟାର ବଣ୍ଟନ କରାଯିବ। କର୍ପୋରେସନ୍ ଏହାର ଇକ୍ୱିଟୀ ଶେୟାରଗୁଡିକର ପ୍ରଦର୍ଶନକୁ ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ଏକ ସାଧାରଣ ଅଫର୍‌ରେ କୌଣସି ବିନିଯୋଗ ସହିତ ଜଡିତ ବିପଦ ବିଷୟରେ ନିବେଶକମାନେ ସଚେତନ ହେବା ଆବଶ୍ୟକ ଅଟେ।
ପଲିସୀଧାରକଙ୍କ ପାଇଁ ପ୍ରସ୍ତାବିତ ସଂରକ୍ଷଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://licindia.in/ipo

*ପ୍ରସ୍ତାବିତ IPOର ସବିଶେଷ ତଥ୍ୟ ବୃତ୍ତାନ୍ତ ହେବା ପରେ ସୂଚିତ କରାଯିବ।

ଲାଇଫ ଇନ୍ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/RKS/2021-22/39/ORI

ଆମକୁ ଅନୁସରଣ କରନ୍ତୁ: LIC India Forever | IRDAI Regn No.: 512

**ଆଜିର ମନ୍ତବ୍ୟ**

"ଭାରତ-ରୁଷିଆ ସାମରିକ ସମ୍ପର୍କ ଅଧିକ ସୁଦୃଢ଼ ହେବାରେ ଲାଗିଛି। କୋଭିଡ୍ ମହାମାରୀ ସତ୍ତ୍ୱେ ସମ୍ପର୍କରେ କୌଣସି ପରିବର୍ତ୍ତନ ହୋଇନାହିଁ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶୁଭମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋକ ରଖି ଖା, ଭୋକ ରଖି ଆ
ଚଉଷଠି ବ୍ୟାଧି ପାଖ ନ ଯା।**

ଭୋକକୁ ଶେଷ କରିବା ପାଇଁ ପେଟପୂରା ଖାଦ୍ୟ ଖାଇବା ଉଚିତ ନୁହେଁ। ଭୋକ କିଛି ମାତ୍ରାରେ ରହିବା ଭଲ ହୋଇଥିବାବେଳେ ପେଟପୂରା ଖାଦ୍ୟ ନ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଜି ଗାଁରେ କୁଜି,
ଯେଉଁ ଗାଁରେ ଦେବତା ନ ଥାନ୍ତି,
ଶିଳପୁଆଟାଏ ପୂଜି।**

ସାଧାରଣତଃ ଯୋଗ୍ୟ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ମିଳୁଥିବାବେଳେ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟିଥାନ୍ତି। ତେବେ ଯୋଗ୍ୟ ବ୍ୟକ୍ତି ନ ଥିବା ବେଳେ ଅଯୋଗ୍ୟ ବ୍ୟକ୍ତି ଆଦର ଲଭେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୧ ହଜାର ଦ୍ୱାଦଶ ଛାତ୍ରୀଛାତ୍ରଙ୍କୁ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପ୍ରଦାନ

- ଏକାଦଶ ମେଧାବୃତ୍ତି ପାଇଁ ଅନ୍‌ଲାଇନ୍ ଆବେଦନ ଆରମ୍ଭ
- କନିଷ୍ଠ ମେଧାବୃତ୍ତି ଆବେଦନ ତାରିଖ ଘୁଞ୍ଚିଲା

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଦ୍ୱାଦଶ ଶ୍ରେଣୀର ୧୦୦୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ୨୦୨୦-୨୧ ଓ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ 'ପଠାଣି ସାମନ୍ତ ଗଣିତ ମେଧାବୃତ୍ତି' ପ୍ରଦାନ କରାଯାଇଛି। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ମୋଟ୍ ୧ କୋଟି ଟଙ୍କା ଦିଆଯାଇଛି। ଏହି ବୃତ୍ତି ମାଟ୍ରିକ ପରୀକ୍ଷାରେ ସାମଗ୍ରିକ ଭାବରେ ଓ ବିଶେଷକରି ଗଣିତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ପ୍ରଦାନ କରିଥାନ୍ତି। ମୋଟ ୧,୦୨୭ଜଣ ଛାତ୍ରୀଛାତ୍ର ଷ୍ଟେଟ୍ ସ୍କଲାରଶିପ୍ ପୋର୍ଟାଲ https://scholarship.odisha.gov.inରେ ଆବେଦନ କରିଥିଲେ। ଅଧ୍ୟକ୍ଷଙ୍କ ସୁପାରିସ ଆଧାରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ୧ ହଜାର ମେଧାବୀଙ୍କୁ ବୃତ୍ତି ପ୍ରଦାନ କରାଯାଇଛି।

ସେହିପରି ୨୦୨୧-୨୨ ଶିକ୍ଷା ବର୍ଷରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ୧ ହଜାର ମେଧାବୀ ଛାତ୍ରୀଛାତ୍ରଙ୍କୁ ୫ହଜାର ଟଙ୍କା ଲେଖାଏ 'ପଠାଣି ସାମନ୍ତ ଗଣିତ ମେଧାବୃତ୍ତି' ପ୍ରଦାନ ପାଇଁ ଷ୍ଟେଟ୍ ସ୍କଲାରଶିପ୍ ପୋର୍ଟାଲ ମାଧ୍ୟମରେ ଆବେଦନ ପାଇଁ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ୧୦ହଜାର ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୩ହଜାର ଟଙ୍କା ଲେଖାଏ କନିଷ୍ଠ ମେଧାବୃତ୍ତି ପ୍ରଦାନ ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ଆବେଦନ ପାଇଁ ଶେଷ ତାରିଖ ଡିସେମ୍ବର ୫ ରହିଥିଲା। କିନ୍ତୁ ଶେଷ ତାରିଖ ସୁଦ୍ଧା ମାତ୍ର ୧,୯୨୮ ଛାତ୍ରୀଛାତ୍ର ଆବେଦନ କରିଥିବାରୁ ଏହାକୁ ଆସନ୍ତା ୨୭ ତାରିଖକୁ ବୃଦ୍ଧି କରାଯାଇଛି। ଏହି ବୃତ୍ତି ପାଇଁ ସିବିଏସ୍‌ଇ, ଆଇସିଏସ୍‌ଇ, ସିଏଚ୍‌ଏସ୍‌ଇ ଆଦି ବୋର୍ଡ ଅଧୀନରେ ପଢୁଥିବା ଶତକଡ଼ା ୬୦ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ଆବେଦନ କରିବା ପାଇଁ ଉତ୍ସାହିତ କରିବାକୁ ଅଧ୍ୟକ୍ଷମାନଙ୍କୁ ନିବେଦନ କରାଯାଇଛି। ଛାତ୍ରୀଛାତ୍ରମାନେ ଏହାର ସୁଯୋଗ ନେବା ସଙ୍ଗେ ସଙ୍ଗେ ଅଧ୍ୟୟନରେ ମନଯୋଗୀ ହୁଅନ୍ତୁ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଆହ୍ୱାନ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସମସ୍ତ କାମ ଠିକ୍ ଭାବରେ ଚାଲିବ କିନ୍ତୁ ଟିକ୍‌ଟକ୍ ମଧ୍ୟରେ। ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

**ବୃଷ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ବିନା କାରଣରେ ଅନ୍ୟମାନଙ୍କ ରୋଷର କାରଣ ବନିଯିବେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ସ୍ଥଗିତ କାମରେ ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କର୍କଟ** ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ହାତରୁ ଖାଇ ପର ପାଇଁ ଖଟିବେ, ସାମାନ୍ୟ ବାହାବା ବ୍ୟତୀତ ଆଉ କିଛି ପାଇବେ ନାହିଁ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ, ମାତ୍ର କିଛି ଅନିଷ୍ଟ କରିପାରିବେ ନାହିଁ।

**ସିଂହ** ମନର କଥାଟିକୁ ଲୁଚାଇରଖି ହସଖୁସିରେ କଥାବାର୍ତ୍ତା କରିବାକୁ ବାଧ୍ୟ ହେବେ। ଆଜି ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା କଷ୍ଟକର ହୋଇପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ।

**କନ୍ୟା** ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଯଥା ସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ତୁଳା** କର୍ମକ୍ଷେତ୍ରରେ ଯାହା ଓ ଯେମିତି ମନଧରି କାମକଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** ଆଜି ବନ୍ଧୁଙ୍କ ସହାୟତାରେ ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ।

**ଧନୁ** ଛୋଟ ଛୋଟ କଥାକୁ ଧରିବସିଲେ ନିଜେ ହିଁ ଅସୁବିଧାର ସମ୍ମୁଖୀନ ହେବେ। ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଙ୍କୁଚିତ କରି ରଖିବ। ସବୁ କାମରେ ପଛୁଆ ହେତୁ ମାନେ ନିଜକୁ ଅପାରଗ ମନେ କରିପାରନ୍ତି। ଘର ସାଜସଜ୍ଜାରେ ସମୟ ଅତିବାହିତ କରିବେ।

**ମକର** ସାମାଜିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ଏବଂ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶତ୍ରୁପୀଡ଼ାଜନିତ ଟେନ୍ସନ ଲାଗି ରହିବାର ଆଶଙ୍କା ଉପୁଜିପାରେ।

**କୁମ୍ଭ** ବିଭିନ୍ନ ପ୍ରକାରର ଅସୁବିଧା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ପଡ଼ିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ସଫଳତା ହାସଲ କରିବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ମୀନ** କାର୍ଯ୍ୟହାସଲ ହେବା କାରଣରୁ ମାନସିକ ସ୍ଥିତି ଆଜି ପ୍ରାୟତଃ ଭଲ ରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ଉତ୍ତରଭାଦ୍ରବ ନକ୍ଷତ୍ର ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

# ଫସଲ କ୍ଷୟକ୍ଷତି ରିପୋର୍ଟ ମାଗିଲେ ସରକାର

## ୭ ଦିନ ମଧ୍ୟରେ ଦାଖଲ ନିର୍ଦ୍ଦେଶ

## ଆଜିଠୁ ପାଗ ଶୁଖିଲା

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ବାତ୍ୟା 'ଜୱାଦ' ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁ ଚାଷ କ୍ଷତିଗ୍ରସ୍ତ ହୋଇଛି। ଧାନ ସହିତ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଛି। ତେଣୁ ଫସଲ କ୍ଷୟକ୍ଷତି ରିପୋର୍ଟ ଜିଲାପାଳଙ୍କୁ ମଗାଯାଇଛି। ୭ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସୂଚନା ଦେଇଛନ୍ତି। ଯେଉଁ ଚାଷୀମାନେ ପ୍ରଭାବିତ ହୋଇଥିବେ ରିଲିଫ କୋଡ୍ ଅନୁସାରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ 'ଜୱାଦ' ଆହୁରି ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହା ସହିତ ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ନ ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ଉପକୂଳ ତଥା ସଂଲଗ୍ନ ଜିଲାଗୁଡ଼ିକରେ ପାଗ ମେଘୁଆ ରହିଛି। ମଙ୍ଗଳବାରଠାରୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏଥିସହ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇ ସ୍ୱାଭାବିକ ଶୀତ ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ତେବେ ରବିବାର ରାତିରୁ ସୋମବାର ସକାଳ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ



ପ୍ରବଳ ବର୍ଷା ହୋଇଥିଲା। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଏହି ସମୟରେ ଏରସମାରେ ସର୍ବାଧିକ ୨୩୪ ମି.ମି. ବର୍ଷା ହୋଇଥିବାବେଳେ ପାରାଦୀପରେ ୨୦୦.୫, ବାଲିକୁଦରେ ୧୫୪, କୁଜଙ୍ଗ ୧୪୦, ନୁଆଗାଁ ୧୩୧, ମାର୍ଶାଘାଇ ୧୨୮, ଗରଦପୁର ୧୨୮, ରାଜନଗର ୧୧୮, କାକଟପୁର ୧୧୭.୨, ତିର୍ତ୍ତୋଲ ୧୧୫, ଅସ୍ତରଙ୍ଗ ୧୦୯, ମହାକାଳପଡ଼ା ୧୦୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେପଟେ ରାଜସ୍ୱ ବିଭାଗର ରିପୋର୍ଟ ଅନୁସାରେ, ରାଜ୍ୟରେ ଡିସେମ୍ବର ୪ରୁ ୬ ତାରିଖ ମଧ୍ୟରେ ୩୫.୮ ମି.ମି. ବୃଷ୍ଟିପାତ ହୋଇଛି। ୩ ଜିଲାରେ ୧୦୦ ମି.ମି.ରୁ ଅଧିକ ବର୍ଷା ହୋଇଛି। ସେହି ଜିଲାଗୁଡ଼ିକ ହେଲା ଜଗତ୍‌ସିଂହପୁର ୧୯୨ ମି.ମି., କେନ୍ଦ୍ରାପଡ଼ା ୧୩୩.୯ ମି.ମି. ଏବଂ ପୁରୀରେ ୧୧୩.୫ ମି.ମି.। ସେହିଭଳି ଖୋର୍ଦ୍ଧାରେ ୭୪.୮ ମି.ମି., ଗଞ୍ଜାମ ୭୩.୩ ମି.ମି., କଟକ ୬୧.୮ ମି.ମି., ବାଲେଶ୍ୱରରେ ୫୩.୪ ମି.ମି., ନୟାଗଡ଼ରେ ୫୨.୩ ମିମି ଏବଂ ଭଦ୍ରକରେ ୫୧.୬ ମିମି ଅର୍ଥାତ୍ ଏହି ୬ଟି ଜିଲାରେ ହାରାହାରି ୫୦ ମି.ମି. ବୃଷ୍ଟିପାତ ହୋଇଛି। ୮ ଜିଲାରେ ହାରାହାରି ବୃଷ୍ଟିପାତ ୧୦ମି.ମି.ରୁ ଅଧିକ ଓ ୧୨ ଜିଲାରେ ଏହାଠାରୁ କମ୍ ପରିମାଣର ବର୍ଷା ହୋଇଥିବା ରାଜସ୍ୱ ବିଭାଗ ସୂଚନା ଦେଇଛି।


## classifieds Everyday
0674-2580101, 2549302




**HIRE**

JCB Machine Excavators 38T, 22T,20T,12T,10T, 8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email-kttbbsr@gmail.com.
D-22404




**SALE**

Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117. D-71741

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759.
D-71748

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

Layer poultry farm for Lease/Sale 70km. from Bhubaneswar. Contact: 7008566481.
D-22420

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner-9090963952. D-71746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469




To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211




Newly open SPA Offer Price @ 599/-, positively health benefits. 8455987557. D-71445

Refreshing your mind and body with the best therapy. 7873794731.
D-71913

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open SPA positively health benefit with expert. Contact: 7749976301. D-71914

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open SPA Offer Price @ 699/-, positively health benefits. 7846814019. D-71444




Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers - 9337987055, 9861223512. D-22474

**ସର୍ବଭାରତୀୟ ସଂସ୍ଥା ବିଜ୍ଞାନ ଶିକ୍ଷା ଓ ଗବେଷଣା କେନ୍ଦ୍ର IISER ରେ ସଫଳତା**



ଆସିକା ବ୍ଲକ୍ ଅନ୍ତର୍ଗତ ନଳବଣ୍ଟା ଗ୍ରାମ ନିବାସୀ ଶ୍ରୀଯୁକ୍ତ ଭଗବାନ ପାଢୀ ଓ ଶ୍ରୀମତୀ ପୁଷ୍ପାଞ୍ଜଳି ପାଢୀଙ୍କ କନ୍ୟା ସ୍ମୃତିରେଖା ପାଢୀ (IIT JAM) ରେ ସଫଳ ଲାଭ କରିଅଛନ୍ତି। ଏହି ସଫଳତା ପୂର୍ବକ ସେ IIT Bhilai ଏବଂ NIT, Trichi ଓ IISER Tirupatiରେ ଶିକ୍ଷା ଗ୍ରହଣ କରିବା ପାଇଁ ମନୋନିତ ହୋଇଛନ୍ତି। ଏଥି ମଧ୍ୟରୁ ସେ IISER Tirupati ରେ Intergrated PHD ରେ ଶିକ୍ଷା ଗ୍ରହଣ କରିବା ପାଇଁ ଜଏନ୍ କରିଅଛନ୍ତି। ତତ୍ ସହିତ ସ୍ମୃତିରେଖା ଆମେରିକାର ରାଜଧାନୀ ୱାସିଂଟନ୍‌ରେ ଥିବା ACS ଆମେରିକାନ୍ କେମିକାଲ୍ ସୋସାଇଟିରେ ଜଣେ ସଦସ୍ୟ ହେବାରେ ସମ୍ପୂର୍ଣ୍ଣ ସଫଳତା ଲାଭ କରିଅଛନ୍ତି। ପ୍ରକାଶ ଥାଉକି, ସ୍ମୃତିରେଖାଙ୍କ ବଡଭାଇ, ନିତେଶ କୁମାର ପାଢୀ, ଭାରତ ସରକାରଙ୍କ ସଂସ୍ଥା CTTC ରେ ଭୁବନେଶ୍ୱର ପଟିଆରେ ଜଣେ କନିଷ୍ଠ ବୈଜ୍ଞାନିକ ଭାବେ ISRO ରେ କାର୍ଯ୍ୟରତ। ଏହି ସଫଳତା ପାଇଁ ସମସ୍ତ ବନ୍ଧୁ ପରିଜନ, ଶିକ୍ଷକ ଶିକ୍ଷୟିତ୍ରୀ, କୋଚିଂ ସେଣ୍ଟର ବ୍ରହ୍ମପୁରରେ ଥିବା Science House ର ସମସ୍ତ କୋଚରଙ୍କୁ ସେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସଫଳତା ଲାଗି ସମସ୍ତ ଜ୍ଞାତିକୁଟୁମ୍ବ ବନ୍ଧୁପରିଜନ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି।
ଧ-୯୯୪୭୭


## 'ଭାରତ ବୃହତ୍...

ପ୍ରଥମ ପୃଷ୍ଠାରୁ...

ସଂଗଠିତ ଅପରାଧ ଉଭୟ ଦେଶର ମୁଖ୍ୟ ଚ୍ୟାଲେଞ୍ଜ ହୋଇଥିବାରୁ ଏହାର ମୁକାବିଲାରେ ପରସ୍ପରକୁ ସହଯୋଗ କରିବାକୁ ଦୁଇ ନେତା ସହମତ ହୋଇଥିଲେ। ଅନ୍ତର୍ଜାତୀୟ ପ୍ରସଙ୍ଗରେ ମିଳିତ ସହଯୋଗ ଜାରି ରହିବାକୁ ସେମାନେ ରାଜି ହୋଇଛନ୍ତି। ବୈଠକ ଆରମ୍ଭରେ ରୁଷିଆ ରାଷ୍ଟ୍ରପତି ଭାରତକୁ ଏକ ବୃହତ ଶକ୍ତି ତଥା ସମୟ କଷଟିରେ ପରୀକ୍ଷିତ ବନ୍ଧୁ ବୋଲି କହିଥିଲେ। ସେହିପରି ମୋଦି କହିଥିଲେ, କୋଭିଡ୍-୧୯ ମହାମାରୀ ଭଳି ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ-ରୁଷିଆ ସହଯୋଗ ବଢ଼ିଚାଲିଛି। ଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱ ଅନେକ ମୌଳିକ ପରିବର୍ତ୍ତନ ଦେଖିଛି ଓ ବହୁ ଭୂରାଜନୈତିକ ସମୀକରଣ ମୁଣ୍ଡ ଟେକିଛି। ହେଲେ ଭାରତ-ରୁଷିଆ ସମ୍ପର୍କରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆମର ସାମରିକ ସହଯୋଗ ସୁଦୃଢ଼ ହେଉଛି। ବାସ୍ତବରେ ଦୁଇଦେଶର ବନ୍ଧୁତା ଅନନ୍ୟ ତଥା ବିଶ୍ୱସ୍ତ ମଡେଲ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସୋମବାର ସନ୍ଧ୍ୟାରେ ପୁଟିନ୍ ନୂଆଦିଲ୍ଲୀରେ ପହଞ୍ଚିବା ପରେ ମୋଦିଙ୍କୁ ହାଇଦ୍ରାବାଦ ହାଉସ୍‌ରେ ଭେଟିଥିଲେ। ଏହା ପୂର୍ବରୁ ଦୁଇଦେଶର ପ୍ରତିରକ୍ଷା ଓ ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ୨+୨ ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଭାରତର କ୍ୱାଡ୍ ଗ୍ରୁପ୍‌ର ସଦସ୍ୟ ରାଷ୍ଟ୍ର ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହ ଏଭଳି ବୈଠକ ଅନୁଷ୍ଠିତ ହୋଇଛି।

## ଚାଇନାର ଆକ୍ରମଣାତ୍ମକ...

ସୀମାରେ ଅସ୍ତ୍ରଶସ୍ତ୍ର ଠୁଳ କରିବା ଘଟଣା ଉତ୍ତେଜନା ସୃଷ୍ଟି କରୁଛି। ୨୦୨୦ ମେ'ରୁ ସୀମାରେ ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗି ରହିଛି ବୋଲି ରାଜନାଥ ଚାଇନା ନାଁ ନ ନେଇ କହିଥିଲେ। ଭାରତ ବିକାଶକୁ ଅଧିକ ଗୁରୁତ୍ୱ ଦେଉଥିଲେ ହେଁ ସାମରିକ ଚ୍ୟାଲେଞ୍ଜକୁ ତତ୍କାଳ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି। ଦେଶର ଆଶା ଆକାଂକ୍ଷା ଏବଂ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ଓ ଦାୟିତ୍ୱସମ୍ପନ୍ନ ଦେଶ ସହ ଭାରତ ସମ୍ପର୍କ ବଢ଼ାଇବାକୁ ଚାହେଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ଶିଖର ସମ୍ମିଳନୀ ହେଉଥିବାରୁ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ଏହା ଏକ ଐତିହାସିକ ଦିନ ବୋଲି ରାଜନାଥ କହିଥିଲେ। ସେହିପରି ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର କହିଥିଲେ, ଭାରତ ଓ ରୁଷିଆ ମଧ୍ୟରେ ସମ୍ପର୍କ ଘନିଷ୍ଠ ଓ ସମୟ ସହ ପରୀକ୍ଷିତ। ଏହି ସମ୍ପର୍କ ଅସାଧାରଣ ଭାବେ ସୁଦୃଢ଼ ବୋଲି ସେ କହିଥିଲେ। ଏହି ଅଞ୍ଚଳ ଆତଙ୍କବାଦ, ହିଂସା, ଉଗ୍ରବାଦ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ ଘନିଷ୍ଠ ବନ୍ଧୁ ଭାବେ ଭାରତ ଓ ରୁଷିଆ ଉଭୟର ସାଧାରଣ ସ୍ୱାର୍ଥର ସୁରକ୍ଷା ଏବଂ ଶାନ୍ତି ଓ ସମୃଦ୍ଧି ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜୟଶଙ୍କର କହିଥିଲେ।

ଭାରତ ସହ ହୋଇଥିବା ଏସ୍-୪୦୦ ଡିଫେନ୍ସ ମିଶାଇଲ ସିଷ୍ଟମ୍ ଡିଲ୍ କାର୍ଯ୍ୟକାରୀ ହୋଇଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ଲାଭରୋଭ କହିଥିଲେ। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବାରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସହଯୋଗକୁ ଦୁର୍ବଳ କରିବା ଲାଗି ଆମେରିକା ଉଦ୍ୟମ ଚଳାଇଥିଲା। ଭାରତ ସାର୍ବଭୌମ ଦେଶ ଓ କାହାଠାରୁ ଅସ୍ତ୍ର କିଣିବେ ଓ କାହା ସହ ସମ୍ପର୍କ ସ୍ଥାପନ କରିବେ ସେ ନିଷ୍ପତ୍ତି ସେମାନେ ନେଇପାରିବେ ବୋଲି ଆମେରିକାକୁ ନୂଆଦିଲ୍ଲୀ ବୁଝାଇ ଦେଇଥିଲା ବୋଲି ଲାଭରୋଭ କହିଛନ୍ତି। ସୂଚନାଯୋଗ୍ୟ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ବିରୋଧ ସତ୍ତ୍ୱେ ରୁଷିଆରୁ ୫ ବିଲିୟନ ଡଲାର ମୂଲ୍ୟରେ ୫ ୟୁନିଟ ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମ କିଣିବା ଲାଗି ଭାରତ ୨୦୧୮ ଅକ୍ଟୋବରରେ ଚୁକ୍ତି ସ୍ୱାକ୍ଷର କରିଥିଲା।

## ବିରୋଧୀ ଅଟଳ...

ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ମୁଲତବୀ ଘୋଷଣା ପରେ କଂଗ୍ରେସ ଓ ଭାଜପା ବିଧାନସଭାର ଦୁଇ ଫାଟକ ନିକଟରେ ପ୍ରତିବାଦ କରିବା ବେଳେ ମୁଖା ପିନ୍ଧି ବିଜେଡି ସଦସ୍ୟମାନେ ଗାନ୍ଧୀ ମୂର୍ତ୍ତି ନିକଟରେ ପ୍ରତିବାଦ ଜଣାଇଥିଲେ। ଅପରାହ୍ନ ୪ଟା ପରେ ମଧ୍ୟ ସ୍ଥିତି ସ୍ୱାଭାବିକ ହୋଇ ନ ଥିଲା। ବିରୋଧୀ ସଦସ୍ୟମାନେ ପୁଣି ହଟ୍ଟଗୋଳ କରିଥିଲେ।

ବାଚସ୍ପତି ବିରୋଧୀଙ୍କୁ ଶାନ୍ତ କରି ଗୃହକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ୪ଟା୧ରୁ ୪ଟା ୩୦ ମିନିଟ ଯାଏ ଗୃହ ମୁଲତବୀ ହୋଇଥିଲା। ଆଲୋଚନା ଅସମାପ୍ତ ହେବାରୁ ପୁଣି ୧୫ ମିନିଟ୍ ଗୃହ ମୁଲତବୀ ହୋଇଥିଲା। ବୈଠକ ପ୍ରାୟ ୧ ଘଣ୍ଟା ଧରି ଚାଲିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ପରସ୍ପର ନିଜ ଜିଦ୍‌ରେ ଅଟଳ ରହିଥିଲେ। ବିରୋଧୀ ଦଳ ଦାବି ବିଷୟରେ ସରକାର ଅବଗତ ଅଛନ୍ତି। ଗୃହ କିପରି ସ୍ୱାଭାବିକ ହେବ ତାହା ଶାସକ ଦଳ କରିବା କଥା। ବିରୋଧୀ ଦଳ ବୈଠକରେ ଏହି ପ୍ରସ୍ତାବ ରଖିବା ପରେ ଶାସକ ଦଳ ବିରୋଧୀଙ୍କଠାରୁ ଅନୁରୂପ ପ୍ରସ୍ତାବ ଆଶା କରିଥିଲା। ଗୃହ କିପରି ସ୍ୱାଭାବିକ ହେବ ସେ ନେଇ ଭାଜପା ଓ କଂଗ୍ରେସ ମଙ୍ଗଳବାର ଚୂଡାନ୍ତ ନିଷ୍ପତ୍ତି ଜଣାଇବେ ବୋଲି କହିଥିଲେ। ବୈଠକ ଅସଫଳ ହେବା ପରେ ବାଚସ୍ପତି ଗୃହକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ସର୍ବଦଳୀୟ ବୈଠକ ପରେ ଉଭୟ ଭାଜପା ଓ କଂଗ୍ରେସ ପରବର୍ତ୍ତୀ ରଣନୀତି ନେଇ ମିଳିତ ବୈଠକ ଡାକିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳକୁ ବିଧାନସଭାରେ ପୁଣି ଥରେ ବୈଠକ ବସିବ। ଏହା ପରେ ବିରୋଧୀ ଦଳ ସେମାନଙ୍କର ଚୂଡାନ୍ତ ନିଷ୍ପତ୍ତି ବାଚସ୍ପତିଙ୍କୁ ଜଣାଇବେ। ତେବେ ମଙ୍ଗଳବାର ବିଧାନସଭା ସ୍ୱାଭାବିକ ହେବ ବୋଲି ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି।

## ଜୟୀ ରାଜଗୁରୁଙ୍କ ୨୧୫ ତମ ବଳିଦାନ ଦିବସ

# 'ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଥିଲା'

ନୂଆଦିଲ୍ଲୀ, ୬।୧୨

ଶହୀଦ ଜୟୀ ରାଜଗୁରୁଙ୍କ ୨୧୫ତମ ବଳିଦାନ ଦିବସ ସୋମବାର ନୂଆଦିଲ୍ଲୀର ହଉଜ୍‌ଖାସ୍ଥିତ ଜଗନ୍ନାଥ ମନ୍ଦିରରେ ପାଳିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଇଂରେଜଙ୍କ ବିରୋଧରେ ଶହୀଦ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ୧୮୦୪ରେ ସଙ୍ଗଠିତ ହୋଇଥିବା ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ସଂଗ୍ରାମ ୧୮୨୫ ମସିହା ପର୍ଯ୍ୟନ୍ତ ଚାଲିଥିଲା ବୋଲି ସେ କହିଛନ୍ତି।




ଶହୀଦ ଜୟୀ ରାଜଗୁରୁ ଫଉଣ୍ଡେଶନ ଦ୍ୱାରା ୨୦୦୨ ମସିହାରୁ ପ୍ରତିବର୍ଷ ବଳିଦାନ ଦିବସ ପାଳନ କରାଯାଉଛି। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଗ୍ରହଣ କରିବାକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଥିବାରୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସମସ୍ତେ ଏକଜୁଟ୍ ହୋଇ ଇତିହାସକୁ ସଂଶୋଧନ କରିବା ସହିତ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କ ଉପରେ ଠିକ୍ ତଥ୍ୟକୁ ନେଇ ଚାପ ପକାଇବା ପାଇଁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଟ୍ରଷ୍ଟର ସଦସ୍ୟ ରାମଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ପରିଚାଳକ ଶ୍ରୀଦେବ ନନ୍ଦ, ବିଶିଷ୍ଟ କବି କୁଳମଣି ବିଶ୍ୱାସ, ଓଡ଼ିଆ ଗବେଷଣା ପ୍ରତିଷ୍ଠାନ ସଚିବ ସୁବ୍ରତ କୁମାର ପୃଷ୍ଟି, ଜୟପ୍ରକାଶ ନାରାୟଣ ଫାଉଣ୍ଡେଶନର ଅଧ୍ୟକ୍ଷ ଅଭୟ ସିହ୍ନା, ଜୟୀ ରାଜଗୁରୁ ଟ୍ରଷ୍ଟର ସଦସ୍ୟ ନବଜ୍ୟୋତି ଦାସ ଶହୀଦଙ୍କ ସ୍ମୃତିଚାରଣ କରିଥିବାବେଳେ ବିଦ୍ୱିତ ନନ୍ଦ ଏବଂ ଦେବାଂଶୀ ଦାସ ଜୟୀ ରାଜଗୁରୁଙ୍କ ଉପରେ ବକ୍ତୃତା ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୬୪,୫୩,୬୭୬ | ୫୨,୭୫,୦୪୭ | ୨୪,୦୦,୨୪,୬୩୩ |
| ଭାରତ | ୩,୪୬,୪୧,୫୬୧ | ୪,୭୩,୫୩୭ | ୩,୪୦,୬୯,୬୦୮ |
| ଓଡ଼ିଶା | ୧୦,୫୦,୩୫୪ | ୮୪୨୩(+୫୩) | ୧୦,୩୯,୯୨୧ |

ସୋମବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରଦାନ ପାଇଁ ସୋମବାର ବିଧାନସଭା ପରିସର ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ବିଧାୟକଙ୍କ ଧାରଣା।



ମହିଳା ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ଭାଜପା ନେତୃବୃନ୍ଦ ପିଏମ୍‌ଜି ପୋଷ୍ଟ ଅଫିସରେ ଚିଠି ପଠାଉଛନ୍ତି।

# ଧାରଣାରେ ବସିଲେ ମେହବୁବା

ନୂଆଦିଲ୍ଲୀ, ୬।୧୨(ପି.ଟି.)

ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ପ୍ରତି ହେଉଥିବା ଦମନଲୀଳା ପ୍ରତିବାଦରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ସୋମବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ନିରୀହ ଜନସାଧାରଣଙ୍କୁ ହତ୍ୟା ତୁରନ୍ତ ବନ୍ଦ କରିବା ପାଇଁ ସେ ଦାବି କରିଛନ୍ତି। କଶ୍ମୀରରେ ବିକ୍ଷୋଭ ପ୍ରଦର୍ଶନ ଲାଗି ତାଙ୍କୁ ଅନୁମତି ଦିଆଯାଉ ନ ଥିବାରୁ ସେ ଜାତୀୟ ରାଜଧାନୀରେ ଧାରଣାରେ ବସିବା ଲାଗି ନିଷ୍ପତ୍ତି ନେଇଥିଲେ ବୋଲି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା କହିଛନ୍ତି। ଯେତେଥର ସେ ନିଜ ରାଜ୍ୟରେ ବିକ୍ଷୋଭ କରିବାକୁ ଯୋଜନା କରିଛନ୍ତି, ତାଙ୍କୁ ଗୃହବନ୍ଦୀ ରଖାଯାଇଛି କିମ୍ବା ପୋଲିସ ଦ୍ୱାରା କୌଣସି ଦୂର ସ୍ଥାନକୁ ନିଆଯାଇଛି। ଜନ୍ତରମନ୍ତରଠାରେ ମେହବୁବାଙ୍କ ସହ ଧାରଣାରେ ବହୁସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।




ଯନ୍ତରମନ୍ତରଠାରେ ସୋମବାର ଜମ୍ମୁକଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବାଙ୍କ ଧାରଣା।

୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ କଶ୍ମୀର ଏକ ବନ୍ଦୀଶାଳାରେ ପରିଣତ ହୋଇଛି। ସେଠାରେ ଲୋକମାନଙ୍କୁ ମତବ୍ୟକ୍ତ କରିବା ଲାଗି ଅନୁମତି ମିଳୁନାହିଁ। ସେମାନଙ୍କୁ ଏକପ୍ରକାର ଦମନ କରି ରଖାଯାଇଥିବା ମେହବୁବା କହିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସେ ସବୁବେଳେ ପ୍ରଶ୍ନ ଉଠାଉଥିବା କଥାକୁ ମେହବୁବା ଖଣ୍ଡନ କରିଛନ୍ତି। ଯେତେବେଳେ ଏନ୍‌କାଉଣ୍ଟରରେ ଆତଙ୍କବାଦୀ ମରୁଛନ୍ତି, ସେତେବେଳେ କେହି ପ୍ରଶ୍ନ ଉଠାନ୍ତି ନାହିଁ। କିନ୍ତୁ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଲେ ଲୋକେ ରାସ୍ତାକୁ ଆସନ୍ତି ଓ ପ୍ରଶାସନ ପ୍ରତି ଅଙ୍ଗୁଳି ଉଠାନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି। 'କଶ୍ମୀର ଯନ୍ତ୍ରଣା ଜର୍ଜରିତ' ଲେଖାଥିବା ପ୍ଲାକାର୍ଡ ଧରି ମେହବୁବା କହିଥିଲେ, ନାଗାଲାଣ୍ଡରେ ସେନା ଗୁଳିରେ ୧୪ ଜଣଙ୍କ ଜୀବନ ଗଲା। ଏନେଇ ସଙ୍ଗେ ସଙ୍ଗେ ମାମଲା ଦାଏର ହୋଇଛି। କଶ୍ମୀରରେ ସେଭଳି କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। କଶ୍ମୀରରେ ଦୁର୍ନୀତି ଶୀର୍ଷ ଛୁଇଁଛି। ସ୍ଥାନୀୟ ଲୋକେ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି ଓ ବିଚ୍ ରାସ୍ତାରେ ନିରୀହ ଲୋକଙ୍କୁ ହତ୍ୟା କରାଯାଉଛି ବୋଲି ମେହବୁବା ଅଭିଯୋଗ କରିଥିଲେ। ଏବେଠାରୁ ଯଦି ଦେଶବାସୀ ସଚେତନ ନ ହୁଅନ୍ତି, ତେବେ ଗାନ୍ଧୀ, ଆମ୍ବେଡ୍‌କରଙ୍କ ଦେଶ ନାଥୁରାମ ଗଡ୍‌ସେ ଦେଶରେ ପରିଣତ ହେବା ବେଶୀ ଦୂର ନୁହେଁ ବୋଲି ପିଡିପି ନେତ୍ରୀ କହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦେଲେ ଭାଜପା ବିଧାୟକ

## ଅଞ୍ଜନା ମିଶ୍ରଙ୍କ କଥା କହି ନବୀନଙ୍କୁ ସମାଲୋଚନା

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ମହିଳା ସୁରକ୍ଷା ନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଜପା ବିଧାୟକ ଦଳ ଚିଠି ଲେଖିଛି। ଭାଜପା ବିଧାୟକମାନେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ମହିଳାଙ୍କ ସୁରକ୍ଷା ନେଇ ଆପଣଙ୍କ ଦୋମୁହାଁ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ନେଇ ପତ୍ର ଲେଖିଛୁ। ଅଞ୍ଜନା ମିଶ୍ରଙ୍କୁ ଗଣବଳାତ୍କାର ପରେ ଆପଣ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୈତିକତାର ପାଠ ପଢ଼ାଇଥିଲେ। ଏହା ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଥିଲେ। ସେତେବେଳେ ରାଜ୍ୟରେ ଆଇନ ଶୃଙ୍ଖଳା ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଏବଂ ମହିଳା ଅସୁରକ୍ଷିତ ହେବା ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ୨୦୦୦ ନିର୍ବାଚନରେ ବିଜେଡିର ପ୍ରମୁଖ ସ୍ଲୋଗାନ ଥିଲା ଅଞ୍ଜନା ଗଣବଳାତ୍କାର ପାଇଁ ଦାୟୀ କିଏ- ଜାନକୀ ପଟ୍ଟନାୟକ ଆଉ କିଏ। ଏବେ ଖୋଦ୍ ଅଞ୍ଜନା ନିଜେ କହିଲେଣି, ଜାନକୀ ଏବଂ ନବୀନଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଓଡ଼ିଶାରେ କିଛି ଫରକ ଦେଖାଯାଉନାହିଁ। ଅଞ୍ଜନା ମାମଲାରେ ଯେପରି ଇନ୍ଦ୍ରଜିତ ରାୟଙ୍କୁ ଦୋଷୀ କରାଯାଇଥିଲା ଠିକ୍ ସେହିପରି ବର୍ତ୍ତମାନ ମମିତା ମେହେର ହତ୍ୟାକାଣ୍ଡରେ ଆପଣଙ୍କ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ରାଜ୍ୟବାସୀ ଦାୟୀ କରୁଛନ୍ତି। ଆପଣ ଜାନକୀଙ୍କୁ ନୈତିକତାର ପାଠ ପଢାଇଥିଲେ। ନୀତି ନୈତିକତାର ଦ୍ୱାହି ଦେଇ ଆପଣଙ୍କ ଅନେକ ମନ୍ତ୍ରୀଙ୍କୁ ମଧ୍ୟ ବାହାର କରିଛନ୍ତି। ଏବେ ମମିତା ଘଟଣାରେ ଦୋମୁହାଁ ନୀତି କାହିଁକି ବୋଲି ଭାଜପା ପ୍ରଶ୍ନ କରିଛି। ଏହି ଘଟଣାରେ ମନ୍ତ୍ରୀ ମିଶ୍ରଙ୍କୁ ବହିଷ୍କାର ସହ ସିବିଆଇ ତଦନ୍ତ ଲାଗି ତୁରନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଏହାସହ ଏହି ଚିଠି ପୋଷ୍ଟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିବା ସହିତ ବିଧାନସଭା ନବୀନ ନ ଆସୁଥିବାରୁ ବିରୋଧୀ ଦଳ ବିଧାୟକମାନେ ତାଙ୍କୁ ସମାଲୋଚନା କରିଛନ୍ତି।

**LIC** ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA

**ଏଲ୍‌ଆଇସି'ର ଗୋଲ୍‌ଡେନ୍ ଜୁବିଲୀ ଛାତ୍ରବୃତ୍ତି ଯୋଜନା**
**ଆର୍ଥିକ ରୂପେ ଦୁର୍ବଳ ପରିବାରର ବିଦ୍ୟାର୍ଥୀଙ୍କ ପାଇଁ**

ଏଲ୍‌ଆଇସି ଗୋଲ୍‌ଡେନ୍ ଜୁବିଲୀ ଫାଉଣ୍ଡେଶନ୍, ଶିକ୍ଷା ବର୍ଷ 2020-21 ରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବା ତତ୍‌ସମାନ ଶିକ୍ଷାରେ ଅନ୍ୟୁନ 60% ବା ତତ୍‌ସମାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ, ଛାତ୍ରଛାତ୍ରୀଙ୍କ ପାଇଁ ରାଷ୍ଟ୍ରୀୟ ସ୍ତରରେ ଛାତ୍ରବୃତ୍ତିର ସହର୍ଷ ଘୋଷଣା କରୁଛି।

- **ଏଲ୍‌ଆଇସି'ର ପ୍ରତ୍ୟେକ ମଣ୍ଡଳ କେନ୍ଦ୍ରରୁ 20 ନିୟମିତ ଛାତ୍ରବୃତ୍ତି:** (ଛାତ୍ର ଓ ଛାତ୍ରୀଙ୍କ ପାଇଁ ପ୍ରତ୍ୟେକ 10ଟି) ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ର-ଛାତ୍ରୀଙ୍କ ସକାଶେ, ଯିଏ ଉଚ୍ଚ ଶିକ୍ଷା ପାଇବାକୁ ଚାହାନ୍ତି ନିମ୍ନୋକ୍ତ କ୍ଷେତ୍ରରେ :
  - (i) ମେଡିସିନ୍, ଇଞ୍ଜିନିଅରିଙ୍ଗ, ଯେକୌଣସି ବିଷୟରେ ସ୍ନାତକ, ଯେକୌଣସି କ୍ଷେତ୍ରରେ ଡିପ୍ଲୋମା କୋର୍ସ ଏବଂ ଇଣ୍ଟିଗ୍ରେଟେଡ୍ କୋର୍ସେସ୍
  - (ii) ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ କଲେଜରୁ ବ୍ୟବସାୟିକ କୋର୍ସ/ଶୈକ୍ଷିକ ସଂସ୍ଥାନ ଅଥବା ଶିଳ୍ପ ପ୍ରଶିକ୍ଷଣ ସଂସ୍ଥାନ (ଆଇଟିଆଇ) ରୁ ପ୍ରଶିକ୍ଷଣ
- ପ୍ରତ୍ୟେକ ଏଲ୍‌ଆଇସି ଡିଭିଜନ୍‌ରୁ **ଛାତ୍ରୀଙ୍କ ପାଇଁ 10 ବିଶେଷ** ଛାତ୍ରବୃତ୍ତି 10+2 ପାଟର୍ନ୍ ପାଇଁ ।

ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତାବଳୀ ଏବଂ ସ୍କିମ୍'ର ସୂଚନା ପାଇଁ **www.licindia.in** ରେ ଲଗ୍ ଅନ୍ କରନ୍ତୁ।

ଅନଲାଇନ୍ ଆବେଦନ ପତ୍ର ଜମା କରିବାର ଶେଷ ତାରିଖ: 31.12.2021

# କଂଗ୍ରେସରୁ ପ୍ରଫୁଲ୍ଲ ମାଝି ବହିଷ୍କୃତ

## ୧୦ରେ ବିଜେଡିରେ ଯୋଗଦେବେ

ଭୁବନେଶ୍ୱର,୬।୧୨(ବ୍ୟୁରୋ)
ସୁନ୍ଦରଗଡ, (ଡି.ଏନ୍.ଏ)

ଇସ୍ତଫା ଦେବା ପୂର୍ବରୁ ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀଙ୍କୁ ଦଳରୁ କଂଗ୍ରେସ ବହିଷ୍କାର କରିଛି। ବିଶୃଙ୍ଖଳିତ ଆଚରଣ ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବହିଷ୍କାର କରାଯାଇଥିବା ସୋମବାର ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ସୂଚନା ଦେଇଛନ୍ତି। ପରେ ତଳସରା ପୂର୍ବତନ ବିଧାୟକ ପ୍ରଫୁଲ୍ଲ କଂଗ୍ରେସରୁ ଆନୁଷ୍ଠାନିକ ଭାବେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର



ଡା.ପ୍ରଫୁଲ୍ଲ ମାଝି

ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସର ଓଡିଶା ପ୍ରଭାରୀ ଡ. ଚେଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଆସନ୍ତା ୧୦ ତାରିଖରେ ସେ ବିଜେଡିରେ ଯୋଗଦେବା ନେଇ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ସଂସଦ ଟିଭି ଶୋ'ରୁ ଓହରିଲେ ଥରୁର୍

ନୂଆଦିଲ୍ଲୀ, ୬।୧୨

ରାଜ୍ୟ ସଭାରୁ ନିଲମ୍ବିତ ୧୨ ଜଣ ସଦସ୍ୟଙ୍କୁ ସମର୍ଥନ ଜଣାଇ କଂଗ୍ରେସ ଏମ୍‌ପି ଶଶୀ ଥରୁର ସଂସଦ ଟିଭିର ଟକ୍ ଶୋ' ଉପସ୍ଥାପନାରୁ ଓହରିଯିବାକୁ ସୋମବାର ଘୋଷଣା କରିଛନ୍ତି। ମୌସୁମୀ ଅଧିବେଶନ ଶେଷ ଦିନରେ ଗୃହରେ ବିଶୃଙ୍ଖଳିତ ଆଚରଣ ଲାଗି ୧୨ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ଏହାର ପ୍ରତିବାଦରେ 'ଟୁ ଦି ପଏଣ୍ଟ'ଟକ୍ ଶୋ'ରୁ ସେ ଇସ୍ତଫା ଦେଇଥିବା ଟୁଇଟର ଯୋଗେ ଜଣାଇଛନ୍ତି। ଭାରତର ସଂସଦୀୟ ଗଣତନ୍ତ୍ରର ସର୍ବଶ୍ରେଷ୍ଠ ପରମ୍ପରା ପାଇଁ ସେ ଉପସ୍ଥାପକ ଭୂମିକା ନିଭାଇବା ନିମନ୍ତେ ସଂସଦ ଟିଭିର ଆମନ୍ତ୍ରଣକୁ ଗ୍ରହଣ କରିଥିଲେ। ବିରୋଧୀ ଏମ୍‌ପିମାନଙ୍କୁ ନିଲମ୍ବନ କରାଯିବା ଅତ୍ୟାଚାର ବୋଲି ଥରୁର କହିଛନ୍ତି।

# ବିଧାନସଭାରେ ଆଲୋଚନା ପାଇଁ ପ୍ରସ୍ତୁତ ନାହାନ୍ତି ସରକାର: ନରସିଂହ

**ମମିତା ହତ୍ୟା ଘଟଣା**

■ କଂଗ୍ରେସର ବିବୃତି ଦୁର୍ଭାଗ୍ୟଜନକ : ବିଜେଡି

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ମମିତା ମେହେର ହତ୍ୟା ମାମଲାର ତଦନ୍ତ ଠିକ୍ ବାଟରେ ଯାଉ ନ ଥିବା ଓ ରାଜ୍ୟ ସରକାର ଏନେଇ ବିଧାନସଭାରେ ଆଲୋଚନା କରିବାକୁ ଚାହୁଁ ନ ଥିବା କଂଗ୍ରେସ ଅଭିଯୋଗ ପୁଣି ଆଣିଛି। ଏଥିସହ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଦାବିକୁ ମଧ୍ୟ ଦୋହରାଇଛି।

ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ବିରୋଧୀଙ୍କୁ ଗୃହ ଅଚଳ ପାଇଁ ଦାୟୀ କରୁଥିବା ରାଜ୍ୟ ସରକାର ମମିତା ହତ୍ୟା ଘଟଣାରେ ଭାଜପା ଓ କଂଗ୍ରେସ ଆଣୁଥିବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଅମଙ୍ଗ ହେଉଛନ୍ତି। ଛାତ୍ରୀନିବାସରେ ଯୌନ ନିର୍ଯାତନା ହୋଇଥିବା ଓ ଗୁପ୍ତ କୋଠରି ନେଇ ପୋଲିସ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏହାର ତଦନ୍ତ କରାଯାଉନାହିଁ କାହିଁକି। କେବଳ ହତ୍ୟାର ତଦନ୍ତ କରାଯାଉଛି, ଯାହା ତାହା ମୂଳ ତଦନ୍ତଠାରୁ ବହୁ ଦୂରରେ। ସରକାର ଯେଉଁ ପ୍ରମାଣ କଥା କହୁଛନ୍ତି, ଏ ପର୍ଯ୍ୟନ୍ତ ଯେତିକି ପ୍ରମାଣ ମିଳିଛି ଓ ଗଣମାଧ୍ୟମରେ ଘୁରି ବୁଲୁଛି, ସେତିକି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ହତ୍ୟାକାଣ୍ଡରେ ସମ୍ପୃକ୍ତି ଦର୍ଶାଇବା ପାଇଁ ଯଥେଷ୍ଟ ବୋଲି ସେ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ପ୍ରମାଣ ନଷ୍ଟ ହୋଇଯାଇଛି। ଏବେ ଯେଉଁ ବାଟରେ ଅନୁସନ୍ଧାନ ଚାଲିଛି ସେଥିରେ ଗିରଫ ଅଭିଯୁକ୍ତ ସନ୍‌ସାଇନ ସ୍କୁଲ୍ ସଭାପତି ଗୋବିନ୍ଦ ସାହୁ ନିର୍ଦ୍ଦୋଷରେ ଖଲାସ ହୋଇଯିବେ। ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ଯଦି କୌଣସି ତଦନ୍ତରେ ଲୋକେ ସନ୍ତୁଷ୍ଟ ନାହାନ୍ତି ତାହା ଗ୍ରହଣ କରାଯାଇପାରିବ ନାହିଁ। ଏଣୁ ହାଇକୋର୍ଟର ସିଟିଂ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ କରି ତଦନ୍ତ କରାଯିବା ପାଇଁ ନରସିଂହ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜା, ତାରାପ୍ରସାଦ ବାହିନୀପତି, ଅଧିରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷରେ କଂଗ୍ରେସର ଏଭଳି ବିବୃତିକୁ ଦୁର୍ଭାଗ୍ୟଜନକ କହିଛି ବିଜେଡି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ବିଧାନସଭା ଅଧିବେଶନର ପ୍ରଥମ ଦିନରୁ କଂଗ୍ରେସ ବିଧାୟକମାନେ ଭାଜପା ବିଧାୟକଙ୍କ ସହ ମିଶି ବିଧାନସଭା ଚଳାଇବାକୁ ଦେଉନାହାନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧ ପରେ ଓଡ଼ିଶା ହାଇକୋର୍ଟ ଜଣେ ଅବସରପ୍ରାପ୍ତ ଜିଲା ଜଜ୍‌ଙ୍କୁ ନିଯୁକ୍ତ କରିଛନ୍ତି। ସମସ୍ତେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ। ନରସିଂହ ମିଶ୍ରଙ୍କୁ ଅନୁରୋଧ, ଯଦି ତାଙ୍କ ନିକଟରେ କୌଣସି ପ୍ରମାଣ ଅଛି ତେବେ ସେ କୋର୍ଟଙ୍କ ନିକଟକୁ ଯାଇପାରିବେ ବୋଲି ଅତନୁ କହିଛନ୍ତି।

# ମନ୍ତ୍ରୀଙ୍କ ସମ୍ପୃକ୍ତି ଜାଣି ମୁଖ୍ୟମନ୍ତ୍ରୀ ଚୁପ୍: ଭାଜପା

## ମାହାଙ୍ଗା ଡବଲ ମର୍ଡର ଘଟଣା

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେଲେଙ୍କାରୀରେ ସମ୍ପୃକ୍ତ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଭାଜପାର ୨ ଜଣ କାର୍ଯ୍ୟକର୍ତ୍ତାଙ୍କୁ ନିର୍ମମ ଭାବେ ହତ୍ୟା ଘଟଣାରେ ସିଧା ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ଜାଣିଶୁଣି ତାଙ୍କୁ ବିଧାନସଭାକୁ ଆସିବାକୁ ଦେଉଛନ୍ତି ଏବଂ ସଭା ମଞ୍ଚରେ ପାଖରେ ବସାଇ ଦକ୍ଷ ମନ୍ତ୍ରୀ ବୋଲି ସାର୍ଟିଫିକେଟ୍ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ପରୋକ୍ଷରେ ଏ କାମ କରିବା ପାଇଁ ପ୍ରୋତ୍ସାହିତ କରୁଥିବା ସନ୍ଦେହ ହେଉଛି ବୋଲି ସମୀର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ମାହାଙ୍ଗା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ନିହାର ରଞ୍ଜନ ମହାନ୍ତି ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ମନ୍ତ୍ରୀ ପ୍ରତାପ ଜେନାଙ୍କ ପୃଷ୍ଠପୋଷକତାରେ କାମ କରୁଥିବା ପ୍ରମାଣ ଦେଇଛନ୍ତି। ମମିତା ମେହେର ମାମଲାରେ ଗୋଟେ କଥା କହୁଛ, ମାହାଙ୍ଗା ମର୍ଡର କେସ୍‌ରେ କୋର୍ଟ କହିବା ପରେ ବି ଗଳାବାଟ ଦେଖୁଛ। ଏସବୁ କଥାରେ ମନ୍ତ୍ରୀମାନଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ଜଣାପଡୁଛି ବୋଲି ସମୀର କହିଛନ୍ତି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ଭାଜପା ମିଥ୍ୟା ତଥ୍ୟ ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ମାହାଙ୍ଗା ଡବଲ ମର୍ଡର ମାମଲା ଏବେ ବିଚାରାଧୀନ ରହିଛି। ମନ୍ତ୍ରୀଙ୍କ ସମ୍ପୃକ୍ତି ସମ୍ପର୍କରେ ଅଦାଲତ କୌଣସି ସ୍ଥାନରେ ଉଲ୍ଲେଖ କରିନାହାନ୍ତି। ଏହି ମାମଲାରେ ଅଭିଯୋଗକାରୀଙ୍କ ଆବେଦନ ପରେ ଅଦାଲତ କେବଳ ଆଇଆଇସିଙ୍କୁ ଏହାର ତଦନ୍ତ କରିବାକୁ କହିଛନ୍ତି। ଆଶା କରୁଛୁ ଭାଜପା ନ୍ୟାୟିକ ପ୍ରକ୍ରିୟା ଜାରି ରଖିବାକୁ ଦେବେ ଏବଂ ଆଇନକୁ ତା' କାର୍ଯ୍ୟ କରିବାକୁ ଦେବେ ବୋଲି ପ୍ରମିଳା କହିଛନ୍ତି ।



> ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ – ସଂକୀର୍ଣ୍ଣ ସୀମାର ଘେର ଭିତରୁ –ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇପାରିବ। –ଶ୍ରୀମା



# ଏଥର ଶ୍ରୀକୃଷ୍ଣ

ଅଯୋଧ୍ୟାରେ ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣା ୬ ଡିସେମ୍ବର ୨୦୨୧ରେ ୨୯ ବର୍ଷରେ ପହଞ୍ଚିଛି। ୫ ଅଗଷ୍ଟ ୨୦୨୦ରେ ଭୂମିପୂଜନ ହେବା ପରେ ସେଠାରେ ଭବ୍ୟ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ଉତ୍ତରପ୍ରଦେଶର ଅନ୍ୟ ଏକ ଧାର୍ମିକ ସହର ମଥୁରା ଏବେ ଅଯୋଧ୍ୟା ଘଟଣାର ପୁନରାବୃତ୍ତି କରିବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି। ୪ଟି ଦକ୍ଷିଣପନ୍ଥୀ ଗୋଷ୍ଠୀ ଅଖିଳ ଭାରତ ହିନ୍ଦୁ ମହାସଭା, ଶ୍ରୀକୃଷ୍ଣ ଜନ୍ମଭୂମି ନିର୍ମାଣ ନ୍ୟାସ, ନାରାୟଣୀ ସେନା ଓ ଶ୍ରୀକୃଷ୍ଣ ମୁକ୍ତି ଦଳ ଡିସେମ୍ବର ୬ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବା ଲାଗି ସ୍ଥାନୀୟ ପ୍ରଶାସନକୁ ଅନୁମତି ମାଗିଥିଲେ। ଅବଶ୍ୟ ତାହାକୁ ପ୍ରଶାସନ ପ୍ରତ୍ୟାଖ୍ୟାନ କରିଦେଇଛି। ତେବେ ଯେଉଁ ବିଷୟ ଏବେ ସମସ୍ତଙ୍କୁ ବ୍ୟଥିତ କରିବା କଥା ତାହା ହେଲା ଏହି ଦକ୍ଷିଣପନ୍ଥୀ ଗୋଷ୍ଠୀ ମଥୁରାରେ ଥିବା ଏକ ମସ୍‌ଜିଦ୍‌ରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଅବସ୍ଥାପିତ କରିବାକୁ ଚାହୁଁଛି। ସେହିଠାରେ ଶ୍ରୀକୃଷ୍ଣ ଜନ୍ମ ହୋଇଥିଲେ ବୋଲି ଏମାନେ ଦାବି କରିଛନ୍ତି। ଏକ ଗୋଷ୍ଠୀ କହିଛି ଯେ ସମ୍ପୃକ୍ତ ଶାହି ଇଦ୍‌ଗାକୁ ମହାଜଳାଭିଷେକ କରାଯିବା ପରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରାଯିବ। ସମ୍ଭବତଃ ଏଭଳି ଚିନ୍ତାଧାରା ପୋଷଣ କରୁଥିବା ବ୍ୟକ୍ତିମାନେ ଜିଦ୍ କରୁଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ସେହି ଇଦ୍‌ଗାରେ ବୋଲି ଏବେ ଦାବି କରାଯିବା ପଛରେ ଏକ ବଡ଼ ଲକ୍ଷ୍ୟ ରହିଥିବା ଅନୁମାନ କରାଯାଇପାରେ। ଆସନ୍ତାବର୍ଷ ପ୍ରାରମ୍ଭରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାରୁ ଭାରତୀୟ ଜନତା ପାର୍ଟି (ଭାଜପା) ହିନ୍ଦୁତ୍ୱ ଚିନ୍ତାଧାରାକୁ ପୁନଶ୍ଚ ଭୋଟରଙ୍କ ମନରେ ପଶାଇବାକୁ ଯାଇ ଦକ୍ଷିଣପନ୍ଥୀ ଗୋଷ୍ଠୀଙ୍କ ସାହାରା ନେଇଛି ବୋଲି ଆଲୋଚନା ହେଉଛି। ସେଠାକାର ଭାଜପା ସରକାର କର୍ମ ବଡ଼ ବୋଲି ଭାଷଣ ଦେଇଚାଲିଥିଲେ। ଯୋଗୀ ଆଦିତ୍ୟନାଥ ସରକାରଙ୍କ ଶାସନର ଦୃଢ଼ ପ୍ରମାଣ ବିକାଶ ବୋଲି କୁହାଯାଇଥିଲା। ପୁଣି ଯୋଗୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସପ୍ରେସ ୱେ, ସ୍କୁଲ, ଆବାସ ଯୋଜନା ବିଷୟ ଉଠାଇ ଭୋଟ୍ ପାଇବାକୁ ପ୍ରଥମେ ରଣନୀତି ପ୍ରସ୍ତୁତ କରିଥିଲେ। ହେଲେ ଯୋଗୀଙ୍କ ଶାସନ ସମୟରେ ସମ୍ପୂର୍ଣ୍ଣ ଭାବେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିଯିବା, କରୋନା ସମୟରେ ଅସଂଖ୍ୟ ଲୋକଙ୍କ ମୃତ୍ୟୁ ଘଟିବା ଓ ଶେଷରେ କୃଷକ ଆନ୍ଦୋଳନ ଚପାଇ ଦେବା ଲାଗି ହୋଇଥିବା ପ୍ରୟାସର ଅଂଶସ୍ୱରୂପ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରାଯିବା ଆଦି ଘଟଣା ଉତ୍ତରପ୍ରଦେଶ ସରକାରଙ୍କୁ ନିନ୍ଦିତ କରିଦେଇଛି। ଏଭଳି ସମୟରେ ସମାଜବାଦୀ ପାର୍ଟି(ଏସ୍‌ପି) ଓ ବହୁଜନ ସମାଜପାର୍ଟି (ବିଏସ୍‌ପି) ଜାତି ସମୀକରଣ ପରିବର୍ତ୍ତେ ବିକାଶ ପ୍ରସଙ୍ଗ ଉଠାଇବା ସହ ଠାକୁରାଣୀଠାକୁରଙ୍କୁ ଅସ୍ତ୍ରକରି ଭୋଟରଙ୍କୁ ଆକୃଷ୍ଟ କରି ଲୋକଙ୍କ ସହ ଯୋଡ଼ି ହେବା କାର୍ଯ୍ୟ ଚଳାଇଛନ୍ତି। ତତ୍‌ସହିତ କଂଗ୍ରେସର ଆକ୍ରମଣ ମିଶିଯାଉଥିବା ହେତୁ ଭାଜପା ତା'ର ରଣନୀତି ବଦଳାଇଥାଇପାରେ। ସେଥିପାଇଁ ଭାଜପାର ମୁଖ୍ୟ ନିର୍ବାଚନୀ ଅସ୍ତ୍ର ରହିଆସିଥିବା 'ହିନ୍ଦୁତ୍ୱ'କୁ ପୁଣି ପ୍ରୟୋଗ କରି 'ମଥୁରା'ରେ ଶ୍ରୀକୃଷ୍ଣ ଜନ୍ମସ୍ଥାନକୁ ଅନ୍ୟତମ ନିର୍ବାଚନୀ ପ୍ରସଙ୍ଗ କରିବାକୁ ଚାହିଁଥାଇପାରେ।

ଏବର ଭାରତୀୟ ରାଜନୀତିକୁ ଦେଖିଲେ ଜାତୀୟ ସ୍ତରରେ ଏକ ଶକ୍ତିଶାଳୀ ବିରୋଧୀ ରାଜନୈତିକ ଦଳ ବା ମେଣ୍ଟ ସୃଷ୍ଟି ହୋଇପାରୁନାହିଁ। ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ଭାଜପାର ବିକଳ୍ପ ବୋଲି ଯେଉଁ କ୍ଷୀଣ ଆଶା ଟିକକ ଥିଲା, ତାହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟ ପରେ ସେଥିରେ ଘୁଣ ଲାଗିଗଲା ଭଳି ପ୍ରତୀୟମାନ ହେଉଛି। କଂଗ୍ରେସ ଭିତରେ ଗଭୀର ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ଭାଜପା ସମ୍ଭବତଃ ବୁଝିଗଲାଣି ଯେ, ଏହା ହେଉଛି ପାର୍ଟି ପାଇଁ ଆଉ ଏକ ପ୍ରକୃଷ୍ଟ ସମୟ ; ଯେଉଁଥିରେ ହିନ୍ଦୁତ୍ୱ କାର୍ଡ ଖେଳିଲେ ସଫଳତା ମିଳିପାରିବ। ପୁଣି ଧର୍ମଭୀରୁ ଲୋକଙ୍କ ଆଗରେ ଶ୍ରୀରାମଙ୍କ ଭଳି ଶ୍ରୀକୃଷ୍ଣଙ୍କୁ ଥୋଇଦେଲେ ଭାଜପାର ଆସନ ସଂଖ୍ୟା ବଢ଼ିଯାଇପାରେ। ନିକଟରେ ଶେଷ ହୋଇଥିବା କେତେକ ଉପନିର୍ବାଚନରେ ଭାଜପାର ପ୍ରଦର୍ଶନ କମିଯାଇଥିବା ଦେଖାଯାଇଛି। ସେହିପରି ଭାରତୀୟ ଗଣତନ୍ତ୍ର ପାକଳ ହେଉଥିବାରୁ ଧର୍ମ ଅପେକ୍ଷା ସକାରାତ୍ମକ କର୍ମ କରି ଦେଶର ବିକାଶ ଆଣିପାରୁଥିବା ରାଜନୈତିକ ଦଳକୁ ଭୋଟର ବାଛିବେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ଏଥର ଶ୍ରୀକୃଷ୍ଣଙ୍କୁ ନିର୍ବାଚନୀ ରଣକ୍ଷେତ୍ରକୁ ଅଣାଯାଇଥିବାରୁ ତା'ର ପରିଣତି ଆଗାମୀ ଉତ୍ତରପ୍ରଦେଶ ନିର୍ବାଚନରେ କ'ଣ ରହିବ, ତାହା କେବଳ ଭୋଟରଙ୍କୁ ଜଣା।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୭ ଡିସେମ୍ବର ୧୯୯୬**

- ଇସ୍‌ଲାମ ବିରୋଧୀ ଗୋଷ୍ଠୀ ବା ବ୍ୟକ୍ତିବିଶେଷ ଏବଂ ଟିକସ ଓ ବ୍ୟାଙ୍କ ଋଣ ଖିଲାପକାରୀଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାରୁ ବାରଣ କରାଯିବା ନେଇ ପାକିସ୍ତାନରେ ଏକ ନୂଆ କଠୋର ନିର୍ବାଚନ ବିଧି ଘୋଷଣା କରାଯାଇଛି।
- ସେଣ୍ଟକିଟ୍ସ ଜାଲିଆତି ମାମଲାରେ ଜାମିନ ବଣ୍ଡରେ ସ୍ୱାକ୍ଷର କରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ଅଦାଲତର କାଠଗଡ଼ା ମଧ୍ୟକୁ ଯିବା ଭାରତ ଇତିହାସରେ ପ୍ରଥମ ଘଟଣା।
- ଓଡ଼ିଶାର ଦୁଇଟି ଅଣବ୍ୟାଙ୍କିଙ୍ଗ୍ ଅର୍ଥ କମ୍ପାନୀ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଷେଧାଜ୍ଞା ଜାରି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 9 | | 7 | 1 | | |
| 7 | | | | | 3 | | 8 | |
| | | | | 4 | | | | 5 |
| | | | 6 | | | | 9 | |
| | | 1 | 7 | | | 4 | | 3 |
| | 8 | | 5 | 1 | | | | |
| | 3 | | | 9 | | | | |
| | | | | | | 7 | | |
| | 5 | 4 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 9 | 1 | 6 | 4 | 7 | 8 |
| 4 | 6 | 8 | 7 | 2 | 5 | 3 | 9 | 1 |
| 7 | 1 | 9 | 4 | 3 | 8 | 6 | 5 | 2 |
| 2 | 3 | 7 | 8 | 5 | 9 | 1 | 6 | 4 |
| 8 | 5 | 6 | 1 | 4 | 2 | 7 | 3 | 9 |
| 9 | 4 | 1 | 3 | 6 | 7 | 8 | 2 | 5 |
| 6 | 8 | 3 | 2 | 9 | 4 | 5 | 1 | 7 |
| 5 | 7 | 2 | 6 | 8 | 1 | 9 | 4 | 3 |
| 1 | 9 | 4 | 5 | 7 | 3 | 2 | 8 | 6 |

ଗତକାଲିର ଉତ୍ତର

# ସେବା ନା କ୍ଷମତା ଲୋଭ



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ନଭେମ୍ବର ୨୮ରେ ୮୩ତମ 'ମନ୍ କି ବାତ୍' ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସମ୍ବୋଧିତ କରି କହିଛନ୍ତି ଯେ, ସେ କ୍ଷମତା ଚାହାନ୍ତି ନାହିଁ ବରଂ ଲୋକଙ୍କ ସେବା କରିବାକୁ ଚାହୁଁଛନ୍ତି। ଅନ୍ୟ ଅର୍ଥରେ ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ କ୍ଷମତା ପ୍ରତି ତାଙ୍କର ଜମା ଆସକ୍ତି ନାହିଁ। ସେବା ହିଁ ପରମ ବ୍ରତ। ପୂର୍ବରୁ ସେ ନିଜକୁ ପ୍ରଧାନସେବକ ବୋଲି ସର୍ବଦା କହିଥା'ନ୍ତି। କିନ୍ତୁ ବାସ୍ତବରେ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସେ କେବଳ ଗୋଟିଏ କାର୍ଯ୍ୟ କରିଛନ୍ତି। ତାହାହେଲା କ୍ଷମତାକୁ ନିରଙ୍କୁଶ କରି ସବୁଦିନ ବଜାୟ ରଖିବା। ସେ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଗୁଜରାଟର ସର୍ବାଧିକ ରେକର୍ଡ ସମୟର ମୁଖ୍ୟମନ୍ତ୍ରୀ ଥିଲେ। ଏବେ ଭାରତର ସର୍ବାଧିକ ରେକର୍ଡ ସମୟର ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଛନ୍ତି। ସେଥିପାଇଁ ଅହରହ ପ୍ରଚାରରେ ଲିପ୍ତ ରହୁଛନ୍ତି। ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ନୂଆ ସ୍ଲୋଗାନ ଦେଉଛନ୍ତି।

ଲୋକଙ୍କ ସେବା କରିବାକୁ ଚାହୁଁଥିବା ବ୍ୟକ୍ତି କେବେ ବି ପ୍ରଚାରରେ ଲିପ୍ତ ହୁଅନ୍ତି ନାହିଁ। ଟିକସଦାତାଙ୍କ ଅର୍ଥରୁ ଟଙ୍କାଟିଏ ବ୍ୟୟ କଲେ ବା ରାଜ୍ୟକୁ ଦେଲେ ତାହା କେନ୍ଦ୍ର ଦେଉଛି ବୋଲି ପ୍ରଚାର କରାଯାଉଛି। ବିଜ୍ଞାପନରେ ମୋଦି ସରକାର କେତେ ଖର୍ଚ୍ଚ କରୁଛନ୍ତି ଏବଂ ତାଙ୍କ ଦଳର ଆଇଟି ସେଲ୍/ମିଡିଆ ସେଲ୍‌ରେ କେତେ ଖର୍ଚ୍ଚ ହେଉଛି, ବେକାର ଯୁବତୀ ଯୁବକମାନଙ୍କୁ କିପରି ମିଥ୍ୟା, ଅର୍ଦ୍ଧସତ୍ୟ ପ୍ରସାର ପାଇଁ ଏବଂ ସମାଲୋଚକଙ୍କ ବିରୋଧରେ ଘୃଣା ସୃଷ୍ଟି କରିବାରେ ନିୟୋଜିତ କରାଯାଉଛି ସେ କଥା ପ୍ରଧାନମନ୍ତ୍ରୀ କ'ଣ ଅବଗତ ନୁହନ୍ତି। ଅଗଷ୍ଟ ୨୦୧୪ରୁ ଅଗଷ୍ଟ ୨୦୧୮ ମଧ୍ୟରେ ବା ୪ ବର୍ଷରେ, ମୋଦି ସରକାର ବିଜ୍ଞାପନ/ପ୍ରଚାର ପାଇଁ ୫୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହା ୧୦ ବର୍ଷରେ ଉପା ସରକାର କରିଥିବା ବ୍ୟୟର ଦୁଇଗୁଣ । ୨୦୦୪ରୁ ୨୦୧୪ ମଧ୍ୟରେ ମନମୋହନ ସିଂଙ୍କ ନେତୃତ୍ୱରେ ଉପା ସରକାର ବିଜ୍ଞାପନ ତଥା ପ୍ରଚାର ପାଇଁ ପ୍ରାୟ ୨୬୫୨ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ମୋଦି ସରକାର ପ୍ରାୟ ୨୨୦୮ କୋଟି ଟଙ୍କା ଇଲେକ୍ଟ୍ରୋନିକ୍ ମିଡିଆରେ, ୨୧୩୬ କୋଟି ଟଙ୍କା ପ୍ରିଣ୍ଟ ମିଡିଆରେ ଏବଂ ୬୪୭ କୋଟି ଟଙ୍କା ବିଭିନ୍ନ ପ୍ରମୋସନାଲ କାର୍ଯ୍ୟକ୍ରମରେ ବ୍ୟୟ କରିଛନ୍ତି। ମିଡିଆ ବା ଗଣମାଧ୍ୟମ ଆଜି କେବଳ ସ୍ୱାଧୀନତା ହରାଇନି, ଗରିବ ଓ ସାଧାରଣ ଜନତାଙ୍କର ସ୍ୱର ନ ହୋଇ ସରକାରଙ୍କ ପ୍ରଚାରର ଏକ ମୁଖ୍ୟ ଅଂଶ ହୋଇଯାଇଛି। ଲୋକ ଠିକ୍ ତଥ୍ୟ ପାଉନାହାନ୍ତି। ସରକାରଙ୍କ ବିଫଳତା ଘୋଡ଼ାଯାଉଛି। ଆଜି ପର୍ଯ୍ୟନ୍ତ ଗୋଟିଏ ବି ସାମ୍ବାଦିକ ସମ୍ମିଳନୀ ପ୍ରଧାନମନ୍ତ୍ରୀ ଡାକିନାହାନ୍ତି। ଦଳୀୟ ଚିନ୍ତାଧାରାକୁ ଭିତ୍ତିକରି ସମାଜକୁ ଦୁଇଭାଗ କରି ଦିଆଯାଇଛି, ବୁଦ୍ଧିଜୀବୀଙ୍କୁ ପରସ୍ପର ମଧ୍ୟରେ ଲଢ଼େଇ କରିବାକୁ ଠେଲି ଦିଆଯାଉଛି।

ଦେଶସେବା କରିବାକୁ ଚାହୁଁଥିବା କୌଣସି ପ୍ରଧାନମନ୍ତ୍ରୀ ଟିକସଦାତାଙ୍କ ଅର୍ଥରେ ଆବଶ୍ୟକଠାରୁ ଅଧିକ ବିଦେଶ ଯିବେ ନାହିଁ। କିନ୍ତୁ ନଭେମ୍ବର ୨୦୨୧ ସୁଦ୍ଧା ଅର୍ଥାତ୍ ୭ ବର୍ଷ ୬ ମାସରେ ମୋଦି ୧୧୩ଟି ବିଦେଶ ଯାତ୍ରା କରିଛନ୍ତି। ମନମୋହନ ସିଂ ୧୦ ବର୍ଷରେ ମାତ୍ର ୭୩ଟି ବିଦେଶ ଯାତ୍ରା କରିଥିଲେ। ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ଯେଉଁ ଆମେରିକା ମୋଦିଙ୍କୁ ଭିଜା ଦେଇ ନ ଥିଲା, ପ୍ରଧାନମନ୍ତ୍ରୀ ହେଲା ପରେ ସେହି ଦେଶକୁ ସେ ୭ଥର ଯାଇଛନ୍ତି।

ଶାସନର ଦ୍ୱିତୀୟ ପାଳି ବା ୫ ବର୍ଷରେ ମନମୋହନ ସିଂଙ୍କ ମୋଟ ବିଦେଶ ଯାତ୍ରା ଖର୍ଚ୍ଚ ପ୍ରାୟ ୧୩୫୦ କୋଟି ଥିଲାବେଳେ ମୋଦିଙ୍କ କ୍ଷେତ୍ରରେ ଏହା ଫେବୃୟାରୀ ୨୦୧୯ ସୁଦ୍ଧା (୫ ବର୍ଷରୁ କମ୍) ପ୍ରାୟ ୨୦୦୦ କୋଟି ଟଙ୍କା ଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସୁରକ୍ଷା ଦେଉଥିବା ଏଲିଟ୍ ଫୋର୍ସ ପାଇଁ ବା ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ (ଏସ୍‌ପିଜି) ପାଇଁ, ଦିନକୁ ୧.୬୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ହେଉଛି। ୨୦୨୦ ବଜେଟରେ ଏଥିପାଇଁ ୫୯୨.୫ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନିଜ ପୋଷାକ, ପରିଚ୍ଛଦ ପାଇଁ ବହୁତ ବ୍ୟୟ କରନ୍ତି ବୋଲି ଅଭିଯୋଗ ଉଠୁଛି। ୨୦୧୫ରେ ମୋଦିଙ୍କ ଏକ କଷ୍ଟୋମାଇଜ୍ ସୁଟ୍‌ର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଥିଲା, ଯାହାକୁ ନେଇ ସେ ସମାଲୋଚନାର ଶରବ୍ୟ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ କିଛି ଦେଶରେ ମନ୍ତ୍ରୀ, ନେତା ସାଧାରଣ ଜନତାଙ୍କ ପରି ଜୀବନ ବିତାଇଥା'ନ୍ତି। ନିକଟରେ ନ୍ୟୁଜିଲାଣ୍ଡର ଜଣେ ମହିଳା ସାଂସଦ ପିଲା ଜନ୍ମ ପାଇଁ ସାଇକେଲ ଚଳାଇ ହସ୍ପିଟାଲକୁ ଯାଇଥିଲେ। ଆମ ଦେଶରେ ମନ୍ତ୍ରୀ, ନେତାଙ୍କ ପାଇଁ ଯେଉଁ ଅତ୍ୟଧିକ ସୁବିଧା ସୁଯୋଗ ଦିଆଯାଉଛି, ତାହାକୁ କାହିଁକି ଉଠାଇ ଦିଆଯାଉ ନାହିଁ।

ମୋଦିଙ୍କ ୭ ବର୍ଷରୁ ଊର୍ଦ୍ଧ୍ୱ ଶାସନରେ ଯେଉଁ ସବୁ ଘଟଣା ଘଟିଛି, ତାହା ଦର୍ଶାଉଛି ଯେ ସେ କ୍ଷମତାକୁ ଧରି ରଖିବା ପାଇଁ ବେଶି ଚେଷ୍ଟା କରିଛନ୍ତି। ନିଜକୁ ଦୁର୍ନୀତି ଓ କଳାଟଙ୍କା ବିରୋଧୀ ଭାବେ ଅଭିହିତ କରି ବିମୁଦ୍ରୀକରଣ ପଦକ୍ଷେପ ନେଇଥିଲେ। ସଂସଦରେ ବିରୋଧୀ ଦଳକୁ ବିଶ୍ୱାସକୁ ନ ନେଇ ଯେପରି ଏକତରଫା ଭାବେ କୃଷି ବିଲ୍ ଗୃହୀତ କରାଯାଇଥିଲା ଏବଂ ଜନପ୍ରିୟତା, କ୍ଷମତା ହରାଇବା ଭୟରେ ସେପରି ବିନା ଆଲୋଚନାରେ ଏକତରଫା ଭାବେ କୃଷି ଆଇନ ପ୍ରତ୍ୟାହାର କରିଛନ୍ତି। ସେହିପରି ମହାମାରୀର ଦ୍ୱିତୀୟ ଲହର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଯେପରି ବିଭିନ୍ନ ରାଜ୍ୟର ନିର୍ବାଚନ ପ୍ରଚାରରେ ଲିପ୍ତ ରହିଲେ, ତାହା କ'ଣ ଦେଶସେବାର ପ୍ରତୀକ ଥିଲା ?

ପ୍ରଧାନମନ୍ତ୍ରୀ ସବୁ ରାଜ୍ୟବାସୀଙ୍କର । କିନ୍ତୁ ଯଦି ସେ ଅଣଭାଜପା ଶାସିତ ରାଜ୍ୟକୁ ସହାନୁଭୂତି ନ ଜଣାଇ କଟୁ ମନ୍ତବ୍ୟ ଦେବେ ତାହାକୁ କ'ଣ ସେବାର ପ୍ରତୀକ କହିବା ? ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କ ଯଥା ଦାରିଦ୍ର୍ୟ ଦୂରୀକରଣ, ସାକ୍ଷରତା, ମାନବ ଉନ୍ନୟନ କ୍ଷେତ୍ରରେ ଭାଜପା ଆଦୌ ଶାସନ କରି ନ ଥିବା ରାଜ୍ୟ କେରଳ ଦେଶରେ ସର୍ବାଗ୍ରେ ରହିଲେ ମଧ୍ୟ ପ୍ରଧାନମନ୍ତ୍ରୀ କେବେ ବି ଏହାକୁ ପ୍ରଶଂସା କରିନାହାନ୍ତି, ବରଂ ନିନ୍ଦା କରିଛନ୍ତି। କିନ୍ତୁ ଅପରପକ୍ଷରେ ଉତ୍ତରପ୍ରଦେଶରେ ଦାରିଦ୍ର୍ୟ, ଅପରାଧ, ନାରୀ ନିର୍ଯାତନା ସର୍ବାଧିକ ରହିବା, ମାନବ ଉନ୍ନୟନ କ୍ଷେତ୍ରରେ ପଛୁଆ ହେବା ସତ୍ତ୍ୱେ ସେଠାର ଭାଜପା ସରକାରଙ୍କୁ ପ୍ରଶଂସା କରାଯାଉଛି। ବିରୋଧୀ ଦଳ ଶକ୍ତିଶାଳୀ ହେଲେ ଗଣତନ୍ତ୍ର ମଜଭୁତ ହୁଏ। କିନ୍ତୁ ବିରୋଧୀ ଧ୍ୱଂସ କରି ନିରଙ୍କୁଶ କ୍ଷମତା ପାଇଁ ଯାହା ଆବଶ୍ୟକ ତାହା ଏବେ କରାଯାଉଛି। ସର୍ବଦା ଡବଲ ଇଞ୍ଜିନ ସ୍ଲୋଗାନ ଦିଆଯାଉଛି। ସାଢ଼େ ସାତ ବର୍ଷ ଶାସନ କରିବା ସତ୍ତ୍ୱେ ନିଜ ବିଫଳତା ଘୋଡ଼ାଇବା ପାଇଁ ସର୍ବଦା ପୂର୍ବ କଂଗ୍ରେସ ସରକାରଙ୍କ ଉପରେ ଦୋଷ ଲଦି ଦିଆଯାଉଛି। ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଦଳର ନେତାମାନେ ନିଜ ବିଫଳତା ଘୋଡ଼ାଇବା ପାଇଁ ନେହେରୁ, ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଯେଉଁ କୁତ୍ସା ରଟନା କରୁଛନ୍ତି, ତାହା ତାଙ୍କର କ୍ଷମତା ପ୍ରତି ଥିବା ଆସକ୍ତିକୁ ପ୍ରତିଫଳନ କରୁଛି।

ବାସ୍ତବରେ ନେତାମାନେ ଯଦି ଦେଶ ସେବା ପାଇଁ ରାଜନୀତି କରୁଥାନ୍ତେ, ତେବେ ଅପରାଧରେ ସମ୍ପୃକ୍ତ ଲୋକ ବା ଧନଶାଳୀ ବେଶି ନିର୍ବାଚିତ ହୁଅନ୍ତେ ନାହିଁ। ଲୋକ ସଭାର ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକଙ୍କ ବିରୋଧରେ ଆପରାଧିକ ମାମଲା ରହିଛି, ଯାହା ୨୦୧୪ ତୁଳନାରେ ୨୬% ଅଧିକ। ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆରଏସ୍) ଅନୁଯାୟୀ, ୫୩୯ ବିଜେତା ପ୍ରାର୍ଥୀଙ୍କ ମଧ୍ୟରୁ ୨୩୩ ସାଂସଦ କିମ୍ବା ୪୩% ପ୍ରତିଶତଙ୍କ ବିରୋଧରେ ଆପରାଧିକ ଅଭିଯୋଗ ଅଛି। ସେହିଭଳି ୨୩୩ଟି ରାଜ୍ୟ ସଭା ଆସନ ମଧ୍ୟରୁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ୨୨୯ ମଧ୍ୟରୁ ୫୪ ସାଂସଦ କିମ୍ବା ୨୪%ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସଂସଦରେ କୋଟିପତିଙ୍କ ପ୍ରାଧାନ୍ୟ ମଧ୍ୟ ବୃଦ୍ଧି ପାଉଛି। ନୂତନ ଲୋକ ସଭାର ମୋଟ ୪୭୫ ସଦସ୍ୟ ହେଉଛନ୍ତି 'କୋଟିପତି'। ୨୫ ମାର୍ଚ୍ଚ ୨୦୧୮ ସୁଦ୍ଧା ଲୋକ ସଭା ନିର୍ବାଚନରେ ବିଜେତାଙ୍କ ହାରାହାରି ସମ୍ପତ୍ତି ହେଉଛି ୨୦.୯୩ କୋଟି ଟଙ୍କା। ନୂତନ ଲୋକ ସଭାରେ ୨୬୬ ଜଣ ସଦସ୍ୟ ଅଛନ୍ତି, ଯାହାଙ୍କର ସମ୍ପତ୍ତି ୫ କୋଟି ଟଙ୍କା ବା ତା'ଠାରୁ ଅଧିକ। ୨୨୯ଟି ରାଜ୍ୟ ସଭା ସାଂସଦଙ୍କ ମଧ୍ୟରୁ ୮୮% ବା ୨୦୧ ଜଣ ସାଂସଦ କୋଟିପତି ଏବଂ ରାଜ୍ୟ ସଭା ସାଂସଦଙ୍କ ସମ୍ପତ୍ତିର ହାରାହାରି ୫୫.୬୨ କୋଟି ଟଙ୍କା। ଜୁନ୍ ୧୯ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ୬୨ ନୂତନ ସଦସ୍ୟଙ୍କ ମଧ୍ୟରୁ ୫୨ ସାଂସଦ (୮୪%) କୋଟିପତି ଏବଂ ସେମାନଙ୍କର ହାରାହାରି ସମ୍ପତ୍ତି ମୂଲ୍ୟ ୭୪.୦୪ କୋଟି ଟଙ୍କା।

ପୁନଶ୍ଚ ଦେଶସେବା ପାଇଁ ରାଜନୀତି କ'ଣ ଏକମାତ୍ର ବିକଳ୍ପ? ବର୍ତ୍ତମାନ ରାଜନୀତି କରିବା ଏକ ସେବା ନୁହେଁ, ବରଂ ରୋଜଗାର କରିବା, କ୍ଷମତା ଜାହିର କରିବାର ଏକ ବୃତ୍ତି ପାଲଟିଯାଇଛି। ରାଜନୀତିରେ କିଛି ନୀତି ଆଦର୍ଶ ନାହିଁ। କେବଳ ବାମ ଦଳକୁ ଛାଡ଼ିଦେଲେ ଜଣେ ଏକ ରାଜନୈତିକ ଦଳରେ ଯୋଗ ଦେଲାବେଳେ ଆଦର୍ଶ, ନୀତି, ଚିନ୍ତାଧାରାକୁ ଭିତ୍ତି କରି ନୁହେଁ, ବରଂ କେଉଁ ଦଳରେ ଯୋଗ ଦେଲେ ବ୍ୟକ୍ତିଗତ ଲାଭ ହେବ, ସେହି ଦଳରେ ଯୋଗ ଦେଉଛନ୍ତି। ଏହାର ଅର୍ଥ ନୁହେଁ ସବୁ ରାଜନେତା ଖରାପ, କିନ୍ତୁ ଅଧିକାଂଶ ନିଜ ସ୍ୱାର୍ଥସାଧନ ପାଇଁ ବ୍ୟସ୍ତ।

ମୋ:୯୪୩୭୨୦୮୭୬୨

# କରୋନାଠୁ କମ୍ ନୁହେଁ



ବିପ୍ଳବ

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଟିକାକରଣରେ ଜାତୀୟ ହାରଠୁ ଓଡ଼ିଶା ଆଗରେ ରହିଛି। ପରିସଂଖ୍ୟାନ ଦୃଷ୍ଟିରୁ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ମୃତ୍ୟୁ ହାର ବେଶ୍ କମ୍। ଏ ସବୁର ଶ୍ରେୟ ସରକାରଙ୍କୁ ଦିଆଯାଉଛି। ମାତ୍ର କରୋନାଠୁ ଆଉ ଗୋଟିଏ ବ୍ୟାଧି ଓଡ଼ିଶାକୁ କବଳିତ କରିଚାଲିଛି। ତାହା ହେଉଛି ନିଶା। ଯାହା କରୋନାଠୁ ଆହୁରି ଭୟଙ୍କର ହୋଇଥିଲେ ମଧ୍ୟ ତାହାର କ୍ଷତିକୁ ସରକାର ଅଣଦେଖା କରିଚାଲିଛନ୍ତି।

ମଦ ଶରୀର ପାଇଁ ଏକ ଅନୁଚିତ ପାନୀୟ। ବୈଜ୍ଞାନିକମାନେ କହିଛନ୍ତି, ମଦ୍ୟପାନ ଏକ ପ୍ରକାର ରୋଗ। ତାକୁ ଅଭ୍ୟାସ କରିବା ଯେତିକି ସହଜ ଛାଡ଼ିବା ଆହୁରି କଷ୍ଟକର। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥ୍ୟରୁ ଜଣାଯାଏ, ଭାରତରେ ପ୍ରତିବର୍ଷ ୨.୬ଲକ୍ଷ ଲୋକଙ୍କର ମଦଜନିତ ମୃତ୍ୟୁ ଘଟିଥାଏ। ପ୍ରାୟ ଲକ୍ଷେ ଲୋକ ରାସ୍ତା ଦୁର୍ଘଟଣାରେ, ୩୦ହଜାର ପାଖାପାଖି ମଦ୍ୟପାନଜନିତ କ୍ୟାନ୍‌ସରରେ, ଆଉ ୧.୪ଲକ୍ଷ ଲୋକ ଲିଭର ସମସ୍ୟା ଯୋଗୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ମଦ୍ୟପ ଗାଡ଼ି ଚାଳକ ନିଜେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବା ସହିତ ବେଳେ ବେଳେ ନିରୀହ ଲୋକର ଜୀବନ ନେଇଥାଏ। ଏହି ଦୁର୍ଘଟଣା ପାଇଁ କୋର୍ଟ କଚେରିରେ ଦୀର୍ଘଦିନ ଧରି ମକଦ୍ଦମା ଚାଲେ। ବୀମା କମ୍ପାନୀ କ୍ଷତି ପୂରଣ ଦିଏ ଅଥବା ସରକାର ମୃତବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ବାଧ୍ୟ ହୋଇଥାନ୍ତି। ଏହା ରାଜକୋଷରୁ ବ୍ୟୟ ହୋଇଥାଏ। ତଥାପି ସରକାର ମଦରୁ ଯଥେଷ୍ଟ ରାଜସ୍ୱ ପାଉଛନ୍ତି ବୋଲି ଯୁକ୍ତି ଦର୍ଶାନ୍ତି।

ପରିସଂଖ୍ୟାନରୁ ଜଣାଯାଏ, ୨୦୨୦-୨୧ଆର୍ଥିକ ବର୍ଷରେ ସରକାର କମ୍ ଅବକାରୀ ରାଜସ୍ୱ ପାଇଥିଲେ। କାରଣ ମହାମାରୀ କରୋନା ପାଇଁ ମଦଦୋକାନ ଖୋଲିବା ଲାଗି ଅନୁମତି ମିଳି ନ ଥିଲା। ହେଲେ କରୋନାରେ ସାମାନ୍ୟ ସୁଧାର ଆସୁ ଆସୁ ସରକାର ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଦେଲେ। ମଦ୍ୟପାନଜନିତ ପାରିବାରିକ ଓ ସାମାଜିକ ସମସ୍ୟା କଥା ସମ୍ପୂର୍ଣ୍ଣ ଭୁଲିଗଲେ। ଓଡ଼ିଶାରେ ମଦ୍ୟପାନଜନିତ ରାସ୍ତା ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ପରିସଂଖ୍ୟାନରୁ ଜଣାଯାଏ, ଏହା ବୃଦ୍ଧି ପାଇବାରେ ଲାଗିଛି। ଏପରି ସ୍ଥଳେ ସରକାର ମଦ ବିକ୍ରି ପାଇଁ ଉତ୍ସାହିତ କରିବା ଓ ପୁରସ୍କାର ବ୍ୟବସ୍ଥା କରିବା ଦୁଃଖଦାୟକ। ଚଳିତବର୍ଷ ଜୁଲାଇର ସରକାରୀ ହିସାବରୁ ଜଣାଯାଏ, ଓଡ଼ିଶାର ମାସିକ ମଦବିକ୍ରି ପ୍ରାୟ ୫୬ଲକ୍ଷ ୧୬ହଜାର ଲିଟର ଅର୍ଥାତ୍ ଦୈନିକ ୧ଲକ୍ଷ ୮୭ହଜାର ଲିଟର ମଦ ପିଆଯାଉଛି। ଏପରି କ୍ଷେତ୍ରରେ ମଦ୍ୟପାନ ଜନିତ ଲାଭରୁ ରାଜ୍ୟ ଚଳେଇବାକୁ ଯୁକ୍ତି କରାଯାଉଛି। ଓଡ଼ିଶାରେ ମଦ ସମ୍ପୂର୍ଣ୍ଣ ନିଷେଧ ପାଇଁ ୨୦୧୩ରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଓଡ଼ିଶା ପ୍ରୋହିବିଶନ୍ ଆକ୍ଟ ୧୯୫୬ ଅନୁଯାୟୀ ସାରା ରାଜ୍ୟରେ ମଦ ସମ୍ପୂର୍ଣ୍ଣ ନିଷେଧ କରାଯିବା କଥା। ମାତ୍ର ସରକାର ତା'ର ବିପରୀତ କାର୍ଯ୍ୟ କରିଚାଲିଛନ୍ତି। ଏ ସମ୍ପର୍କିତ ମାମଲା ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଅଜବ ଯୁକ୍ତି ଦର୍ଶାଯାଇଛି। ମଦ ବନ୍ଦ ହେଲେ ଅର୍ଥନୀତି ସହିତ ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହେବ। ବିଷାକ୍ତ ମଦ ଓ ନିଷିଦ୍ଧ ଡ୍ରଗ୍ସ କାରବାର ବଢ଼ିବ। ଏପରି କି ଗୁଜରାଟ ସରକାର ୧୯୫୧ରୁ ଓ ବିହାର ସରକାର ୨୦୧୬ରୁ ମଦ ନିଷିଦ୍ଧ କରି ବିଫଳ ହୋଇଛନ୍ତି ବୋଲି ଯୁକ୍ତି ଦର୍ଶାଇଛନ୍ତି। ଏ ଯୁକ୍ତି ବଡ଼ ଅଜବ। ମଦ ବିକ୍ରି ନ ହେଲେ ସେଇ ସୂତ୍ରରୁ ମିଳୁଥିବା ରାଜସ୍ୱ ମିଳିବନି ଆଉ ଅର୍ଥନୀତି ପ୍ରଭାବିତ ହୋଇପାରେ ଯଦି ଅନ୍ୟସୂତ୍ରରୁ ରାଜସ୍ୱ ବୃଦ୍ଧି ନ ହୁଏ। ମାତ୍ର ପର୍ଯ୍ୟଟନ ଶିଳ୍ପ କିପରି ପ୍ରଭାବିତ ହେବ ? ନିଷିଦ୍ଧ ଡ୍ରଗ୍ସ ଆଉ ଚୋରାମଦ କାରବାର ବନ୍ଦ କରିବା ଅବକାରୀ ବା ପୋଲିସ୍ ବିଭାଗର କାର୍ଯ୍ୟ। ତାକୁ ନ ରୋକି ସରକାର ନିଜେ ମଦ ବିକ୍ରି ସପକ୍ଷରେ ଯୁକ୍ତି କରିବା କେତେଦୂର ଗ୍ରହଣୀୟ ?

ସତରେ କ'ଣ ସରକାରଙ୍କ ଅବକାରୀ ରାଜସ୍ୱ ହ୍ରାସପାଇଲେ ରାଜ୍ୟ ଦରିଦ୍ର ହୋଇଯିବ, ସରକାରୀ କର୍ମଚାରୀମାନେ ଦରମା ଠିକ୍ ସମୟରେ ପାଇବେ ନାହିଁ, ସରକାର ବିଭିନ୍ନ ଯୋଜନାରେ ବାଣ୍ଟୁଥିବା ମାଗଣା ସୁବିଧା ହିତାଧିକାରୀମାନଙ୍କୁ ମିଳିବ ନାହିଁ? ଏମିତି ପ୍ରଶ୍ନ ମନରେ ଉଠେ। ଉଠିବା ବି ସ୍ୱାଭାବିକ। ଧରାଯାଉ ଗୋଟିଏ ଲୋକ ମାସକୁ ୨ହଜାର ଟଙ୍କାର ମଦ ପିଏ। ଯଦି ସରକାରଙ୍କ ତରଫରୁ ରାଜ୍ୟରେ ମଦ ନିଷିଦ୍ଧ ହୋଇଯିବ ତେବେ ସେଇ ଲୋକ ୨ହଜାର ଟଙ୍କା କ'ଣ କରିବ? ତାକୁ ଫୋପାଡ଼ି ଦେବ କି ଅନ୍ୟକାମରେ ଲଗାଇବ? ଫୋପାଡ଼ିବ ନାହିଁ ନିଶ୍ଚୟ। ତାକୁ ବ୍ୟାଙ୍କରେ ଥୋଇବ ନ ହେଲେ ଘର ପାଇଁ କିଛି ଜିନିଷ କ୍ରୟ କରିବ ବା ଅନ୍ୟାନ୍ୟ ଖର୍ଚ୍ଚ କରିବ। ସେ ଯେଉଁ ଜିନିଷ କ୍ରୟ କରିବ ତା' ଉପରେ ଟ୍ୟାକ୍ସ ଦେବ। କାରଣ ପ୍ରତ୍ୟେକ ଜିନିଷର ସର୍ବାଧିକ ଖୁଚୁରା ମୂଲ୍ୟରେ ସରକାରୀ ଟ୍ୟାକ୍ସ ମିଶିକରି ଥାଏ। ତେଣୁ ସରକାର କ୍ଷତି ସହିବାର ପ୍ରଶ୍ନ ଉଠୁ ନାହିଁ । ଯେମିତି ହେଲେ ସରକାରଙ୍କ ପାଖକୁ ରାଜସ୍ୱ ଯିବ। ବରଂ ତା'ଅପେକ୍ଷା ମଦ୍ୟପାନ ଜନିତ ସଂଗଠିତ ଅପରାଧ, ଦୁର୍ଘଟଣା, କ୍ଷୟକ୍ଷତିରେ ସରକାରୀ ଅନୁଦାନ, କୋର୍ଟ କଚେରି ଥାନା ଖର୍ଚ୍ଚ, ଅବକାରୀ ଖର୍ଚ୍ଚ ଓ ଆମ୍ବୁଲାନ୍ସ ଖର୍ଚ୍ଚରୁ ସରକାରଙ୍କୁ ମୁକ୍ତି ମିଳିବ। କିଛି ଲୋକଙ୍କର ପରିବାର ସୁଧୁରି ଯିବ। ଯଦି ମହାମାରୀ କରୋନା ମୃତ୍ୟୁ ସହିତ ଆମ ମଦମୃତ୍ୟୁର ତୁଳନା କରାଯାଏ ତେବେ ତାହା ଖୁବ୍ ନଗଣ୍ୟ। କରୋନାରେ ଓଡ଼ିଶାରୁ ଦେଢ଼ ବର୍ଷ ଭିତରେ ଚଳିତ ବର୍ଷ ନଭେମ୍ବର ୧୨ ସୁଦ୍ଧା ୮୩୮୯ଜଣଙ୍କର ମୃତ୍ୟୁ ଘଟିଛି। ମାତ୍ର ମଦଜନିତ ମୃତ୍ୟୁସଂଖ୍ୟା ତାହା ତୁଳନାରେ ଢେର ଗୁଣରେ ଅଧିକ।

ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତା ବଳରେ କରୋନାକୁ ରୋକି ହେବ। ଏଥିପାଇଁ ଲକ୍‌ଡାଉନ୍, ଶଟ୍ ଡାଉନ୍ କରାଯାଉଛି। ବାଣିଜ୍ୟ, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ସରକାର ଜୀବନକୁ ପ୍ରାଥମିକତା ଦେଉଛନ୍ତି। ଆମକୁ ଘରେ ମାସ ମାସ ଧରି ବନ୍ଦ କରି ରଖିଛନ୍ତି। ତେବେ ତାହାଠୁ ଭୟଙ୍କର ମଦ ପାଇଁ କ'ଣ କରିଛନ୍ତି? ସାଧାରଣ ଲୋକଟି ଚାହିଁଲେ କରୋନା କବଳରୁ ବର୍ତ୍ତିପାରିବ, ମାତ୍ର ମଦ କବଳରୁ ବର୍ତ୍ତିବା ସହଜ ନୁହେଁ। ମଦର ପ୍ରସାରକୁ ରୋକିବା ପାଇଁ ମହିଳା ସଂଗଠନ ବା ମଦବିରୋଧୀ ସାମାଜିକ ଅନୁଷ୍ଠାନ ସାମୟିକ ଭାବରେ ଭଙ୍ଗାରୁଜା ବା ଆନ୍ଦୋଳନ କରିପାରିବେ। ତାହାଠାରୁ ଅଧିକ ଆଉ କିଛି କରିପାରିବେ ନାହିଁ। ସ୍ଥାନୀୟ ପୋଲିସ ଓ ପ୍ରଶାସନର କ୍ଷମତା ନାହିଁ କୌଣସି ସ୍ୱୀକୃତିପ୍ରାପ୍ତ ମଦଦୋକାନକୁ ବନ୍ଦ କରିପାରିବ। କେବଳ ସରକାର ଚାହିଁଲେ ଗୋଟିଏ ଆଇନ୍ ବଳରେ ପଦେକଥାରେ ବା ଦୁଇ ଚାରୋଟି ଦସ୍ତଖତ ବଦଳରେ ରାଜ୍ୟର ଭାଗ୍ୟ ବଦଳେଇପାରିବେ। ଏଥିପାଇଁ ସରକାର ନିଜର ମାନସିକତା ବଦଳେଇବା ଦରକାର। ଏକ ବିରାଟ ସଫଳତା ପଛରେ କିଛି ତ ବିଫଳତା ଆଉ ଅନ୍ତରାୟ ଆସିବ। ମାତ୍ର ଅବକାରୀ ରାଜସ୍ୱରେ ସରକାର ତିଷ୍ଠିଛି ଏହା ଏକ ଅବାନ୍ତର ଯୁକ୍ତି।

ମକୁନ୍ଦପୁର,ବାଙ୍କୀ
ମୋ-୯୪୩୭୪୬୮୦୧୬

## ଏଇ ଭାରତରେ

ସମୟ ଚକ୍ରରେ ବହୁ ବରିଷ୍ଠ ନାଗରିକ ପରିବାର ପାଇଁ ଅଲୋଡ଼ା ହୋଇଯାଆନ୍ତି। ଏମିତି କି ଦିନକୁ ଦୁଇବେଳା ଖାଇବା ଯୋଗାଡ଼ କରିବା ସେମାନଙ୍କୁ କଷ୍ଟକର ହୋଇଯାଏ। ହେଲେ ମୁମ୍ବାଇର ଡ. ଉଦୟ ମୋଦି ଏଭଳି ଅସହାୟ ବରିଷ୍ଠ ନାଗରିକମାନଙ୍କ ସାହାରା ପାଲଟିଛନ୍ତି। ଲକ୍‌ଡାଉନ୍ ସମୟରୁ ପାଖାପାଖି ୧୩ ମାସ ହେବ ସେମାନଙ୍କୁ ଖାଦ୍ୟ ଦେଉଛନ୍ତି। ୫୧ ବର୍ଷୀୟ ଡ. ମୋଦି ମୁମ୍ବାଇର ଭାୟାନ୍ଦରସ୍ଥିତ କ୍ଲିନିକ୍‌ରେ ରୋଗୀ ସେବା କରିବା ସହ ସେଥିରୁ ସମୟ ବାହାର କରି ୩୦୦ ଅସହାୟ ବରିଷ୍ଠ ନାଗରିକଙ୍କୁ ଦିନକୁ ଦୁଇବେଳା ଖାଦ୍ୟ ଯୋଗାଉଛନ୍ତି। ଏଥିପାଇଁ ତାଙ୍କୁ ଲୋକେ 'ଟିଫିନ ଡାକ୍ତର' ବୋଲି ସମ୍ବୋଧନ କରୁଛନ୍ତି। ୧୩ ବର୍ଷ ପୂର୍ବେ ତାଙ୍କ ନିକଟକୁ ଚିକିତ୍ସା ପାଇଁ ଜଣେ ବୟସ୍କ ଲୋକ ଆସିଥିଲେ । ଘରେ ପୁଅମାନେ ଖାଇବାକୁ ଦେଉ ନ ଥିବାରୁ ସେ ଡାକ୍ତରଙ୍କୁ ଖାଦ୍ୟ ମାଗିଥିଲେ। ଏହି ଘଟଣା ଦେଖି ଡ. ମୋଦିଙ୍କ ମନୋଭାବ ପରିବର୍ତ୍ତନ ହୋଇଯାଇଥିଲା ଓ ଏଭଳି ଅସହାୟଙ୍କୁ ଠାବ କରିବା ଲାଗି ପ୍ରଚାରପତ୍ର ବାଣ୍ଟିଥିଲେ। ଡ. ମୋଦିଙ୍କ ସ୍ତ୍ରୀ ପ୍ରଥମ ୧୫ ଦିନ ୧୧ ଜଣଙ୍କୁ ରୋଷେଇ କରି ଖାଇବାକୁ ଦେଇଥିଲେ। ଅସହାୟଙ୍କ ସଂଖ୍ୟା ବଢ଼ିବା ପରେ ସେ ଏକ ଟ୍ରଷ୍ଟ ଗଠନ କରି ଖାଦ୍ୟ ରୋଷେଇ ଓ ବଣ୍ଟନ ବ୍ୟବସ୍ଥା ନିଜ ଖର୍ଚ୍ଚରେ କରୁଛନ୍ତି। ଏଥିପାଇଁ କର୍ମଚାରୀ ନିଯୁକ୍ତ କରିଛନ୍ତି । ଦୁଇଟି ଟେମ୍ପୋ ଓ ୪ଟି ଭ୍ୟାନ୍‌ରେ କର୍ମଚାରୀମାନେ ଖାଦ୍ୟ ବାଣ୍ଟୁଛନ୍ତି। ଏ ବାବଦରେ ଡ. ମୋଦି ମାସକୁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି।

## ଚିରନ୍ତନୀ

ଚଖାଇ ଯାଏ ସେ ଗୋ ତପତି ହୀନ ଆଶା,
ରଖାଇ ଯାଏ ପ୍ରାଣେ ପ୍ରକାଶ-ହୀନ ଭାଷା।
ମରମେ ରହେ ମରି
ସଦା ଯେ ମରମରି
ତୃପତିହୀନ ଆଶା
ପ୍ରକାଶହୀନ ଭାଷା।

–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅରୁଣ ସ୍ତମ୍ଭର ସୁରକ୍ଷା ହେଉ

ମହାଶୟ,

ପ୍ରତ୍ୟେକ ଶ୍ରଦ୍ଧାଳୁ ଶ୍ରୀମନ୍ଦିର, ସତ୍ୟବାଦୀ ଦେବଙ୍କ ଅରୁଣ ସ୍ତମ୍ଭଙ୍କୁ ଆରାଧ କରିସାରିବା ପରେ ମନ୍ଦିର ପ୍ରବେଶ କରିଥାନ୍ତି। ଶ୍ରଦ୍ଧାଳୁ ଅରୁଣ ସ୍ତମ୍ଭକୁ ସ୍ପର୍ଶ ନ କରିବା ନିମନ୍ତେ ଅବଶ୍ୟ ଲୁହା ଘେରାବନ୍ଦୀ କରାଇଛି। ଅରୁଣ ସ୍ତମ୍ଭ ସବୁ ବିଭିନ୍ନ ଋତୁରେ ଫୁଙ୍ଗୁଳା ଥାଆନ୍ତି। ଖଣ୍ଡେ ରଙ୍ଗିନ କନା ଆବୃତ୍ତ କରାଯାଇଥାଏ। ଶୀତଦିନେ ପ୍ରଭୁଙ୍କୁ ଘୋଡ଼ଲାଗି କରାଯାଇଥାଏ, ମାତ୍ର ଅରୁଣ ସ୍ତମ୍ଭରେ ଘୋଡ଼ଲାଗି ସମ୍ପୂର୍ଣ୍ଣ ଭାବେ ହୋଇ ନ ଥାଏ। ମନ୍ଦିରର ବୁଢ଼ା ପୁରୁଣା ହେବାରୁ ଷ୍ଟିଲ୍ (ଲୁହା) ବିମ୍ ଖଞ୍ଜାଯାଇଛି। ସେହିପରି ଅରୁଣ ସ୍ତମ୍ଭ ଅତ୍ୟନ୍ତ ପୁରୁଣା ପ୍ରସ୍ତର ହୋଇଥିବାରୁ, ନିଶୁଣି ପଡ଼ିଥିବା କ୍ରେନ୍ ଯୋଗେ ଅରୁଣ ସ୍ତମ୍ଭ ବିଭିନ୍ନ ରଙ୍ଗିନ କନାରେ ସଜ୍ଜିତ ହୋଇଥାଏ। ଆମର କ୍ଷୁଦ୍ରବୁଦ୍ଧି କହୁଛି ଅରୁଣ ସ୍ତମ୍ଭ ଦୃଢ଼ ରହିବା ପାଇଁ ଷ୍ଟିଲ୍ ଫ୍ରେମ କରାଯାଉ। ବଜ୍ର ନିରୋଧୀ ହେବା ନିମନ୍ତେ ବଜ୍ରବାରେଣୀ ଆର୍ଥି କରାଯାଉ।

**– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
Bhubaneswar, Tuesday, December 7/2021



### ୨୦୦ମିଲିୟନ ସବ୍‌ସ୍କ୍ରାଇବର କ୍ଲବ୍‌ରେ ଟି-ସିରିଜ

ଭାରତର ଜଣାଶୁଣା ସଙ୍ଗୀତକାର ଗୁଲସନ କୁମାରଙ୍କ ମ୍ୟୁଜିକ କମ୍ପାନୀ ଟି-ସିରିଜ ଦେଶର ସବୁଠାରୁ ବଡ ମ୍ୟୁଜିକ କ୍ୟାସେଟ କମ୍ପାନୀ ଭାବେ ପରିଚିତ। ବର୍ତ୍ତମାନ ଏହି କମ୍ପାନୀ ୟୁଟ୍ୟୁବ୍‌ରେ ଇତିହାସ ସୃଷ୍ଟି କରିଛି। କମ୍ପାନୀର ୟୁଟ୍ୟୁବ୍ ଚ୍ୟାନେଲ ବିଶ୍ୱର ସବୁଠାରୁ ଅଧିକ ସବ୍‌ସ୍କ୍ରାଇବର ଚ୍ୟାନେଲ ଭାବେ ସ୍ୱୀକୃତି ପାଇଛି। ଟି-ସିରିଜ ବର୍ତ୍ତମାନ ୨୦୦ମିଲିୟନ ବା ୨୦କୋଟିରୁ ଅଧିକ ସବ୍‌ସ୍କ୍ରାଇବର ହୋଇଯାଇଛନ୍ତି। ଏହା ସାରା ବିଶ୍ୱରେ କୌଣସି ଏକ ୟୁଟ୍ୟୁବ୍ ଚ୍ୟାନେଲ ତୁଳନାରେ ସବୁଠାରୁ ଅଧିକ ବୋଲି ସୂଚନା ମିଳିଛି। ଟି-ସିରିଜର ବର୍ତ୍ତମାନ ୨୯ଟି ଚ୍ୟାନେଲ ରହିଛି।

## ସଂକ୍ଷେପରେ

### ପୂର୍ବତଟ ରେଳପଥ ପକ୍ଷରୁ ମହାପରିନିର୍ବାଣ ଦିବସ

**ଭୁବନେଶ୍ୱର,୬।୧୨:** ପୂର୍ବତଟ ରେଳପଥ ପକ୍ଷରୁ ସୋମବାର ସ୍ଥାନୀୟ ଚନ୍ଦ୍ରଶେଖରପୁର ରେଳସଦନ ପରିସରରେ ଭାରତ ରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସମେତ ପୂର୍ବତଟର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ତୁଷାରକାନ୍ତି ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ୱାଲ୍‌ଟିୟର ଡିଭିଜନଠାରେ ମଧ ମଣ୍ଡଳ ରେଳବାଇ ପ୍ରବନ୍ଧକମାନଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତରେ ମହାପରିନିର୍ବାଣ ଦିବସ ପାଳନ କରାଯାଇଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

### ରେକ୍ କାର୍ଯ୍ୟ ପାଇଁ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୬।୧୨:** ପୂର୍ବତଟ ରେଳପଥ ପରିସୀମା ମଧ ଦେଇ ଯାତାୟାତ କରୁଥିବା ଏବଂ ଏହା ମଧକୁ ଆସୁଥିବା କିଛି ଟ୍ରେନ୍‌କୁ ବିଶେଷ କାର୍ଯ୍ୟ ପାଇଁ ବାତିଲ କରାଯାଇଛି। ଟ୍ରେନ ଚଳାଚଳରେ ସ୍ୱାଭାବିକତା ଆଣିବାକୁ ରେଳ ରେକ୍ କାର୍ଯ୍ୟ (ଆଡଜଷ୍ଟମେଣ୍ଟ) ଭଳି ନିଷ୍ପତ୍ତି ନିଆଯାଇଛି। ବାତ୍ୟା ଜୱାଦ ସମୟରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସଂଯୋଗକାରୀ ଟ୍ରେନ୍ ଗୁଡିକ ପୂର୍ବରୁ ବାତିଲ କରାଯାଇଥିଲା। ବର୍ତ୍ତମାନ ବାତିଲ ହୋଇଥିବା ଟ୍ରେନ୍‌ଗୁଡିକ ମଧରେ ରହିଛି ସେହିଭଳି ବୁଧବାର ଜସିଡିହଠାରୁ ଛାଡିବାକୁ ଥିବା ଜସିଡିହ-ତାମ୍ବରମ୍ ଏକ୍ସପ୍ରେସ୍। ଡିସେମ୍ବର ୮ରେ ଭାଗଲପୁରଠାରୁ ଛାଡିବାକୁ ଥିବା ଭାଗଲପୁର-ଯଶୋବନ୍ତପୁର ଏକ୍ସପ୍ରେସ୍ ପ୍ରମୁଖ ରହିଛି। ଅପରପକ୍ଷରେ ଚେନ୍ନାଇରୁ ଛାଡିବାକୁ ଥିବା ଚେନ୍ନାଇ-ପୁରୀ ଏକ୍ସପ୍ରେସ ସହିତ ଆଲେପ୍ପିରୁ ଉଭୟ ସୋମବାର ଓ ମଙ୍ଗଳବାର ଛାଡ଼ିବାକୁ ଥିବା ଆଲେପ୍ପି-ଧାନବାଦ୍ ଏକ୍ସପ୍ରେସ। ଡିସେମ୍ବର ୭ରେ ତ୍ରିଭେନ୍ଦ୍ରମଠାରୁ ଛାଡିବାକୁ ଥିବା ତ୍ରିଭେନ୍ଦ୍ରମ-ସିଲ୍‌ଚର୍ ଏକ୍ସପ୍ରେସ। ରହିଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତରେ ଚାଲିବ ହାଇଡ୍ରୋଜେନ୍ କାର୍

**ମୁମ୍ବାଇ,୬।୧୨**

ଦେଶରେ ତୈଳ ଉତ୍ପାଦନ ସୁବିଧା ନ ଥିବାରୁ ବିଦେଶୀ ରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡୁଛି। ସେଥିପାଇଁ ସରକାର ତୈଳ ବା ଜୀବାଶ୍ମ ଇନ୍ଧନ ଚାଳିତ ଯାନବାହନ ବଦଳରେ ଦେଶରେ ଇ-ଯାନ ଚଳାଇବାକୁ କମ୍ପାନୀ ଓ ଗ୍ରାହକଙ୍କୁ ସଚେତନ କରାଉଛନ୍ତି। ବର୍ତ୍ତମାନ ସମୟରେ ଭାରତରେ ଦେଖାଦେଉଥିବା ପରିବେଶ ସମ୍ପର୍କିତ ସମସ୍ୟା ଓ ବାୟୁମଣ୍ଡଳର ପରିବର୍ତ୍ତନକୁ ଆଖି ଆଗରେ ରଖି ସରକାର ହାଇଡ୍ରୋଜେନ ଚାଳିତ ଯାନ ଚଳାଇବାକୁ ଯୋଜନା କରୁଛନ୍ତି ବୋଲି ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ନିକଟରେ ଏକ ସମ୍ମିଳନୀରେ କହିଛନ୍ତି। ବର୍ତ୍ତମାନ ଗ୍ରୀନ୍ ହାଇଡ୍ରୋଜେନ୍‌ର ସମୟ ଆସିଯାଇଛି। ଖୁବ୍‌ଶୀଘ୍ର ରାସ୍ତାରେ ହାଇଡ୍ରୋଜେନ୍ ଚାଳିତ କାର୍ ଗଡ଼ିବ। ଦେଶରେ ଗ୍ରୀନ୍ ହାଇଡ୍ରୋଜେନ୍‌ର ବ୍ୟବହାର ପାଇଁ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହେବାକୁ ଯାଉଛି ବୋଲି ଗଡ଼କରୀ କହିଛନ୍ତି।



ନୀତୀନ୍ ଗଡକରି

ଭାରତୀୟ ବୈଜ୍ଞାନିକଙ୍କୁ ପ୍ରଶଂସା କରିବାକୁ ଯାଇ ସେ ଆହୁରି କହିଛନ୍ତି, ଖୁବ୍‌ଶୀଘ୍ର ତାଙ୍କ ପାଖରେ ଏକ ସ୍ୱତନ୍ତ୍ର କାର୍ ଥିବ, ଯାହାକି ଗ୍ରୀନ୍ ହାଇଡ୍ରୋଜେନରେ ଚାଲିବ। ଏକଥାକୁ ଲୋକେ ବିଶ୍ୱାସ ନ କଲେ ବି ସତ ହେବାକୁ ଯାଉଛି। ଏହି କାର୍ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ବୋଲି ସେ କହିଛନ୍ତି। ରିପୋର୍ଟ ମୁତାବକ, ଦିଲ୍ଲୀ ମହାନଗର ନିଗମରୁ ଦୈନିକ ବହୁ ଲକ୍ଷ କ୍ୟୁସେକ୍ ସ୍ୱେରେଜ ପାଣି ବାହାରୁଛି। ତାହାକୁ ଅତ୍ୟାଧୁନିକ ପ୍ରଣାଳୀରେ ପ୍ରକ୍ରିୟାକରଣ କରାଯିବ। ସେଥିରୁ ହାଇଡ୍ରୋଜେନ

### ତୈଳ ଅଭାବ ପୂରଣ ଓ ପରିବେଶକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ଶକ୍ତି ସଞ୍ଚୟ କରାଯାଇ ଗାଡ଼ିରେ ଇନ୍ଧନ ଭାବେ ବ୍ୟବହାର କରାଯିବ। ଏଥିପାଇଁ ଫରିଦାବାଦରେ ଏକ ଅଏଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟ ଆରମ୍ଭ ହୋଇଥିବା ଗଡକରୀ ସୂଚନା ଦେଇଛନ୍ତି। ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଲେ ଭାରତ ଏକ ପ୍ରଦୂଷଣମୁକ୍ତ ଦେଶ ହେବ ବୋଲି ସେ ଆଶା ପୋଷଣ କରିଛନ୍ତି। ସେହିଭଳି ଭାରତ ପ୍ରତିବର୍ଷ ପ୍ରାୟ ୮ ଲକ୍ଷ କୋଟି ଟଙ୍କାର ପେଟ୍ରୋଲିୟମ୍ ସାମଗ୍ରୀ ବିଦେଶରୁ ଆମଦାନୀ କରିଥାଏ। ଆମ ଦେଶ ଯଦି ଜୀବାଶ୍ମ ଇନ୍ଧନ ଉପରେ ଏଭଳି ନିର୍ଭର କରି ରହିବ, ତା'ହେଲେ ଆଗାମୀ ୫ ବର୍ଷ ମଧରେ ଆମଦାନୀ ବିଲ୍ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା ହୋଇଯିବ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଟୋୟୋଟା ମୋଟର କର୍ପୋରେଶନ, ସୁଜୁକି ଇଣ୍ଡିଆ ଏବଂ ହ୍ୟୁଣ୍ଡାଇ ମୋଟର ଭଳି ବୃହତ ଅଟୋମୋବାଇଲ କମ୍ପାନୀର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ପ୍ରକାର ଇନ୍ଧନ ଉପଯୋଗୀ ଇଞ୍ଜିନ (ଫ୍ଲେକ୍ସି ଇଞ୍ଜିନ) ବଜାରରେ ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରିଥିବା ମନ୍ତ୍ରୀ କହିଛନ୍ତି। ତୈଳଦର ବୃଦ୍ଧି ଏବଂ ଜନ ଅସନ୍ତୋଷ ସଂକ୍ରାନ୍ତରେ ସେ କହିଥିଲେ ଯେ, କୋଭିଡ୍ ସମୟରେ ମୂଲ୍ୟ ବଢ଼ିବା ଯୋଗୁ ସରକାର କିଛି କରିପାରିବା ସ୍ଥିତିରେ ନ ଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ସାଙ୍ଗକୁ ତୈଳ ଉତ୍ତୋଳନ କରୁଥିବା ରାଷ୍ଟ୍ରଗୁଡିକ ମଧରେ ବିବାଦ ଯୋଗୁ ଉତ୍ପାଦନ ପ୍ରଭାବିତ ହୋଇଥିଲା। ଫଳରେ ସେମାନେ ସେହି ପରିମାଣର ରପ୍ତାନି କରିପାରିଲେ ନାହିଁ। ଏହାର ପ୍ରଭାବ ଭାରତୀୟ ତୈଳ ବଜାର ଉପରେ ପଡ଼ିଥିଲା। ସେହିଭଳି ପୂର୍ବ ସରକାରଙ୍କ ସମୟରେ ଲାଗି ରହିଥିବା ବକେୟା (ତୈଳ ବଣ୍ଡ) ପରିଶୋଧ କାରଣରୁ ତୈଳ ଦର ଉଚ୍ଚା ରହିଥିଲା ବୋଲି ସେ କହିଛନ୍ତି।

# ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ଦେବ ବିଓବି




**ଭୁବନେଶ୍ୱର,୬।୧୨**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ (ଚିଫ୍ ସେକ୍ରେଟାରି), ଶକ୍ତି ସଚିବ (ଏନର୍ଜି ସେକ୍ରେଟାରି) ଏବଂ ମିଶନ ଶକ୍ତି ଭଳି ସରକାରୀ କାର୍ଯ୍ୟାଳୟ ଗସ୍ତ କରିଥିବା ସହ ଓଡ଼ିଶାର ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟର ଅଭିବୃଦ୍ଧିରେ ବ୍ୟାଙ୍କ ଅଫ୍ ବରୋଦାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ଦୁଗ୍ଧ ଉତ୍ପାଦନ ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷିକ୍ଷେତ୍ରର ବିକାଶ ପାଇଁ କୃଷକମାନଙ୍କୁ ବ୍ୟାଙ୍କ ଅର୍ଥ ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି ବୋଲି ଚାନ୍ଦ ମହିଛନ୍ତି। ସେହିଭଳି ଗୃହ, ଶିକ୍ଷା ଏବଂ ଅନ୍ୟାନ୍ୟ ଖୁଚୁରା ଋଣ ପ୍ରଦାନ ପାଇଁ ମଧ ବ୍ୟାଙ୍କ ଆଗ୍ରହ ପ୍ରକାଶ କରିବା ସହ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଉତ୍ପାଦନ ତଥା ସେବା କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଧିକରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ ବ୍ୟାଙ୍କ ଆଗ୍ରହୀ ଥିବା ସେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଭୁବନେଶ୍ୱର କ୍ଷେତ୍ର-୨ର କଟକ ମୁଖ୍ୟ ଶାଖା ଗସ୍ତ କରିବା ସହ ଗ୍ରାହକମାନଙ୍କୁ ଋଣ ମଞ୍ଜୁରୀପତ୍ର ବଣ୍ଟନ କରିଥିଲେ। ପରିଶେଷରେ ଚାନ୍ଦ ସମସ୍ତ କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ସହ ବହୁ ଶୀଘ୍ର ଭୁବନେଶ୍ୱର କ୍ଷେତ୍ର-୨ କଟକ କାର୍ଯ୍ୟାଳୟର ନୂତନ ପରିସର ଉଦ୍‌ଘାଟନ ହେବ ବୋଲି ନିଶ୍ଚିତ କରାଇଥିଲେ।

# ସେନ୍‌ସେକ୍ସ ୯୪୯, ନିଫ୍ଟି ୨୮୫ ପଏଣ୍ଟ ହ୍ରାସ

**ମୁମ୍ବାଇ,୬।୧୨**

ସାରା ବିଶ୍ୱ ଏପରିକି ଭାରତରେ ମଧ କୋଭିଡ୍ ସଂକ୍ରମଣର ନୂତନ ଭାରିଆଣ୍ଟ ଓମିକ୍ରନ୍‌ର ଭୟ ସବୁ ବର୍ଗଙ୍କ ଉପରେ ପଡ଼ିବା ଆରମ୍ଭ କରିଛି। ଗୋଟିଏ ପଟରେ ଓମିକ୍ରନ୍, ଅପରପକ୍ଷରେ ଭାରତୀୟ ରିର୍ଜଭ ବ୍ୟାଙ୍କ(ଆର୍‌ବିଆଇ)ର ନୂତନ ମୁଦ୍ରାନୀତିର ଭୟ ବାଣିଜ୍ୟିକ ସଂସ୍ଥା ଓ ଶେୟାର ବଜାର ଉପରେ ପରୋକ୍ଷରେ ପ୍ରଭାବ ପକାଇଛି। ଏହାର ପ୍ରଭାବ ଶେୟାର ବଜାର ଉପରେ ପଡୁଛି ବୋଲି ବାଣିଜ୍ୟିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ସୋମବାର ଶେୟାର ବଜାର ଆରମ୍ଭରୁ ତଳମୁହାଁ ରହିଥିଲା। ଫଳରେ ବଜାର କାରବାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସୂଚନା ଅନୁସାରେ ଡିସେମ୍ବର ୬ରେ ସେନ୍‌ସେକ୍ସ ୯୪୯




### ଶେୟାର ବଜାର ତଳମୁହାଁ

ପଏଣ୍ଟ ହ୍ରାସ ପାଇ ୫୬,୭୪୭ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ ୨୮୫ ଅଙ୍କ ହ୍ରାସ ଘଟି ୧୬,୯୧୨ ପଏଣ୍ଟରେ ରହିଛି। ସେନ୍‌ସେକ୍ସର ଶ୍ରେଷ୍ଠ ୩୦ଟି ଶେୟାର ମଧ୍ୟରୁ ସମସ୍ତ ଷ୍ଟକ୍ ଲାଲ ସଙ୍କେତରେ ବନ୍ଦ ହୋଇଥିବା ବେଳେ କେବଳ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଏବଂ ବଜାଜ ଫିନ୍‌ସର୍ଭର ଶେୟାର ମୂଲ୍ୟ ସର୍ବାଧିକ ହ୍ରାସ ପାଇଥିବା ସୂଚନା ମିଳିଛି। ଏହି ଦୁଇ କମ୍ପାନୀର ଶେୟାର ମୂଲ୍ୟ ସୋମବାର ପ୍ରାୟ ୩% ରୁ ଅଧିକ ହ୍ରାସ ପାଇଥିବା ସୂଚନା ମିଳିଛି।

ସେହିପରି ଭାରତୀ ଏୟାରଟେଲ, ଟିସିଏସ୍, ଏଚସିଏଲ୍ ଟେକ୍, ଟେକ୍ ମହିନ୍ଦ୍ରା, ଇନ୍‌ଫୋସିସ୍, ଏସିଆନ୍ ପେଣ୍ଟସ୍, ମାରୁତି, ଏନ୍‌ଟିପିସି, ଏସ୍‌ବିଆଇ,ଏଲ୍‌ଆଣ୍ଡଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଟାଇଟନ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ ଏବଂ ବଜାଜ ଫାଇନାନ୍ସର ଶେୟାର ମୂଲ୍ୟ ବୃଦ୍ଧି ପାଇଛି।

ସେକ୍ଟୋରିଆଲ ଇଣ୍ଡେକ୍ସ କଥା କହିବାକୁ ଗଲେ ସୋମବାର ସମସ୍ତ ସେକ୍ଟର ମୂଲ୍ୟ ହ୍ରାସ ପାଇଛି। ବ୍ୟାଙ୍କ ନିଫ୍ଟି, ଅଟୋ, ଆର୍ଥିକ କାରବାର, ଏଫ୍‌ଏମ୍‌ସିଜି, ଆଇଟି, ମିଡିଆ, ମେଟାଲ, ଫାର୍ମା, ପିଏସ୍‌ୟୁ, ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ହେଲ୍‌ଥ କେୟାର ଏବଂ ଅଏଲ ଓ ଗ୍ୟାସ୍ ସମସ୍ତ କାରବାର ଲାଲ୍ ସଙ୍କେତ ସହ ବନ୍ଦ ହୋଇଛି।

# ବ୍ୟାଙ୍କ ଘରୋଇକରଣକୁ ବିରୋଧ କରିବ ସଂଘ

**ଭୁବନେଶ୍ୱର,୬।୧୨**

କେନ୍ଦ୍ର ସରକାରଙ୍କ ଦ୍ୱାରା ସଂସଦରେ ବ୍ୟାଙ୍କର ଘରୋଇକରଣ ସମ୍ପର୍କିତ ବିଧେୟକ ଆଗତ ବିଲ୍‌କୁ ଦୃଢ଼ ବିରୋଧ କରିବ ବୋଲି ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ସୂଚନା ଦେଇଛି। ସଂସଦର ଶୀତକାଳୀନ ଅଧିବେଶନରେ ଆଗତ ହେବାକୁ ଥିବା ବ୍ୟାଙ୍କିଙ୍ଗ୍ ନିୟମ (ସଂଶୋଧିତ) ବିଧେୟକ ୨୦୨୧ ବିରୋଧରେ ଚଳିତ ମାସ ୧୬ ଓ ୧୭ ଡିସେମ୍ବରରେ ଧର୍ମଘଟ କରିବାକୁ ବ୍ୟାଙ୍କ ସଂଗଠନଗୁଡ଼ିକ ପକ୍ଷରୁ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଅଲ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନର ସାଧାରଣ ସମ୍ପାଦକ ସଞ୍ଜୟ ଦାସ କହିଛନ୍ତି, ସାର୍ବଜନୀନ ବ୍ୟାଙ୍କର ଘରୋଇକରଣରେ ଅର୍ଥବ୍ୟବସ୍ଥା ପ୍ରଭାବିତ ହେବ। ଏଥିରେ ସ୍ୱୟଂ ସହାୟକ ସଂଘ, ଗ୍ରାମାଞ୍ଚଳ ଅର୍ଥ ବ୍ୟବସ୍ଥାକୁ ଋଣ ଯୋଗାଇବାରେ ବ୍ୟାପକ ପ୍ରଭାବ ପଡିବ। ଏହି ଧର୍ମଘଟରେ ୫ ପ୍ରମୁଖ ସଂଘ ସାମିଲ ହେବେ ବୋଲି ସୂଚନା ମିଳିଛି।

# ଇଣ୍ଡସ୍‌ଇଣ୍ଡର 'ହୋମ୍ କମିଂ ଫେଷ୍ଟିଭାଲ'

**ଭୁବନେଶ୍ୱର,୬।୧୨**

କୋଭିଡ୍ ମହାମାରୀ ମୁକାବିଲା ପାଇଁ ଗମନାଗମନ ଉପରେ ଲଗାଯାଇଥିବା କଟକଣା ଯୋଗୁ ଦୀର୍ଘ ବର୍ଷକର ବ୍ୟବଧାନ ପରେ ନିଜ ପ୍ରିୟଜନଙ୍କୁ ଭେଟିବାକୁ ଦେଶକୁ ଆସୁଥିବା ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ମାନଙ୍କ ଲାଗି ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ 'ଏନ୍‌ଆର୍‌ଆଇ ହୋମ୍ କମିଂ' ଫେଷ୍ଟିଭାଲର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଏହାର କିଛି ଶ୍ରେଷ୍ଠ ଶ୍ରେଣୀର ଆର୍ଥିକ ସମାଧାନ ବିଷୟରେ ସଚେତନତା ସୃଷ୍ଟି କରିବ, ଯାହାକୁ ସ୍ୱତନ୍ତ୍ର ଭାବେ ଏନ୍‌ଆର୍‌ଆଇ ବର୍ଗଙ୍କ ଲାଗି ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ଡିସେମ୍ବର ୧ରୁ ୨୮ଫେବୃୟାରୀ ୨୦୨୨ ପର୍ଯ୍ୟନ୍ତ ବ୍ୟାଙ୍କର ସମସ୍ତ ଶାଖାରେ ଏହାକୁ ପାଳନ କରାଯିବ। ଏହି ସମୟରେ ଯେତିକି ଏନ୍‌ଆର୍‌ଆଇ ଗ୍ରାହକ ଯୋଡ଼ି ହେବେ ସେଥିପାଇଁ ବ୍ୟାଙ୍କ ପକ୍ଷରୁ ବେଙ୍ଗାଲୁରୁର ଏନ୍‌ଜିଓ ଅକ୍ଷୟ ପାତ୍ର ଫାଉଣ୍ଡେଶନକୁ ଦାନ କରାଯିବ। ଦୁଇମାସ ପାଇଁ ଉପେକ୍ଷିତ ବର୍ଗର ପିଲାମାନଙ୍କୁ ଖାଇବାକୁ ଦେବାରେ ଏହା ବ୍ୟବହାର କରାଯିବ। ଏ ସମ୍ପର୍କରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ମୁଖ୍ୟ କଞ୍ଜୁମର ବ୍ୟାଙ୍କ, ସୌମିତ୍ର ସେନ୍ କହିଛନ୍ତି, ସାରା ବିଶ୍ୱରେ ଗମନାଗମନକୁ ନେଇ ଲଗାଯାଇଥିବା କଟକଣା ଯୋଗୁ ୧୮ ମାସରୁ ଅଧିକ ସମୟ ଧରି ଏନ୍‌ଆର୍‌ଆଇମାନେ ନିଜ ଦେଶକୁ ଫେରିପାରିନାହାନ୍ତି ଏବଂ ସେମାନେ ଚଳିତ ବର୍ଷ ଆସିବାକୁ ପ୍ରବଳ ମାତ୍ରାରେ ଚାହୁଁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଆର୍‌ଆଇ ଗ୍ରାହକମାନଙ୍କ ଲାଗି ହୋମ୍ କମିଂ ଫେଷ୍ଟିଭାଲ ବିଷୟରେ ଘୋଷଣା କରାଯାଇଛି। ଏହା ଆମକୁ ସେମାନଙ୍କ ସହ ଯୋଡ଼ିବା, ସେମାନଙ୍କ ଆବଶ୍ୟକତାକୁ ବୁଝିବା ଓ ସେହି ଅନୁସାରେ ବ୍ୟାପକ ଆର୍ଥିକ ସମାଧାନ ପ୍ରଦାନ କରିବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

# ମାଟି ମା'ର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ

**ମା**ଟି ମା'ର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ପଦାତିକ ବାହିନୀଙ୍କ ବଳିଦାନ ଅତୁଳନୀୟ। ପଦାତିକ ବାହିନୀର କର୍ମଚାରୀଙ୍କ କଲ୍ୟାଣ ପାଇଁ ଡିସେମ୍ବର ୭ରେ ଜାତୀୟ ପଦାତିକ ବାହିନୀ ପତାକା ଦିବସ ( ନ୍ୟାଶନାଲ ଆର୍ମଡ୍ ଫୋର୍ସ ଫ୍ଲାଗ୍ ଡେ) ପାଳନ କରାଯାଇଥାଏ। ଦେଶର ଜନସାଧାରଣଙ୍କଠାରୁ ଏନେଇ ପାଣ୍ଠି ସଂଗ୍ରହ କରିବା ଲାଗି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ। ୧୯୪୯ ଡିସେମ୍ବର ୭ଠାରୁ ଏହା ପାଳିତ ହୋଇ ଆସୁଛି। ଭାରତ ସ୍ୱାଧୀନତା ହାସଲ କରିବା ପରେ ପ୍ରତିରକ୍ଷା କର୍ମଚାରୀଙ୍କ କଲ୍ୟାଣ ପାଇଁ ସରକାର ଚିନ୍ତା କରିଥିଲେ। ୧୯୪୯ ଅଗଷ୍ଟ ୨୮ରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ଡିସେମ୍ବର ୭ରେ ପତାକା ଦିବସ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିନ ସାଧାରଣ ଜନତାଙ୍କୁ ଛୋଟ ପତାକା ବଣ୍ଟନ କରିବା ଏବଂ ପ୍ରତିବଦଳରେ ଦାନ ସଂଗ୍ରହ କରିବା କାର୍ଯ୍ୟ ମୁଖ୍ୟ ଲକ୍ଷ୍ୟ ଥିଲା। ପତାକା ଦିବସର ମହତ୍ତ୍ୱ ହେଉଛି ଯେ, ଦେଶ ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରୁଥିବା ସଶସ୍ତ୍ର ବାହିନୀର କର୍ମଚାରୀଙ୍କ ପରିବାର ଏବଂ ନିର୍ଭରଶୀଳଙ୍କ ଯତ୍ନ ନେବା ଭାରତର ସାଧାରଣ ନାଗରିକଙ୍କ ଦାୟିତ୍ୱ। ଏହି ଦିବସ ପାଳନ ଅବସରରେ ଦେଶର ଜନସାଧାରଣଙ୍କ ମଧ୍ୟରେ ଭାରତୀୟ ସେନାର ପଦାତିକ ବାହିନୀଙ୍କ ବଳିଦାନକୁ ସ୍ମରଣ କରାଯିବା ସହିତ ଶହୀଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥାଏ।




### ଜାତୀୟ ପଦାତିକ ବାହିନୀ ପତାକା ଦିବସ

# ସୀମାରେ ଧରାପଡ଼ିଲେ ପାକିସ୍ତାନୀ ପ୍ରେମିକ

**ଜୟପୁର:** କଥାରେ ଅଛି ପ୍ରେମ ବାଧା ବନ୍ଧନ ମାନେ ନା। ଏହାର ସଦ୍ୟତମ ଉଦାହରଣ ରାଜସ୍ଥାନ ସୀମାରେ ଦେଖିବାକୁ ମିଳିଛି। ଜଣେ ପାକିସ୍ତାନୀ ଯୁବକ ସୀମାର ଶ୍ରୀ ଗଙ୍ଗା ନଗରଠାରେ ଭାରତରେ ଅନୁପ୍ରବେଶ କରୁଥିବାବେଳେ ବିଏସ୍‌ଏଫ ଯବାନଙ୍କ ହାତରେ ଧରା ପଡ଼ିଛନ୍ତି। ପ୍ରକାଶ ଯେ ଭାରତୀୟ ସୀମାରେ ପ୍ରବେଶ କରିଥିବା ଏହି ପାକିସ୍ତାନୀ ଯୁବକଙ୍କୁ ସେଠାରେ ପାଟ୍ରୋଲିଂ କରୁଥିବା ବିଏସ୍‌ଏଫ ଯବାନ ଧରିଥିଲେ। ରବିବାର ତାଙ୍କୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ସମ୍ପୃକ୍ତ ଯୁବକ ମହମ୍ମଦ କହିଛନ୍ତି ଯେ ସୋସିଆଲ ମିଡିଆରେ ସେ ଜଣେ ଭାରତୀୟ ଝିଅଙ୍କ ସହ ଯୋଗାଯୋଗରେ ଆସିଥିଲେ। ପରେ ସମ୍ପର୍କ ଅତି ନିବିଡ଼ ହେବାରୁ ଦୁଇଜଣଙ୍କ ମଧ୍ୟରେ ଭଲ ପାଇବା ଆରମ୍ଭ ହୋଇଥିଲା। ଯୁବକ ଜଣଙ୍କ ଭାରତୀୟ ପ୍ରେମିକାଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି ବୋଲି ପଚରାଉଚରା ବେଳେ କହିଥିଲେ। ତେବେ ଇଣ୍ଟେଲିଜେନ୍ସ ଏଜେନ୍ସି ପକ୍ଷରୁ ମିଳିତ ଭାବେ ଯୁବକଙ୍କୁ ପଚରାଉଚରା କରାଯିବ। ଧରାପଡ଼ିବା ସମୟରେ ସେ କର୍ଡନ ପାର ହେବାକୁ ଚେଷ୍ଟା କରୁଥିଲେ। ତାଙ୍କ ବୟସ ୨୨ ବର୍ଷ ବୋଲି ସେ କହିଛନ୍ତି। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ମଧ ଜବତ କରାଯାଇଛି।

ଜନ୍ମଦିନର ଶୁଭେଚ୍ଛା




ଶୁଭମ ସାହୁ

ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଈଁ, ବାପା, ମାମା, ପିଙ୍କୁଲ, କୁନ୍ତୁ, ପିଙ୍କୁନ୍, ଶୁଭ, ପିନ୍ଟୁ, ରୋଜାଲିନୀ ଓ ରୂପାଲି।
ଧ-୬୭୪୧୪

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

# ୩ ଦିନରେ 'ତଡପ' ଆୟ ୧୩ କୋଟି



ଆହାନ୍ ଶେଟ୍ଟୀ

**ମୁମ୍ବାଇ:** ଦୀର୍ଘ ଦିନର ଅପେକ୍ଷା ପରେ ସୁନୀଲ ଶେଟ୍ଟୀଙ୍କ ପୁଅ ଅହାନ ଶେଟ୍ଟୀଙ୍କ ଫିଲ୍ମ 'ତଡପ' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଅହାନ ଶେଟ୍ଟୀଙ୍କ ଡେବ୍ୟୁ ଚଳଚ୍ଚିତ୍ର ବକ୍ସ ଅଫିସରେ ଭଲ ବ୍ୟବସାୟ କରୁଛି। ଫିଲ୍ମରେ ଫ୍ରେଶ୍ ଯୋଡ଼ିଙ୍କୁ ଦେଖିବା ପାଇଁ ଦର୍ଶକଙ୍କ ଉତ୍ସାହ ବଢ଼ିଛି। ଏଥିରେ ଅହାନଙ୍କ ବିପକ୍ଷରେ ଅଭିନେତ୍ରୀ ତାରା ସୁତାରିଆ ରହିଛନ୍ତି। ଉଭୟଙ୍କ କେମେଷ୍ଟ୍ରି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ପ୍ରେକ୍ଷାଳୟରେ ବଲିଉଡ ଦବଙ୍ଗ ସଲମାନ ଖାନ ଓ ଆୟୁଷ ଶର୍ମାଙ୍କ ଫିଲ୍ମ 'ଅନ୍ତିମ' ଚାଲିଥିବାରୁ ଏହି ଫିଲ୍ମ ସେତେ ଆୟ କରି ନ ପାରେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ପ୍ରଥମ ଦିନରେ ଏହା ବହୁତ ଭଲ ରୋଜଗାର କରିଥିଲା। ଶୁକ୍ରବାର ପ୍ରଥମ ଦିନରେ ୪.୫ କୋଟି, ଦ୍ୱିତୀୟ ଦିନରେ ୪.୧୨ କୋଟି, ତୃତୀୟ ଦିନରେ ୫.୨୫ କୋଟି ଟଙ୍କା କମାଇଛି। ତେଣୁ ରିଲିଜ ହେବାର ୩ ଦିନରେ 'ତଡପ' ୧୩ କୋଟିରୁ ଅଧିକ କମାଇସାରିଛି। ଅହାନ୍‌ଙ୍କ ପ୍ରଥମ ବଲିଉଡ୍ ଫିଲ୍ମ 'ତଡପ' ଦକ୍ଷିଣ ସୁପରହିଟ୍ ଫିଲ୍ମ 'ଆର୍‌ଏକ୍ସ ୧୦୦'ର ରିମେକ୍। ଫକ୍ସ ଷ୍ଟାର୍ ଷ୍ଟୁଡିଓ ଦ୍ୱାରା ପ୍ରସ୍ତୁତ ଏବଂ ସାଜିଦ୍ ନାଦିଆଡୱାଲାଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ମିଲନ୍ ଲୁଥ୍‌ରିୟା ତୁଲାଇଛନ୍ତି। ଗତ ୩ ତାରିଖରେ ଏହା ସିନେମା ହଲ୍‌ରେ ମୁକ୍ତିଲାଭ କରିଛି।

# ଦୁଇଥର ବିବାହ କରିବେ ଭିକ୍କି-କ୍ୟାଟ୍

**ମୁମ୍ବାଇ:** ବଲିଉଡ ନାୟିକା କ୍ୟାଟ୍ରିନା କୈଫ ଓ ନାୟକ ଭିକ୍କି କୌଶଲଙ୍କ ବିବାହ ପ୍ରସ୍ତୁତିକୁ ନେଇ ଚର୍ଚ୍ଚା ଜୋର ଧରିଛି । ସୂଚନାରୁ ଜଣାପଡିଛି କି ଉଭୟେ ଦୁଇଥର ବିବାହ କରିବେ । ଏମାନେ ପ୍ରଥମେ ହିନ୍ଦୁ ରିତିନୀତି ଅନୁଯାୟୀ ବିବାହ କରିବା ପରେ ପୁଣିଥରେ ପାଶ୍ଚାତ୍ୟ ସଂସ୍କୃତିରେ ହ୍ୱାଇଟ୍ ୱେଡିଂ କରିବେ । ଏଥିପାଇଁ ଭିନ୍ନ ଭିନ୍ନ ଥିମ ସିଲେକ୍ଟ ହୋଇ ଯାଇଥିବା ବେଳେ ସେହି ଅନୁଯାୟୀ ସାଜସଜା ବି ସରିଛି । କୁହାଯାଉଛି କ୍ୟାଟ୍ରିନା କୁଆଡେ ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କୁ ଫଲୋ କରି ଏମିତି ବିବାହ କରୁଛନ୍ତି । ଯାହା ବି ହେଉ କ୍ୟାଟ୍ରିନା ତାଙ୍କ ବିବାହକୁ ଅଭୁଲା କରି ରଖିବାକୁ ସବୁଦିଗ ପ୍ରତି ବେଶ ଧ୍ୟାନ ଦେଇଛନ୍ତି ବୋଲି କୁହାଯାଉଛି । ଏହି ବିବାହରେ ମେହେନ୍ଦି ରହିଥିବା ବେଳେ ଏକ ଗ୍ରାଣ୍ଡ ରିସେପଶନ ପାର୍ଟିର ମଧ ବ୍ୟବସ୍ଥା ରହିଛି । ବିବାହରେ ଖୁବ କମ ସେଲିବ୍ରିଟିଙ୍କୁ ନିମନ୍ତ୍ରଣ କରାଯାଇଛି। ତେବେ ଯେଉଁ ସେଲିବ୍ରିଟିମାନେ ବିବାହରେ ଯୋଗ ଦେଇ ନ ପାରିବେ ସେମାନଙ୍କ ପାଇଁ କପୁଲ ଏକ ଗ୍ରାଣ୍ଡ ରିସେପ୍‌ଶନ ପାର୍ଟି ରଖିଥିବା ଜଣାଯାଇଛି।



ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



ସ୍ୱ ସଚ୍ଚିଦାନନ୍ଦ ପୋଲାଇ
ପାକଲାପଲ୍ଲୀ, ଆସିକା ଗଞ୍ଜାମ
ଆବିର୍ଭାବ : ୮.୭.୨୦୦୩
ତିରୋଧାନ : ୨୭-୧୧-୨୦୨୧
ସଂସାରର ସମସ୍ତ ମୋହକୁ ତୁଟାଇ ଏମିତି ଅବେଳରେ ତୁମେ ଚାଲିଯିବ ଆମେ କଳ୍ପନା କରିନଥିଲୁ । ତେବେ ଏହା ଭଗବାନଙ୍କ ଇଚ୍ଛା ବୋଲି ଗ୍ରହଣ କରିବାକୁ ହେବ । ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
- ଶୋକସନ୍ତପ୍ତ -
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୨୪୭୧

FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

LOAN DHAMAKA
AADARSH FINANCE
ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ଲକ୍ଷ ରୁ ୫୦ଲକ୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋନ୍ ଯୋଗାଇଦେଉଛି ।
2%Interest, 40% Subsidy
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
ଯୋଗାଯୋଗ : 9432985505
: 9432985505

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ୍, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦେବାଶିଷ ଚାମ୍ପିୟନ, ଅନ୍ୱେଷ ରନର୍ସ ଅପ୍

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)



ପୁରସ୍କାର ଗ୍ରହଣ ଅବସରରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ।

କୋଭିଡ କଟକଣା ଯୋଗୁ ଦୀର୍ଘଦିନ ଧରି ଚେସ୍ ଟୁର୍ନାମେଣ୍ଟରୁ ଦୂରେଇ ରହିଥିବା ଓଡ଼ିଶାର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ପାଇଛନ୍ତି ସଫଳତାର ସ୍ୱାଦ। ନାଗପୁରରେ ଅନୁଷ୍ଠିତ ଜି.ଏଚ. ରାଇସୋନୀ ମେମୋରିଆଲ ସର୍ବଭାରତୀୟ ଫିଡେ ବ୍ଲିଜ୍ ରେଟିଂ ଚେସ୍ ଟୁର୍ନାମେଣ୍ଟରେ ସେ ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି ୨୪୭୦ ରେଟିଂ ପଏଣ୍ଟରେ ଥିବା ଦେବାଶିଷ ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ୮.୫ ପଏଣ୍ଟ ପାଇ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ୮ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତାରେ ମୋଟ ୩୦୩ ଖେଳାଳି ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ସିଦ୍ଧାନ୍ତ ଗାୱାଇ, ଅକ୍ଷୟ ବୋରଗାଓଁକର, କୁଶଗେର କ୍ରିଷ୍ଣାଟେର, ହର୍ଶଲ ପାଟିଲ, ଶୈଳେଶ ଦ୍ରାଭିଡ (ସମସ୍ତେ ୭.୫ ପଏଣ୍ଟ), ଦିଲ୍ଲୀର ହରିଶ ଶର୍ମା, ଗୋଆର ଅମିୟ ଅଡି ଓ ମହାରାଷ୍ଟ୍ର-ନାଗପୁରର ସୃଷ୍ଟି ପାଣ୍ଡେ (ସମସ୍ତେ ୭ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ଦେବାଶିଷ ପ୍ରଥମ ରାଉଣ୍ଡରେ ମହାରାଷ୍ଟ୍ର-ନାଗପୁରର ଅଙ୍କଲେଶ ଭାଲେରୋ, ଦ୍ୱିତୀୟ ରାଉଣ୍ଡରେ ମହାରାଷ୍ଟ୍ରର ସୋନୀ ସତ୍ୟଭାନ, ତୃତୀୟ ରାଉଣ୍ଡରେ ମହାରାଷ୍ଟ୍ର-ନାଗପୁରର ୱାଇ.ଏମ୍.ଶ୍ୟାମକ୍ୱାର, ୪ର୍ଥ ରାଉଣ୍ଡରେ ମହାରାଷ୍ଟ୍ରର ସଲାମ ସଚିନ, ୫ମ ରାଉଣ୍ଡରେ ତେଲେଙ୍ଗାନା ମୋହନ କୁଶଗ୍ରା, ୬ଷ୍ଠ ରାଉଣ୍ଡରେ ପଶ୍ଚିମବଙ୍ଗ ଅନ୍ତର୍ଜାତୀୟ ମାଷ୍ଟର ନିଲେଶ ଶାହାଙ୍କୁ ହରାଇଥିବାବେଳେ ୭ମ ରାଉଣ୍ଡରେ ପଶ୍ଚିମବଙ୍ଗର କୌସ୍ତୁଭ କୁଣ୍ଡୁଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ପରେ ସେ ୮ମ ରାଉଣ୍ଡରେ ଦିଲ୍ଲୀର ହରିଶ ଶର୍ମା ଏବଂ ୯ମ ରାଉଣ୍ଡରେ ନିଜ ରାଜ୍ୟର ତଥା ରନର୍ସଅପ୍ ଅନ୍ୱେଷଙ୍କୁ ହରାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଅନ୍ୱେଷ ପୁରା ଟୁର୍ନାମେଣ୍ଟରେ ଭଲ ଖେଳିଥିଲେ ହେଁ ଶେଷ ରାଉଣ୍ଡରେ ଦେବାଶିଷଙ୍କଠାରୁ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ପ୍ରତିଯୋଗିତାର ର୍‍ୟାପିଡ୍ ବିଭାଗରେ ଦେବାଶିଷ ୯ମ ଓ ଅନ୍ୱେଷ ୧୨ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

# ଜାତୀୟ ଶୁଟିଂରେ ଶ୍ରୀୟଙ୍କାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୬।୧୨ (କ୍ରୀଡ଼ା ପ୍ରତିନିଧି)


ଶ୍ରୀୟଙ୍କା ଷଡ଼ଙ୍ଗୀ

ଓଡ଼ିଶାର ଅନ୍ତର୍ଜାତୀୟ ଶୁଟିଂ ତାରକା ଶ୍ରୀୟଙ୍କା ଷଡ଼ଙ୍ଗୀ ମଧ୍ୟପ୍ରଦେଶର ଭୋପାଳଠାରେ ଚାଲିଥିବା ୬୪ତମ ଜାତୀୟ ଶୁଟିଂ ଚାମ୍ପିୟନଶିପ୍‌ର ୫୦ ମିଟର .୨୨ ବୋର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ୧୧୬୭ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପ୍ରଥମ ଓଡ଼ିଆ ଶୁଟରଭାବେ ସେ ଶୁଟିଂର କୌଣସି ଏକ ଇଭେଣ୍ଟରେ ଜାତୀୟ ଚାମ୍ପିୟନ ହୋଇ ଇତିହାସ ରଚିଛନ୍ତି। ଓଡ଼ିଶାର ବନ୍ଧୁକ ଚାଳନା କ୍ଷେତ୍ରରେ ଶ୍ରୀୟଙ୍କା ହେଉଛନ୍ତି ସର୍ବଶ୍ରେଷ୍ଠ ଖେଳାଳି। ସେ ପୂର୍ବରୁ ଅନେକ ଜୁନିୟର ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକଲାଭ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶାର ସାହେବାଣୀ ଓରାମ ରବିବାର ଗ୍ରୁପ୍ ପିସ୍ତଲ ବିଭାଗରେ ରେଲୱେ ପକ୍ଷରୁ ଅଂଶଗ୍ରହଣ କରି ରୌପ୍ୟ ପଦକ ପାଇଥିଲେ। ଶ୍ରୀୟଙ୍କା ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଛନ୍ତି। ଶ୍ରୀୟଙ୍କାଙ୍କର ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ଶ୍ରୀଲଙ୍କା ଓ ସାହେବାଣୀଙ୍କୁ ସଂଘର ସଭାପତି ଅନଙ୍ଗ ଉଦୟ ସିଂଦେଓ, ପୃଷ୍ଠପୋଷକ କଳିକେଶ ନାରାୟଣ ସିଂଦେଓ ଓ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ମଣିପୁର ବିପକ୍ଷ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

**ଜାତୀୟ ସିନିୟର ମହିଳା ଫୁଟ୍‌ବଲ**

**■ ଓଡ଼ିଶା-ମଣିପୁର, ମିଜୋରାମ-ରେଲୱେ ସେମିଫାଇନାଲ ଆଜି**


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

କେରଳର କୋଝିକୋଡ଼ଠାରେ ଚାଲିଥିବା ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଦଳର ପୂର୍ବତନ ଅଧିନାୟିକା ତଥା ଅଭିଜ୍ଞ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ଗତ ୪ଟି ଯାକ ମ୍ୟାଚରେ ଅପରାଜେୟ ରହିଛି। ମଙ୍ଗଳବାର ଓଡ଼ିଶା ଦଳ ଶକ୍ତିଶାଳୀ ମଣିପୁରକୁ ଭେଟିବ। "ମହିଳା କ୍ରିକେଟରେ ସଫଳ ଦଳଭାବେ ବିବେଚିତ ହୋଇ ଆସୁଥିବା ମଣିପୁର ୨୦ ଥର ଚାମ୍ପିୟନ ହୋଇ ସାରିଛି। ତେଣୁ ଏହି ଦଳର ପଲା ଭାରି ରହିବା ସ୍ୱାଭାବିକ। ତେବେ କ୍ରମାଗତ ବିଜୟ ଫଳରେ ଆମ ପିଲାମାନେ ଉତ୍ସାହିତ ଅଛନ୍ତି। ଦକ୍ଷତା ଅନୁସାରେ ମଧ ପ୍ରଦର୍ଶନ କରୁଛନ୍ତି। ଆଗାମୀ ମ୍ୟାଚରେ ଆମର ସବୁ ଖେଳାଳିଙ୍କୁ ଶତପ୍ରତିଶତ ପ୍ରଦର୍ଶନ ଦେବାକୁ ପଡ଼ିବ। ସମସ୍ତଙ୍କୁ ନିଜ ଦାୟିତ୍ୱ ସମ୍ପର୍କରେ ବୁଝାଇ ଦିଆ ଯାଇଛି। ତେଣୁ ଆଗାମୀ ମ୍ୟାଚରେ ଓଡ଼ିଶା ନିଶ୍ଚିତ ଟକ୍କର ଦେବ। ଏହି ମୁକାବିଲା ପାଇଁ ଆମେ ପ୍ରସ୍ତୁତ" ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମନୋବଳ ବଢ଼ାଇବା ସହ ଶ୍ରଦ୍ଧାଞ୍ଜଳି ମଣିପୁର ବିପକ୍ଷ ମ୍ୟାଚକୁ ଦୃଷ୍ଟିରେ ରଖି ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଓଡ଼ିଶା ଅନେକଥର ମଣିପୁରକୁ ଟକ୍କର ଦେଇ ଆସିଛି। ତେଣୁ ଏଥର ମଧ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରୁଛନ୍ତି ଶ୍ରଦ୍ଧାଞ୍ଜଳି। ଚଳିତ ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରଥମ ମ୍ୟାଚରେ ଆନ୍ଧ୍ରକୁ ୯-୦, ଦ୍ୱିତୀୟ ମ୍ୟାଚରେ ଗୁଜରାଟକୁ ୭-୦, ତୃତୀୟ ମ୍ୟାଚରେ ହରିୟାଣାକୁ ୨-୧ କ୍ୱାର୍ଟର ଫାଇନାଲରେ ତାମିଲନାଡୁକୁ ୨-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ପକ୍ଷ ରୁ କରିସ୍ମା ଓରାମ ଓ ସତ୍ୟବତୀ ଖାଡିଆ ଗୋଲ ସ୍କୋର କରିଥିଲେ। ୨୭ ତମ ମିନିଟରେ ଗୋଲ ଦେଇ କରିସ୍ମା ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଏହାପରେ ୩୭ତମ ମିନିଟ୍‌ରେ ସତ୍ୟବତୀ ଗୋଲ କରିଥିଲେ। ମଣିପୁର ହର୍ଡଲ୍ସ ଟପି ପାରିଲେ ଓଡ଼ିଶା ଚାମ୍ପିୟନ ହୋଇ ପାରିବ ବୋଲି ଆଶା କରାଯାଉଛି।

ପ୍ରକାଶ ଯୋଗ୍ୟ ଯେ, ଗତଥରର ଚାମ୍ପିୟନ ମଣିପୁର ପ୍ରଥମ କ୍ୱାର୍ଟର ଫାଇନାଲରେ ଆସାମକୁ ୨-୦ ଗୋଲରେ ହରାଇ ସେମିଫାଇନାଲରେ ପହଞ୍ଚିଛି। ଗ୍ରୁପ୍ 'ଏ'ରେ ଏହି ଦଳ ଦାମନ ଆଣ୍ଡ ଦିଉ, ପଣ୍ଡିଚେରୀ ଓ ମେଘାଳୟକୁ ଗ୍ରୁପ୍ ମ୍ୟାଚରେ ପରାସ୍ତ କରିଛି। ୩ଟି ଗ୍ରୁପ୍ ମ୍ୟାଚରେ ଏହି ଦଳ ୨୧ଟି ଗୋଲ ସ୍କୋର କରିଥିଲେ ହେଁ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ଅନ୍ୟପକ୍ଷରେ ତାମିଲନାଡୁ ଦଳରେ ସନ୍ଧ୍ୟା ରଙ୍ଗନାଥନ ଓ ପଣ୍ଡିସେଲ୍‌ଭିଙ୍କ ପରି ତାରକା ଖେଳାଳି ଥିଲେ ହେଁ ତାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଗ୍ରୁପ୍ 'ଏଫ୍'ର ଲିଗ୍ ପର୍ଯ୍ୟାୟରେ ୧୮ଟି ଗୋଲ ସ୍କୋର କରିଛି ଏବଂ ଗୋଟିଏ ବରଣ କରିଛି। ଅନ୍ୟ ସେମିଫାଇନାଲରେ ମିଜୋରାମ ଓ ରେଲୱେ ମଧ୍ୟରେ ମୁକାବିଲା ହେବ।

# କୁଚ୍‌ବିହାର ଟ୍ରଫି: ଓଡ଼ିଶା ୭୮/୪

ଭୁବନେଶ୍ୱର, ୬।୧୨ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ପୁଣେର ଡେକାନ ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ସୋମବାରଠାରୁ ୧୯ ବର୍ଷରୁ କମ୍ କୁଚ୍‌ବିହାର (ଏଲିଟ-ଏ) ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଓଡ଼ିଶା ଓ ଆସାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ପ୍ରଥମ ଦୁଇ ସେସନ ଖେଳ ବର୍ଷା ଯୋଗସମ୍ଭବ ହୋଇ ନ ଥିଲା। ପଡ଼ିଆ ଖେଳ ଉପଯୋଗୀ ହେବାପରେ ଆସାମ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୩୨ ଓଭରରେ ୪ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଛି। ଆଶୀର୍ବାଦ ସ୍ୱାଇଁ ୮୦ ବଲ୍‌ରୁ ୨୪ ଓ ସାଇଦୀପ ମହାପାତ୍ର ୩୫ ବଲ୍‌ରୁ ୨୦ ରନକରି ଅପରାଜିତ ରହିଛନ୍ତି। ଆସାମ ବୋଲରଙ୍କ ମଧ୍ୟରେ ଅନୁରାଗ ଫୁକନ ୯ ଓଭରରେ ୫ ମେଡେନ ନେଇ ୧୭ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି। ସେହିପରି ରେଶଭ ଦୀପୋକ ୭ ଓଭର ବୋଲିଂ କରି ୩ଟି ମେଡେନ ନେବାସହ ୧୭ ରନ ଦେଇ ଗୋଟିଏ ଉଇକେଟ ପାଇଛନ୍ତି। ଓଡ଼ିଶା ଦଳ ମଙ୍ଗଳବାର ଏହାର ଅସମାପ୍ତ ଇନିଂସରୁ ଖେଳ ଆରମ୍ଭ କରିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ ସୂତ୍ରରୁ ପ୍ରକାଶ କରାଯାଇଛି।




# ପଞ୍ଜାବ ଓପନ ଗଲ୍ଫରେ ଲଖିଙ୍କୁ ସଫଳତା

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)


ପୁରସ୍କାର ସହ ଲଖି ସ୍ୱାଇଁ

ରାଜ୍ୟର ନମ୍ବର ୱାନ ମହିଳା ଗଲ୍ଫର ଲଖି ସ୍ୱାଇଁ ଚଣ୍ଡିଗଡ଼ରେ ଅନୁଷ୍ଠିତ ୨୭ତମ ପଞ୍ଜାବ ଓପନ୍ ମହିଳା ଆମେଚର୍ ଗଲ୍ଫ ପ୍ରତିଯୋଗିତାରେ ନେଟ୍ ସ୍କୋର୍ ବିଜୟିନୀ ହୋଇଛନ୍ତି। ସେଠାରେ ସେ ଭୁବନେଶ୍ୱର ଗଲ୍ଫ କ୍ଲବ୍ (ବିଜିସି) ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସିଲଭର୍ ବର୍ଗରେ ଅଞ୍ଜଳି ନଙ୍ଗଲ୍ ୨୮୨ ସ୍କୋର୍ ସହ ଶ୍ରେଷ୍ଠ ଗ୍ରସ୍ ପୁରସ୍କାର ପାଇଥିବାବେଳେ ଅର୍ଚ୍ଚନା କୁମାର ରନର୍ସଅପ୍ ହୋଇଥିଲେ। ଲଖି ୨୧୮ ସ୍କୋର୍ ସହିତ ଶ୍ରେଷ୍ଠ ନେଟ୍ ସ୍କୋର୍ ଟ୍ରଫି ହାତେଇଥିଲେ। ମୁଖ୍ୟ ବର୍ଗରେ ଦିୟା ବ୍ରାର୍ (୨୩୪) ଚାମ୍ପିୟନ ହୋଇଥିଲେ। ସାଖୀ ମେହେଟା ରନର୍ସଅପ୍ ଏବଂ ସୋନୁ କାଲକଟ୍ ବେଷ୍ଟ ନେଟ୍ ସ୍କୋର୍ ବିଜୟିନୀ ହୋଇଥିଲେ। ବ୍ରୋଞ୍ଜ ବର୍ଗରେ ନଭିନା କାହାଇ ୩୧୨ ସ୍କୋର୍ ସହ ପଦକ ଜିତିଥିବାବେଳେ ଇନ୍ଦର ଗିଲ୍ (୩୨୬) ରନର୍ସଅପ୍ ଏବଂ ବଲଜିନ୍ଦର ମଙ୍ଗତ ନେଟ୍ ପୁରସ୍କାର ପାଇଥିଲେ। ସିନିୟର ବ୍ୟତୀତ ଜୁନିୟର ବର୍ଗରେ ମଧ ପ୍ରତିଯୋଗିତା ହୋଇଥିଲା।

## ଆଶେସ ଟେଷ୍ଟ ଭେନ୍ୟୁରୁ ବାଦ୍ ପଡ଼ିଲା ପର୍ଥ

**ବ୍ରିସବେନ୍, ୬।୧୨ (ଏପି):** ଆସନ୍ତା ଅଶେସ ସିରିଜର ପଞ୍ଚମ ଟେଷ୍ଟ ପର୍ଥରେ ଖେଳାଯିବ ନାହିଁ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ସୋମବାର ଏ ବିଷୟରେ ସୂଚନା ଦିଆଯାଇଛି। ୱେଷ୍ଟର୍ନ ଅଷ୍ଟ୍ରେଲିଆର ପ୍ରୋଟୋକଲ ଅନୁସାରେ ଖେଳାଳିମାନେ ପହଞ୍ଚିବା ମାତ୍ରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ। ଏହି ସମୟରେ ନୀତି ନିୟମକୁ ମାନି ଚଳିବା ଖୁବ୍ କଷ୍ଟକର। ବିକଳ୍ପ ଭେନ୍ୟୁ ଏପର୍ଯ୍ୟନ୍ତ ସ୍ଥିର କରାଯାଇପାରି ନାହିଁ। ଏହି ମ୍ୟାଚ ଆୟୋଜନ କରିବା ଲାଗି କୁଇନ୍ସଲାଣ୍ଡ, ଭିକ୍ଟୋରିଆ ଏବଂ ଅଷ୍ଟ୍ରେଲିଆନ କ୍ୟାପିଟାଲ ସମେତ ନ୍ୟୁ ସାଉଥୱେଲ୍ସ ଷ୍ଟେଟ୍ସ ଆଗ୍ରହୀ ଅଛନ୍ତି। ହେଲେ ଏହି ଦୌଡ଼ରେ ଟାସମାନିଆର ହୋବାର୍ଟ ସବୁଠାରୁ ଆଗରେ ରହିଛି। ପର୍ଥ ଷ୍ଟାଡିୟମରେ ୫ମ ଆଶେସ ଟେଷ୍ଟ ଆୟୋଜନ କରିବାରେ ଅସମର୍ଥ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ ନିକ୍ ହକ୍‌ଲେ ପ୍ରକାଶ କରିଛନ୍ତି। କ୍ୱାରାଣ୍ଟାଇନ୍ ନିୟମ କୋହଳ କରିବା ଲାଗି ୱେଷ୍ଟର୍ନ ଅଷ୍ଟ୍ରେଲିଆ ସରକାର ଓ ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ସହ ଆଲୋଚନା ହୋଇଥିଲେ ହେଁ ଏଥରୁ ସୁଫଳ ମିଳି ନ ଥିଲା। ସାଉଥ୍ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ ପୂର୍ବରୁ କହିଥିଲା ଯେ, କାର୍ଯ୍ୟସୂଚୀ ଅନୁସାରେ ଆଡିଲେଡ୍‌ରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ୱେଷ୍ଟର୍ନ ଅଷ୍ଟ୍ରେଲିଆ କିନ୍ତୁ ୫ମ ପରିବର୍ତ୍ତେ ଦ୍ୱିତୀୟ ଟେଷ୍ଟ ଆୟୋଜନ ପାଇଁ ଆଗ୍ରହ ଦେଖାଇଥିଲା।

## ଫେରିବାର ବେଳ


କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ ଖେଳି ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ଦକ୍ଷିଣ ଆଫ୍ରିକା ଦଳ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୭/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Tuesday, December 7/2021



**ଶାନ୍ତି କମିଟି ନିକଟରେ ହାଜର ହେଲେନି କଙ୍ଗନା**

ଶିଖ୍ ବିରୋଧୀ ମନ୍ତବ୍ୟ ଅଭିଯୋଗରେ ଅଭିନେତ୍ରୀ କଙ୍ଗନା ରାନାୱତ୍‌ଙ୍କୁ ସମନ ସତ୍ତ୍ୱେ ସେ ଦିଲ୍ଲୀ ବିଧାନସଭା ଶାନ୍ତି ଓ ସମନ୍ୱୟ କମିଟି ନିକଟରେ ହାଜର ହୋଇନାହାନ୍ତି। ୦୩

୦୮ **ହାମିଲଟନଙ୍କୁ ଟାଇଟଲ**

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ସାଉଦି ଆରବିୟାନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି।





ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଦରମା ବୃଦ୍ଧି ଓ ଉଚିତ ମାନ୍ୟତା ପ୍ରଦାନ ଦାବିରେ ଲୋୟର ପିଏମ୍‌ଜିଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ହକ୍ ନ ମିଳିଲେ ନିର୍ବାଚନରେ ଜବାବ ଦେବୁ

## ରାଜଧାନୀରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

## ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଦାବି ପୂରଣ ନ ହେଲେ ଆମ ହକ୍ ଛଡ଼ାଇ ନେବୁ। ଆଗାମୀ ପଞ୍ଚାୟତ ନିର୍ବାଚନରେ ମୁହଁତୋଡ଼ ଜବାବ ଦେବୁ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ଅଙ୍ଗନୱାଡ଼ି କର୍ମୀ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଡାକରାରେ ହଜାର ହଜାର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସୋମବାର ରାଜଧାନୀ ଭୁବନେଶ୍ୱରରେ ଏକତ୍ର ହୋଇଥିଲେ। ୧୩ ଦଫା ଦାବି ପୂରଣ ନିମନ୍ତେ ସେମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ବିଧାନସଭା ସମ୍ମୁଖ ପର୍ଯ୍ୟନ୍ତ ଲୋୟର ପିଏମ୍‌ଜି ରାସ୍ତାରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଥିବା ସ୍କିମ୍ ପ୍ରଥା ଉଠାଇବା ସହ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଉ, ନଚେତ ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା ପ୍ରଦାନ କରିବାକୁ ଦାବିରେ ଉଲ୍ଲେଖ ରହିଛି। ସେହିଭଳି ଅଙ୍ଗନୱାଡ଼ି ସହାୟିକାଙ୍କୁ ସର୍ବନିମ୍ନ ୧୦ ହଜାର ୫ଶହ ଟଙ୍କା ଦରମା ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀ କରାଯିବା, ଗ୍ରାଜୁଏଟ୍ ୱାର୍କରଙ୍କୁ ସୁପରଭାଇଜର ପଦବୀକୁ ପଦୋନ୍ନତି ଦିଆଯିବା, ଅବସର ନେଲେ ଏକକାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ ସହ ୫ ହଜାର ଟଙ୍କା ପେନସନ ପ୍ରଦାନ, ଛଟେଇ ୭ କର୍ମୀଙ୍କୁ ପୁନଃ ନିଯୁକ୍ତି ଦିଆଯିବା ଆଦି ଦାବି ରଖିଛି ଆସୋସିଏଶନ।

ବିକ୍ଷୋଭ ସମୟରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା। ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା, ଅଖିଳ ଭାରତୀୟ ଅଙ୍ଗନୱାଡ଼ି କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦିକା ଅଞ୍ଜଳି ପଟେଲ, ସାଧାରଣ ସମ୍ପାଦକ ଝୁନୁପମା ଶତପଥୀ, ସଭାନେତ୍ରୀ ସୁମିତା ମହାପାତ୍ର ଏବଂ ସରକାରଙ୍କ ପକ୍ଷରୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ସଚିବ ଅନୁ ଗର୍ଗ, ଆଇସିଡିଏସ୍ ଓ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ରହି ☞ପୃଷ୍ଠା-୬

# ସାଙ୍ଗୀତିକ ଧାରାକୁ ଦିଆଯାଇନି ଶାସ୍ତ୍ରୀୟ ମାନ୍ୟତା

## ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର

## ପ୍ରତିକ୍ରିୟା ରଖିଲେ ସଙ୍ଗୀତ ବିଶାରଦ

ଭୁବନେଶ୍ୱର (ବ୍ୟୁରୋ)/ ନୂଆଦିଲ୍ଲୀ,୬।୧୨(ସ୍ୱ.ପ୍ର.)

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିବାବେଳେ କେନ୍ଦ୍ର ସରକାର ନିରାଶ କରିଛନ୍ତି। ସରକାର କୌଣସି ସାଙ୍ଗୀତିକ ଧାରାକୁ ଶାସ୍ତ୍ରୀୟ ମାନ୍ୟତା ଦେଇନାହାନ୍ତି ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କ୍ରିଷନ ରେଡ୍ଡୀ ସୋମବାର ଲୋକ ସଭାରେ କହିଛନ୍ତି। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲାଗି ଓଡ଼ିଶାରୁ ବାରମ୍ବାର କରାଯାଇଥିବା ଅନୁରୋଧ ଓ ଆବେଦନକୁ ସରକାର ଗ୍ରହଣ କରିଛନ୍ତି କି ଏବଂ ସେଥିନେଇ କିଭଳି ବିଚାର କରାଯାଉଛି ବୋଲି ବିଜେଡି ଏମ୍‌ପି ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ରେଡ୍ଡୀ କହିଥିଲେ ଯେ, ସରକାର ସଙ୍ଗୀତର କୌଣସି ଧାରା ବା ରୂପକୁ ଶାସ୍ତ୍ରୀୟ ମାନ୍ୟତା ଦେଇ ନ ଥାଆନ୍ତି।

ସୂଚନା ଦିଆଯାଇପାରେ ଯେ, ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ସଙ୍ଗୀତ ନାଟକ ଏକାଡେମୀ ଏକ ସ୍ୱୟଂଚାଳିତ ସଂସ୍ଥା ଭାବେ କାର୍ଯ୍ୟ କରିଆସୁଛି। ଭୁବନେଶ୍ୱରସ୍ଥିତ ଗୁରୁ ଗୋପଳ ପଣ୍ଡା ଓଡ଼ିଶୀ ଏକାଡେମୀର ପ୍ରତିଷ୍ଠାତା ସଭାପତି ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ୍ ମ୍ୟୁଜିକ୍ ଅଧ୍ୟକ୍ଷ ପ୍ରଫେସର ପି.କେ. ମିଶ୍ର ଏବଂ ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ସଙ୍ଗୀତ ନାଟକ ଏକାଡେମୀ ଗ୍ରହଣ କରିଛି ବୋଲି ମନ୍ତ୍ରୀ ଉତ୍ତରରେ କହିଛନ୍ତି।

ତେବେ ସରକାର କୌଣସି ସାଙ୍ଗୀତିକ ଧାରାକୁ ଶାସ୍ତ୍ରୀୟ ମାନ୍ୟତା ଦେଇ ନାହାନ୍ତି ବୋଲି କେନ୍ଦ୍ର ପକ୍ଷରୁ ସ୍ପଷ୍ଟ କରାଯିବା ପରେ ରାଜ୍ୟ ସଙ୍ଗୀତ ଜଗତରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷଜ୍ଞଙ୍କ ମତରେ ଭାରତରେ ସଙ୍ଗୀତର ଦୁଇଟି ମୁଖ୍ୟସ୍ରୋତ ହେଉଛି ହିନ୍ଦୁସ୍ତାନୀ ଓ କର୍ନାଟକୀ। ଯଦି ଏହି ଦୁଇଟି ଧାରାକୁ ସର୍ବଭାରତୀୟ ସ୍ତରର ମାନ୍ୟତା ମିଳିଛି ଓ ସେହି ଅନୁଯାୟୀ ରାଷ୍ଟ୍ରୀୟ ପୁରସ୍କାର ଦିଆଯାଉଛି, ସେ ଦୃଷ୍ଟିରୁ ଦେଖିଲେ ଓଡ଼ିଶୀ ସଙ୍ଗୀତ ସେହି ଧରଣର ମାନଦଣ୍ଡ ପୂରଣ କରିପାରୁଛି। ମାନ୍ୟତା ପାଇବା ଲାଗି ପ୍ରସ୍ତାବ ଦେଇଥିବା ସଙ୍ଗଠନଗୁଡ଼ିକ ନିକଟରେ ଯଥେଷ୍ଟ ପ୍ରମାଣ ମଧ୍ୟ ରହିଛି। ଏ ନେଇ ଗୁରୁ ଗୋପଳ ପଣ୍ଡା ଓଡ଼ିଶୀ ଏକାଡେମୀର ପ୍ରତିଷ୍ଠାତା ସଭାପତି ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏକାଡେମୀ ଦ୍ୱାରା ପ୍ରଦତ୍ତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହା ଆମ ପାଇଁ ଏକ ସକାରାତ୍ମକ ଅନୁଭବ। ଏ ବିଷୟରେ ସେ ଯାହା ବୁଝୁଛନ୍ତି ଯଦିଓ ଭାରତ ସରକାର କୌଣସି ସଙ୍ଗୀତକୁ ବିଧିବଦ୍ଧ ଭାବେ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଏଯାବତ୍ ଦେଇନାହାନ୍ତି, କିନ୍ତୁ ଏହା ସର୍ବବିଦିତ ଯେ ହିନ୍ଦୁସ୍ତାନୀ ଓ କର୍ନାଟକୀ ଭାରତୀୟ ସଙ୍ଗୀତର ୨ ପ୍ରମୁଖ ସ୍ରୋତ ବୋଲି ଗ୍ରହଣ ହୋଇଆସୁଛି। ତେଣୁ ସେହି ଦୁଇ ସଙ୍ଗୀତର ସମକାଳୀନ ସମଶାସ୍ତ୍ର ଭିତ୍ତିକ, ସମାନ ଲକ୍ଷଣ ତଥା ସମାନ ଐତିହାସିକ ପରିପୃଷ୍ଠତାରେ ପରିପୂର୍ଣ୍ଣ ଆମ ଓଡ଼ିଶୀ ସଙ୍ଗୀତ ଯେ ତୃତୀୟ ମୁଖ୍ୟ ସାଙ୍ଗୀତିକ ସ୍ରୋତ ରୂପରେ ପରିଗଣିତ ☞ପୃଷ୍ଠା-୬




# 'ଦାବି ପୂରଣ ନ ହେଲେ ବିଶ୍ରାମ ଦେବେନି ରାଜ୍ୟବାସୀ'



କେନ୍ଦ୍ର ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କୁ ଦାବିପତ୍ର ଦେଉଛନ୍ତି ବିଜେଡି ଏମ୍‌ପି।

## ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ପ୍ରସଙ୍ଗ

## କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ବିଜେଡି ଏମ୍‌ପିଙ୍କ ଦାବିପତ୍ର

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଓଡ଼ିଶାର ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି ନିକଟରେ କେନ୍ଦ୍ର ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିବା ପରେ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ବିଜେଡି ଏମ୍‌ପିମାନେ ଏହି ମର୍ମରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ପାଇକ ବିଦ୍ରୋହକୁ ମାନ୍ୟତା ଦେବା ଲାଗି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ପୂରଣ ନ ହେବା ପର୍ଯ୍ୟନ୍ତ ରାଜ୍ୟର ସାଢ଼େ ୪ କୋଟି ଓଡିଆ ସେମାନଙ୍କୁ ବିଶ୍ରାମ ନେବାକୁ ଦେବେ ନାହିଁ ବୋଲି ଏମ୍‌ପିମାନେ କହିଛନ୍ତି।

ବିଜେଡି ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୩ ଅକ୍ଟୋବର ୨୦୧୭ରେ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡକର ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀରେ ପାଇକ ବିଦ୍ରୋହ ଇତିହାସ ପୁସ୍ତକରେ ବ୍ରିଟିଶ ଶାସନ ବିରୋଧରେ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଭାବରେ ସ୍ଥାନ ପାଇବ ବୋଲି ଘୋଷଣା କରିଥିଲେ। ଏହା ଓଡିଶାବାସୀଙ୍କ ପାଇଁ ବହୁତ ଖୁସି ଆଣିଦେଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ବର୍ଷର ସଂଘର୍ଷ ଯୋଗୁ ଶେଷରେ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ବୋଲି ଘୋଷଣା କରିବା ପାଇଁ କେନ୍ଦ୍ର ମଧ୍ୟ ରାଜି ହୋଇଥିଲା । ତେବେ ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା କରିବାକୁ କେନ୍ଦ୍ର ମନା କରିଦେବା ପରେ ରାଜ୍ୟବାସୀ ଆଶ୍ଚର୍ଯ୍ୟ ☞ପୃଷ୍ଠା-୬

# ମା' ଚାପୁଡ଼ାରେ ଶିଶୁପୁତ୍ରର ଜୀବନ ଗଲା

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

କବିସୂର୍ଯ୍ୟନଗର,୬।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୋଲସରା ବ୍ଲକ ଅନ୍ତର୍ଗତ ଜକର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମା' ଚାପୁଡ଼ାରେ ୨ ବର୍ଷୀୟ ଶିଶୁପୁତ୍ରର ଜୀବନ ଯାଇଛି। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହେଉଛି। ପୋଲିସ ସୋମବାର ମୃତ ଶିଶୁପୁତ୍ରଙ୍କ ପରିବାର ଲୋକଙ୍କୁ ପଚରାଉଚରା ଚଳାଇଛି। ସ୍ୱାମୀ ବାହାର ରାଜ୍ୟରେ କାମ ☞ପୃଷ୍ଠା-୬

# ଜେନମ ସିକ୍ୱେନ୍ସିଂ ପାଇଁ ଗଲା ୨୪୬ ନମୁନା

## ରାଜ୍ୟରେ ଓମିକ୍ରନ୍ ଭୟ

■ ୪୦ ପ୍ରତିଶତ ବିଦେଶ ଫେରନ୍ତାଙ୍କ ପତ୍ତା ମିଳୁନି

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

'ଓମିକ୍ରନ୍' ସଂକ୍ରମଣ ବ୍ୟାପିଥିବା ଦେଶରୁ ଓଡ଼ିଶା ଆସିଥିବା ୨୪୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ନଭେମ୍ବର ୨୪ ପରେ ରାଜ୍ୟକୁ ଆସିଛନ୍ତି। ତେବେ ପଜିଟିଭ୍ ଚିହ୍ନଟ ପରେ ସେମାନେ କରୋନାର କେଉଁ ଭାରିଆଣ୍ଟରେ ଆକ୍ରାନ୍ତ, ତାହା ଜାଣିବା ପାଇଁ ସେମାନଙ୍କ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ଏ ନେଇ ସୋମବାର ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା ସୂଚନା ଦେଇ କହିଛନ୍ତି, ପୂର୍ବରୁ ଆସିଥିବା ୧୪୧ ନମୁନାର ଜିନୋମ୍ ସିକ୍ୱେନ୍ସିଂ ହୋଇଥିଲା। ହେଲେ ସେଥିରୁ କୌଣସି ନମୁନା ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇନି। ଏବେ ଯେଉଁ ୨୪୬ ନମୁନା ପଜିଟିଭ୍ ଆସିଛି ତା'ର ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟ ଶୁକ୍ରବାର ଆସିବ ବୋଲି ଡା. ପରିଡ଼ା କହିଛନ୍ତି। ପଜିଟିଭ୍ ଚିହ୍ନଟ ହୋଇଥିବା କିଛି ବ୍ୟକ୍ତି ☞ପୃଷ୍ଠା-୬

# ରେକର୍ଡ ବିଜୟ ସହ ଭାରତର ସିରିଜ କବ୍‌ଜା

■ ମୟଙ୍କ ଅଗ୍ରୱାଲ ପ୍ଲେୟର ଅଫ୍ ଦି ମ୍ୟାଚ

■ ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ

ମୁମ୍ବାଇ, ୬।୧୨(ପି.ଟି.)

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତ ରେକର୍ଡ ୩୭୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଫଳରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୧-୦ରେ ଜିତିଛି। ପ୍ରଥମ ଟେଷ୍ଟରେ ଭାରତ ବିଜୟ ଦ୍ୱାରରେ ପହଞ୍ଚିଥିଲେ ସୁଦ୍ଧା ନ୍ୟୁଜିଲାଣ୍ଡ ମ୍ୟାଚକୁ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ୧୫୦ ଓ ଦ୍ୱିତୀୟ ଇନିଂସରେ ୬୨ ରନ କରିଥିବା ମୟଙ୍କ ଅଗ୍ରୱାଲ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ୭୦ ରନ ଦେଇ ୧୪ଟି ଉଇକେଟ ନେଇଥିବା ରବିଚନ୍ଦ୍ରନ ଅଶ୍ୱିନ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି। ରନ୍ ଦୃଷ୍ଟିରୁ ଟେଷ୍ଟରେ ଭାରତର ଏହା ସର୍ବବୃହତ୍ ବିଜୟ। ପୂର୍ବରୁ ୨୦୧୫ରେ ଦିଲ୍ଲୀଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ସର୍ବାଧିକ ୩୩୭ ରନରେ ବିଜୟୀ ହୋଇଥିଲା।

ତୃତୀୟ ଦିନର ଅସମାପ୍ତ ଇନିଂସ ୧୪୦/୫ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୧୬୭ ରନରେ ଅଲଆଉଟ ହୋଇଯାଇଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ହେନରି ନିକୋଲ୍ସ ୪୪ ଓ ରଚିନ ରବିନ୍ଦ୍ର ଯଥାକ୍ରମେ ୪୪ ଓ ୧୮ ରନ କରି ଆଉଟ ହୋଇଥିବାବେଳେ କାଏଲ ଜେମିସନ ଓ ଟିମ୍ ସୌଦୀଙ୍କୁ ଖାତା ଖୋଲିବାକୁ ଦେଇ ନ ଥିଲେ ତାରକା ସ୍ପିନର ଜୟନ୍ତ ଯାଦବ। ୱିଲିୟମ ସମରଭିଲେଙ୍କୁ ୧ ରନରେ ଆଉଟ କରି ନ୍ୟୁଜିଲାଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ଜୟନ୍ତ। ୫୬.୩ ଓଭରରେ ନ୍ୟୁଜିଲାଣ୍ଡ ☞ପୃଷ୍ଠା-୬



ଦ୍ୱିତୀୟ ଟେଷ୍ଟ ଜିତିବା ପରେ ସୋମବାର ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ଚାଷୀଙ୍କୁ କଚାଡ଼ି ମାରିଲା ଦନ୍ତା

**ବଅଁରପାଳ, ୬।୧୨(ଡି.ଏନ.ଏ.)**

■ବଅଁରପାଳରେ ଡେରା ପକାଇଛନ୍ତି ୪୬ ହାତୀ
■ଗୁହାଳ ଭାଙ୍ଗିଲେ, ଆକ୍ରମଣରେ ବାଛୁରୀ ମୃତ

ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ ଏକ ପଲରେ ୪୬ ହାତୀ ଆତଙ୍କ ସୃଷ୍ଟି କରିଚାଲିଛନ୍ତି। ସୋମବାର ହାତୀ ଆକ୍ରମଣରେ ନଳଟାଙ୍ଗର ଗ୍ରାମର ଚାଷୀ ଧନେଶ୍ୱର ଭୁକ୍ତା (୬୦)ଙ୍କ ଜୀବନ ଯାଇଛି। ସକାଳୁ ବିଲକୁ ଯାଇଥିବାବେଳେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଏକ ଦନ୍ତା କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତକଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦେବା ପାଇଁ ବ୍ଲକ କଂଗ୍ରେସ ସଭାପତି ବିନୋଦ ମାଝି ଦାବି, ସରପଞ୍ଚ ନର୍ମଦା ମାଝି ପ୍ରମୁଖ ଦାବି କରିଛନ୍ତି। ସେହିପରି ଗ୍ରାମର ଅଦ୍ୱୈତ ମାଝିଙ୍କ ଗୁହାଳକୁ ହାତୀପଲ ଭାଙ୍ଗିଦେବା ସହ ଆକ୍ରମଣ କରି ଏକ ବାଛୁରୀକୁ ମାରିଦେଇଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ଆଇଆଇସି ନରେଶ ସାହୁ ସଦଳବଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବନ ବିଭାଗ ଘଟଣାର ତଦନ୍ତ କରୁଛି। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ହାତୀ ଆତଙ୍କ ସମ୍ପର୍କରେ ନଳଟାଙ୍ଗରା ଗ୍ରାମର ବିଦ୍ୟାଧର ମାଝି କହିଛନ୍ତି, ଗତ କିଛିଦିନ ହେଲା ଉକ୍ତ ୪୬ ହାତୀ ସନ୍ତ୍ରୀ, ଭାଗବତପୁର, ନୂଆହତା, ନଳଚନ୍ଦ୍ରପୁର ଗ୍ରାମରେ ଦଳବଦ୍ଧ ହୋଇ ଘୂରି ବୁଲୁଛନ୍ତି। ଧାନଜମି, ବାଡ଼ି ବଗିଚାରେ ପଶି ବ୍ୟାପକ ଫସଲ ନଷ୍ଟ କରିଚାଲିଛନ୍ତି। ସୋମବାର ସନ୍ଧ୍ୟାରେ ଉକ୍ତ ହାତୀପଲ ଗଣ୍ଡିଗାଡ଼ିଆ ଜଙ୍ଗଲରେ ଡେରା ପକାଇଛନ୍ତି। ସଞ୍ଜ ହେଲେ ପଦାକୁ ବାହାରିବାକୁ ଭୟ ଲାଗୁଛି। ସେହିପରି ନୂଆହତା ଗ୍ରାମର ବିଭୂତି ଦଳବେହେରା କହିଛନ୍ତି, ହାତୀପଲ ଉପଦ୍ରବରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଧନଜୀବନ ହାନି ହେଉଛି। ବନ ବିଭାଗ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ହିନ୍ଦୁଧର୍ମ ଗ୍ରହଣକଲେ ପୂର୍ବତନ ୱାକଫ୍ ବୋର୍ଡ ଅଧ୍ୟକ୍ଷ



**ଗାଜିଆବାଦ, ୬।୧୨:** ଉତ୍ତରପ୍ରଦେଶ ଶିଆ ୱାକଫ୍ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ୱାସିମ୍ ରିଜ୍‌ଭି ସୋମବାର ସନାତନ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି। ଗାଜିଆବାଦର ଦସନା ଦେବୀ ମନ୍ଦିରରେ ଅନୁଷ୍ଠିତ ଉତ୍ସବରେ ତାଙ୍କୁ ଧର୍ମାନ୍ତରୀକରଣ କରାଯାଇଥିଲା। ଦସନା ମନ୍ଦିରର ମୁଖ୍ୟ ପୂଜକ ଯତି ନରସିଂହାନନ୍ଦ ସରସ୍ୱତୀ ଉତ୍ସବରେ ପୌରୋହିତ୍ୟ କରିଥିଲେ ଓ ରିଜ୍‌ଭିଙ୍କୁ ନୂଆ ନାଁ ଦେଇଥିଲେ। ସେହି ଅନୁଯାୟୀ ରିଜ୍‌ଭି ସୋମବାରଠାରୁ ଜିତେନ୍ଦ୍ର ନାରାୟଣ ସିଂ ତ୍ୟାଗୀ ଭାବେ ପରିଚିତ ହୋଇଛନ୍ତି। ଗତ ମାସରେ ରିଜ୍‌ଭି ଇସ୍‌ଲାମ ଧର୍ମକୁ ସମାଲୋଚନା କରି 'ମହମ୍ମଦ' ନାମରେ ବିବାଦୀୟ ପୁସ୍ତକ ଉନ୍ମୋଚନ କରିବା ପରେ ବିବାଦ ଘେରକୁ ଆସିଥିଲେ। ସେ ଇସ୍‌ଲାମ ତ୍ୟାଗ କରିନାହାନ୍ତି, ବରଂ ତାଙ୍କୁ ଇସ୍‌ଲାମ ଧର୍ମରୁ ବାହାର କରିଦିଆଯାଇଛି ବୋଲି ରିଜ୍‌ଭି କହିଛନ୍ତି। ସେ ଇସ୍‌ଲାମ ଧର୍ମର କେତେକ ଧାରଣାରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ। ଧର୍ମରେ ଚାଲିଥିବା କେତେକ ଭୁଲ୍ କାର୍ଯ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ବିରୋଧ କରାଗଲା। ସେଥିପାଇଁ ସେ ସନାତନ ଧର୍ମ ଗ୍ରହଣ କରିବାକୁ ନିଷ୍ପତ୍ତି ନେଲେ ବୋଲି ଗଣମାଧ୍ୟମକୁ କହିଛନ୍ତି।

### ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଓଡିଶା କୃଷକ ସଭାର ସ୍ମାରକପତ୍ର

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଲଘୁଚାପ ଜନିତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବି କରି ଓଡିଶା କୃଷକ ସଭା ପକ୍ଷରୁ ୬ ଦଫା ସ୍ମାରକପତ୍ର ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଦିଆଯାଇଛି। ସରକାର ଜରୁରୀ ପଦକ୍ଷେପ ଗ୍ରହଣ ନ କଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି କୃଷକ ସଭାର ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ କହିଛନ୍ତି। ଧାନ ପାଇଁ ଏକର ପ୍ରତି ୨୦ ହଜାର ଟଙ୍କା ଓ ପନିପରିବା ତଥା ଅନ୍ୟାନ୍ୟ ଅର୍ଥକରୀ ଫସଲ ପାଇଁ ଏକର ପ୍ରତି ୨୫ ହଜାର ଟଙ୍କା କ୍ଷତି ପୂରଣ, ଭାଗଚାଷୀଙ୍କୁ ସମାନ ସୁବିଧା ପ୍ରଦାନ ଆଦି ଦାବି କରାଯାଇଛି।

# ଜାମିନ ପାଇଁ ଲାଞ୍ଚ, ଏସ୍‌ଆଇ ଗିରଫ

## ବିଞ୍ଝାରପୁର ଥାନା

■୬ହଜାର ଲାଞ୍ଚ ଟଙ୍କା ଜବତ

**ବିଞ୍ଝାରପୁର/ ଯାଜପୁର ଟାଉନ, ୬।୧୨(ଡି.ଏନ.ଏ.)**

୩ଜଣ ବ୍ୟକ୍ତିଙ୍କୁ ଜାମିନ କରାଇ ଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଏସ୍‌ଆଇ ଫକୀରମୋହନ ସିଂହ ଭିଜିଲାନ୍ସ ଡିଏସ୍‌ପି ସୁଶୀଲ କୁମାର ଏକ୍କାଙ୍କ ହାତରେ ଧରାପଡ଼ିଛନ୍ତି। ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୩୫/୨୧) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ଡିଏସ୍‌ପି କହିଛନ୍ତି।

ସୂଚନା ଅନୁଯାୟୀ, ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତରେ ଏକ ଗଣ୍ଡଗୋଳ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟ ୩ଜଣଙ୍କୁ ଥାନାରେ ଜାମିନ କରାଇ ଦେବାକୁ କହି ଏସ୍‌ଆଇ ସିଂହ କଲ୍ୟାଣପୁର ଗ୍ରାମର ବସନ୍ତ ଜେନାଙ୍କଠାରୁ ୬ ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ଡିଏସ୍‌ପି ଏକ୍କାଙ୍କ ସମେତ ତାଙ୍କ ଟିମ୍ ତାଙ୍କୁ ଗିରଫ କରିନେଇଥିଲେ।



ଗିରଫ ଏସ୍‌ଆଇ ଫକୀରମୋହନ ସିଂହ।

# ଆନ୍ଧ୍ରପ୍ରଦେଶର ପୂର୍ବତନ ବିଧାୟକଙ୍କୁ ଜାମିନ

## ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲା

**କଟକ ଅଫିସ,୬।୧୨**

ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଥିବା ଆନ୍ଧ୍ରପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କୁ ହାଇକୋର୍ଟରୁ ସୋମବାର ସର୍ତ୍ତମୂଳକ ଜାମିନ ମିଳିଛି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୩୦ ଲକ୍ଷ ଟଙ୍କାର ଜମି ବଣ୍ଡ ସହ ଜାମିନ ବାବଦକୁ ୧ଲକ୍ଷ ଟଙ୍କାର ମୁଚଲିକା ତଳ କୋର୍ଟରେ ଦାଖଲ କରିବେ। ଏଥିସହ ଯେଉଁ ଜମାକାରୀ ଟଙ୍କା ପାଇବାର ଥିବ, ସେମାନେ ପ୍ରମାଣପତ୍ର ଦେଖାଇଲେ ମାଲ୍ଲା ବିଜୟ ଟଙ୍କା ଫେରସ୍ତ କରିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ମାଲ୍ଲା ବିଜୟ ୱେଲଫେୟାର ବିଲ୍ଡିଂ ଆଣ୍ଡ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଖୋଲିଥିଲେ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗ୍‌ରେ ଜମି ଯୋଗାଇଦେବା କହି ମାଲ୍ଲାଙ୍କ ସଂସ୍ଥା ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲା। ଇଓଡବ୍ଲ୍ୟୁ ନିକଟରେ ପ୍ରାୟ ୧୫୦ଟି ଅଭିଯୋଗ ହୋଇଥିଲା। ପରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ବିଶାଖାପାଟଣାରୁ ମାଲ୍ଲା ବିଜୟଙ୍କୁ ଗିରଫ କରି ଗତ ସେପ୍ଟେମ୍ବର ୭ରେ କଟକର ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା (ଓପିଆଇଡି) କୋର୍ଟକୁ ଚାଲାଣ କରିଥିଲା।

# ଲୋକ ସଭାରେ କେନ୍ଦ୍ରୀୟ ବିଦ୍ୟାଳୟ ଭିତ୍ତିଭୂମି ପ୍ରସଙ୍ଗ ଉଠାଇଲେ ବସନ୍ତ

**ନୂଆଦିଲ୍ଲୀ,୬।୧୨:** କଳାହାଣ୍ଡି ଭାଜପା ଏମ୍‌ପି ବସନ୍ତ ପଣ୍ଡା ସୋମବାର ଲୋକ ସଭାରେ କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିଭୂମି ପ୍ରସଙ୍ଗ ଉଠାଇଛନ୍ତି। ନିମ୍ନ ସଦନରେ ଶୂନ୍ୟକାଳରେ ଏମ୍‌ପି ବସନ୍ତ କହିଛନ୍ତି, ତାଙ୍କ ନିର୍ବାଚନମଣ୍ଡଳୀର ନୂଆପଡ଼ା, ଖରିଆର ଏବଂ ଧର୍ମଗଡ଼ଠାରେ ୩ଟି କେନ୍ଦ୍ରୀୟ ବିଦ୍ୟାଳୟ ରହିଛି, ହେଲେ କୌଣସିର ନିଜସ୍ୱ ଗୃହ ନାହିଁ। ଏହି ବିଦ୍ୟାଳୟଗୁଡ଼ିକ ଅନ୍ୟ ଗୃହରେ ଚାଲିଛି। ଯେଉଁଥିପାଇଁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପରୋକ୍ତ ବିଦ୍ୟାଳୟର ଉପଯୁକ୍ତ ଭିତ୍ତିଭୂମି ଏବଂ ଗୃହ ନିର୍ମାଣ ପାଇଁ ପାଣ୍ଠି ପ୍ରଦାନ କରିବାକୁ ବସନ୍ତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି।

# ୪୦,୦୫୨ ଶିକ୍ଷକଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୋଟ ୪୦ ହଜାର ୫୨ ଜଣ ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଲେଭୁଲ-୫ରେ ୧୭ ହଜାର ୨୨୯ ପଦୋନ୍ନତି ପାଇଥିବାବେଳେ ଲେଭୁଲ୍-୪ରେ ୨୨ ହଜାର ୧୬୮ ଏବଂ ଲେଭୁଲ୍-୩ରେ ୬୫୫ଜଣ ଶିକ୍ଷୟିତ୍ରୀଶିକ୍ଷକ ପଦୋନ୍ନତି ପାଇଛନ୍ତି। ପଦୋନ୍ନତି ପାଇଥିବା ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।














































**ନେପାଳରେ ୨ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ**

ନେପାଳରେ ୨ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବା ସୋମବାର ଚିହ୍ନଟ ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ଜଣେ ବିଦେଶୀ ନାଗରିକ ରହିଛନ୍ତି। ୬୬ ବର୍ଷୀୟ ବିଦେଶୀ ନାଗରିକ ଜଣକ ନଭେମ୍ବର ୧୯ରେ ଦକ୍ଷିଣ ଆଫ୍ରିକାରୁ କାଠମାଣ୍ଡୁକୁ ଆସିଥିଲେ। ଅନ୍ୟ ୭୧ ବର୍ଷୀୟ ସଂକ୍ରମିତ ତାଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। କୋଭିଡ୍ ଲକ୍ଷଣ ଦେଖାଯିବାରୁ ନମୁନା ପରୀକ୍ଷଣ ପରେ ସେମାନେ ଓମିକ୍ରନ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବିଧାନସଭା କମିଟି ନିକଟରେ ହାଜର ପାଇଁ ସମୟ ମାଗିଲେ କଙ୍ଗନା



**ନୂଆଦିଲ୍ଲୀ, ୬।୧୨:** ସୋସିଆଲ ମିଡିଆରେ ଘୃଣା ସୃଷ୍ଟିକାରୀ ତଥା ଶିଖ୍ ବିରୋଧୀ ମନ୍ତବ୍ୟ ପୋଷ୍ଟ କରିଥିବା ଅଭିଯୋଗରେ ଅଭିନେତ୍ରୀ କଙ୍ଗନା ରାନାଓ୍ୱତ୍‌ଙ୍କୁ ଦିଲ୍ଲୀ ବିଧାନସଭା ଶାନ୍ତି ଓ ସମନ୍ୱୟ କମିଟି ସୋମବାର ହାଜର ହେବା ନିମନ୍ତେ ସମନ କରିଥିଲା। ଏହି କମିଟି ସମ୍ମୁଖରେ ହାଜର ହେବା ପାଇଁ କଙ୍ଗନା ଅଧିକ ସମୟ ମାଗିଛନ୍ତି। କମିଟିର ମୁଖ୍ୟ ରାଘବ ଚଢ଼ା ଏକ ବିବୃତିରେ କହିଛନ୍ତି, ବ୍ୟକ୍ତିଗତ ଏବଂ ବୃତ୍ତିଗତ କାରଣ ଯୋଗୁ କଙ୍ଗନା ହାଜର ହୋଇପାରିବେ ନାହିଁ ବୋଲି ତାଙ୍କ ଓକିଲ ଏକ ଚିଠି ଲେଖିଛନ୍ତି। ପରବର୍ତ୍ତୀ କେଉଁ ତାରିଖ ବାବଦରେ କମିଟି ଏହାର ନିଷ୍ପତ୍ତି ଜଣାଇବ ବୋଲି ରାଘବ କହିଛନ୍ତି।

### ଇନ୍ଦିରା ଗାନ୍ଧୀଙ୍କୁ ମନେପକାଇଲେ ହସିନା

**ବାଂଲାଦେଶର ୫୦ତମ ବିଜୟ ଦିବସ**



**ନୂଆଦିଲ୍ଲୀ, ୬।୧୨:** ପଡ଼ୋଶୀ ବାଂଲାଦେଶ ସୋମବାର ଏହାର ୫୦ତମ ବିଜୟ ଦିବସ ପାଳନ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶେଖ ହସିନା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ମନେପକାଇବା ସହ ବହୁ ସଂଖ୍ୟାରେ ବାଂଲାଦେଶ ଶରଣାର୍ଥୀଙ୍କ ରହିବାର ସୁବିଧା କରାଇଥିବାରୁ ତାଙ୍କ ପ୍ରଶଂସା କରିଛନ୍ତି। ଏକ ସାଧାରଣ ସଭାରେ ଯୋଗଦେଇ ହସିନା କହିଥିଲେ ବାଂଲାଦେଶ ଓ ଭାରତ କୁଟନୈତିକ ସମ୍ପର୍କର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କ ଯାତ୍ରାର ଏହା ଏକ ମାଇଲଷ୍ଟୋନ। ୧୯୭୧ ଡିସେମ୍ବର ୬ରେ ଭାରତ ବାଂଲାଦେଶକୁ ଏକ ସ୍ୱାଧୀନ ଏବଂ ସାର୍ବଭୌମ ରାଷ୍ଟ୍ର ଭାବେ ମାନ୍ୟତା ଦେଇଥିଲା। ସେହି ସମୟରେ ଇନ୍ଦିରା ଗାନ୍ଧୀ ଏବଂ ତାଙ୍କ ସରକାରଙ୍କ ଉଦାରତା ସର୍ବଦା ସ୍ମରଣୀୟ। ଗତ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଂଲାଦେଶ ଗସ୍ତ କରିଥିବାବେଳେ ଡିସେମ୍ବର ୬କୁ ମୈତ୍ରୀ ଦିବସ ଭାବେ ମାନ୍ୟତା ଦେବାକୁ ସ୍ଥିର ହୋଇଥିବା ହସିନା କହିଥିଲେ। ବାଂଲାଦେଶର ସ୍ୱର୍ଣ୍ଣିମ ବିଜୟ ଦିବସ ପାଳନ ସମାରୋହରେ ଯୋଗ ଦେବାକୁ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଭାରତ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେଠାକୁ ଗସ୍ତ କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।

# ‘ଭୁଲ୍ ବୁଝାମଣାରୁ ଗୁଳି ଚଳାଇଥିଲେ ଯବାନ’

**ନୂଆଦିଲ୍ଲୀ, ୬।୧୨(ପି.ଟି.)**

ନାଗାଲାଣ୍ଡର ମୋନ୍ ଜିଲା ଅନ୍ତର୍ଗତ ଓଟିଙ୍ଗ ନିକଟରେ ସେନା ଗୁଳିରେ ୧୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ପାଇଁ କେନ୍ଦ୍ର ସରକାର ଦୁଃଖ ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ଉଗ୍ରପନ୍ଥୀମାନଙ୍କ ଗତିବିଧି ସମ୍ପର୍କରେ ସୈନ୍ୟବାହିନୀକୁ ଗୋଇନ୍ଦା ସୂଚନା ମିଳିଥିଲା। ପିକ୍‌ଅପ୍ ଭ୍ୟାନ୍‌ରେ ଫେରୁଥିବା କୋଇଲା ଖଣି ଶ୍ରମିକଙ୍କୁ ଯବାନମାନେ ଉଗ୍ରପନ୍ଥୀ ସନ୍ଦେହ କରି ଗୁଳି ଚଳାଇଥିଲେ ବୋଲି ସୋମବାର ଲୋକ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ମାସକ ମଧ୍ୟରେ ତଦନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଶାହା କହିଛନ୍ତି।

ସେନା ଗୁଳିମାଡ଼ରେ ନିରୀହ ଲୋକଙ୍କ ମୃତ୍ୟୁକୁ ଲୋକ ସଭାରେ ନିନ୍ଦା କରାଯାଇଥିଲା। ସଦସ୍ୟମାନେ କ୍ଷୋଭ ପ୍ରକାଶ କରିବା ସହ ଘଟଣାର ଉପଯୁକ୍ତ ତଦନ୍ତ ଦାବି କରିଥିଲେ। ଏଥିସହିତ ନାଗାଲାଣ୍ଡରେ ଲାଗୁ ହୋଇଥିବା ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର ଲାଗି ଏମ୍‌ପିମାନେ ଦାବି ଜଣାଇଥିଲେ। ସେନା ଗୁଳିକାଣ୍ଡକୁ କଂଗ୍ରେସ ନେତା ମନୀଷ ତିଓ୍ୱାରୀ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଜଣେ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଘଟଣାର ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ କରିବା ଲାଗି ଦାବି କରିଥିଲେ।

ବିରୋଧୀ ସଦସ୍ୟଙ୍କ ଦାବିର ଉତ୍ତର ଦେବାକୁ ଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ, ଉଗ୍ରପନ୍ଥୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ଆଧାରରେ ନାଗାଲାଣ୍ଡର ଉକ୍ତ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ୨୧ ଜଣ କମାଣ୍ଡୋଙ୍କ ନେତୃତ୍ୱରେ ଅଭିଯାନ ଆରମ୍ଭ ହୋଇଥିଲା। ଶନିବାର ସନ୍ଧ୍ୟା ସମୟରେ ସେଠାରେ ପହଞ୍ଚିଥିବା ଏକ

## ଗୁଳିକାଣ୍ଡ ପାଇଁ କେନ୍ଦ୍ରର ଦୁଃଖ ପ୍ରକାଶ



**ମାସେ ମଧ୍ୟରେ ତଦନ୍ତ ରିପୋର୍ଟ: ଶାହା**

ଗାଡ଼ିକୁ ଅଟକିବା ପାଇଁ ଯବାନମାନେ ସିଗ୍‌ନାଲ ଦେଇଥିଲେ ମଧ ତାହା ଖସି ପଳାଇବାକୁ ଉଦ୍ୟମ କରିଥିଲା। ଫଳରେ ଗାଡ଼ିରେ ଉଗ୍ରପନ୍ଥୀ ଥିବା ସନ୍ଦେହ କରି ଯବାନମାନେ ଗୁଳି ଚଳାଇଥିଲେ ବୋଲି ଶାହା କହିଛନ୍ତି। ଗୁଳିମାଡ଼ରେ ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ୮ ଜଣଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଚିହ୍ନିବାରେ ଭୁଲ୍ କରି ସେନା ଗୁଳି ଚଳାଇଥିବା ଜାଣିବା ପରେ ଆହତ ୨ ଜଣଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ଥାନୀୟ ଗ୍ରାମବାସୀ ସେଠାରେ ପହଞ୍ଚି ଯବାନମାନଙ୍କୁ ଘେରିଯାଇ ଆକ୍ରମଣ କରିବା ସହ ଦୁଇଟି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଜଣେ ଯବାନ ନିହତ ହେବା ସହ ଅନ୍ୟ କେତେଜଣ ଆହତ ହେବାରୁ ସେନା ଆତ୍ମରକ୍ଷା ପାଇଁ ଓ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ଲାଗି ଗୁଳି ଚଳାଇଥିଲା। ଯବାନଙ୍କ ଗୁଳିରେ ଅନ୍ୟ ୭ ଜଣ ସାଧାରଣ ଲୋକ ପ୍ରାଣ ହରାଇବା ସହ କେତେଜଣ ଆହତ ହୋଇଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲେ ମଧ ନିୟନ୍ତ୍ରଣାଧୀନ ରହିଥିବା ଶାହା କହିଛନ୍ତି। ନାଗାଲାଣ୍ଡ ଡିଜିପି ଏବଂ କମିଶନର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ନାଗାଲାଣ୍ଡ ପୋଲିସ ଅଭିଯୁକ୍ତ ଯବାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଥିବା ଶାହା ଜଣାଇଥିଲେ। ଅନ୍ୟପକ୍ଷରେ ଗୁଳିକାଣ୍ଡ ଘଟଣାର ତଦନ୍ତ ପାଇଁ ସେନା ପକ୍ଷରୁ ମେଜର ଜେନେରାଲ ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କମିଟି ଗଢ଼ାଯାଇଛି। ମୃତକଙ୍କ ପରିବାରକୁ ନାଗାଲାଣ୍ଡ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ନାଗାଲାଣ୍ଡ ଘଟଣାକୁ ନେଇ ସୋମବାର ରାଜ୍ୟ ସଭାରେ ମଧ ଉତ୍ତେଜନା ପ୍ରକାଶ ପାଇଥିଲା। କଂଗ୍ରେସ ଏମ୍‌ପି ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ସମେତ ବିରୋଧୀ ନେତାମାନେ ଘଟଣାର ନିନ୍ଦା କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ।

## ନାଗାଲାଣ୍ଡ ଯିବ କଂଗ୍ରେସ ପ୍ରତିନିଧି ଦଳ

**ନୂଆଦିଲ୍ଲୀ, ୬।୧୨**

କଂଗ୍ରେସର ଏକ ୪ ଜଣିଆ ପ୍ରତିନିଧି ଦଳ ନାଗାଲାଣ୍ଡର ଗୁଳିକାଣ୍ଡ ଘଟିଥିବା ଅଞ୍ଚଳ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିବ। ସପ୍ତାହେ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ପ୍ରତିନିଧି ଦଳରେ କଂଗ୍ରେସ ନେତା ଜିତେନ୍ଦ୍ର ସିଂ, ଡ. ଅଜୟ କୁମାର, ଗୌରବ ଗୋଗୋଇ ଏବଂ ଅଣ୍ଟୋ ଆଣ୍ଟୋନି ସଦସ୍ୟ ରହିଛନ୍ତି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନାଗାଲାଣ୍ଡର ମୋନ୍ ଜିଲାକୁ ୫ ଜଣିଆ ପ୍ରତିନିଧି ଦଳ ପଠାଇବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ପରେ ଏହାକୁ ବାତିଲ କରିଦେଇଛି। ଆଇନ ଶୃଙ୍ଖଳା ସ୍ଥିତି ବିଗିଡ଼ିବା ଆଶଙ୍କାରେ ସେଠାରେ ୧୪୪ ଧାରା ଜାରି ହୋଇଥିବାରୁ ଟିଏମ୍‌ସି ଟିମ୍‌ର ଗସ୍ତ ବାତିଲ ହୋଇଛି।

## ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ଲାଗି ଶାହାଙ୍କୁ ଭେଟିବେ ସାଙ୍ଗମା

**ଶିଲଂ, ୬।୧୨**

ନାଗାଲାଣ୍ଡରେ ସେନା ଗୁଳିରେ ୧୪ ନିରୀହ ଜନସାଧାରଣ ନିହତ ହେବା ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ସଶସ୍ତ୍ର ବଳ(ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର ଦାବି ଜୋର୍ ଧରିଛି। ଦାବି ପ୍ରତ୍ୟାହାର ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଦାବି ଜଣାଇବେ ବୋଲି ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗ୍‌ମା କହିଛନ୍ତି। ମେଣ୍ଟ କଥା ଅଲଗା ଏବଂ ଏଭଳି ପ୍ରସଙ୍ଗ ଭିନ୍ନ ବୋଲି ସେ କହିଛନ୍ତି। ଗୋଟିଏ ଦଳ ଓ ବ୍ୟକ୍ତିବିଶେଷ ଭାବେ ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ହେବା ସେ ଅନୁଭବ କରୁଥିବା କହିଛନ୍ତି। ସୂଚନାଯୋଗ୍ୟ, ଭାଜପା ଏବଂ ଅନ୍ୟ ଏନ୍‌ଡିଏ ସହଯୋଗୀଙ୍କୁ ନେଇ



କନ୍‌ରାଡ୍ ସାଙ୍ଗ୍‌ମା

ଗଠିତ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ମେଣ୍ଟର ଅଧ୍ୟକ୍ଷ ଅଛନ୍ତି ସାଙ୍ଗମା।

ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ଲାଗି ରାଜ୍ୟ ସଭାରେ କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ଦାବି କରାଯାଇଛି। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ ମଧ ଉକ୍ତ ଆଇନ ଉଚ୍ଛେଦ ହେବା ଆବଶ୍ୟକ ବୋଲି କହିଛନ୍ତି।

## ଧାର୍ମିକ ପ୍ରସଙ୍ଗ ଉପରେ କଡ଼ା ନିୟନ୍ତ୍ରଣ ରଖିବ ଚାଇନା



ଶି ଜିନ୍‌ପିଙ୍ଗ

**ବେଜିଂ, ୬।୧୨**

ଚାଇନାରେ ଧାର୍ମିକ ପ୍ରସଙ୍ଗ ଉପରେ କଡ଼ା ନିୟନ୍ତ୍ରଣ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସୁରକ୍ଷାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥିବା ଜିନ୍‌ପିଙ୍ଗ କହିଥିଲେ ହେଁ ସବୁ ଧର୍ମର ଲୋକ ଶାସକ କମ୍ୟୁନିଷ୍ଟ ପାର୍ଟି ନୀତି ମାନିବାକୁ ବାଧ୍ୟ କରାଯିବାକୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ୨୦୧୯ରେ ଚାଇନା ସରକାରଙ୍କ ପକ୍ଷରୁ ଜାରି ବିବୃତି ଅନୁସାରେ, ଚାଇନାରେ ପ୍ରାୟ ୨୦ କୋଟି ଧର୍ମବିଶ୍ୱାସୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ତିବ୍ବତରେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ଏଥିସହ ୨ କୋଟି ମୁସଲମାନ, ୩.୮ କୋଟି ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିୟାନ, ୬୦ ଲକ୍ଷ କ୍ୟାଥୋଲିକ୍ ଖ୍ରୀଷ୍ଟିୟାନ ରହିଛନ୍ତି। ଏହା ବ୍ୟତୀତ ୧ ଲକ୍ଷ ୪୦ ହଜାର ପୂଜାସ୍ଥଳ ରହିଛି। କମ୍ୟୁନିଷ୍ଟ ପାର୍ଟି ଏବଂ ସେନା ମୁଖ୍ୟ ୬୮ ବର୍ଷୀୟ ଜିନ୍‌ପିଙ୍ଗ୍ ଧର୍ମର ‘ସିନିକାଇଜେସନ୍’(ଯେଉଁ ପ୍ରକ୍ରିୟା ଦ୍ୱାରା ଅଣ-ଚାଇନିଜ୍ ସୋସାଇଟି ଚାଇନା ସଂସ୍କୃତି ଦ୍ୱାରା ପ୍ରଭାବିତ ହେବ, ବିଶେଷକରି ସଂସ୍କୃତି, ଭାଷା, ସାମାଜିକ ଆଦର୍ଶ ଏବଂ ହାନ୍ ଲୋକଙ୍କ ଜାତିଗତ ପରିଚୟ ନଷ୍ଟ ହେବ) କରି କମ୍ୟୁନିଷ୍ଟ ପାର୍ଟିର ନାସ୍ତିକ ନୀତି ଅଧୀନକୁ ଆଣିବାକୁ ଚାହୁଁଛନ୍ତି। ଧାର୍ମିକ ନେତାମାନେ ଗଣତାନ୍ତ୍ରିକ ତଦାରଖରେ ଉନ୍ନତି ଆଣିବା ସହ ଧର୍ମୀୟ କାର୍ଯ୍ୟରେ ମଧ ଆଇନକାନୁନକୁ ପ୍ରାଥମିକତା ଦେବା ଏବଂ ଆଇନ ଶାସନ ବିଷୟରେ ଗଭୀର ପ୍ରଚାର କରିବାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଜିନ୍‌ପିଙ୍ଗ ଏକ ସମ୍ମିଳନୀରେ କହିଛନ୍ତି।

## ଭଉଣୀ ମୁଣ୍ଡକାଟି ସେଲ୍ଫି ଉଠାଇଲା ଭାଇ

**ଅନର କିଲିଂ**

**ମୁମ୍ବାଇ, ୬।୧୨:** ମହାରାଷ୍ଟ୍ରର ଔରଙ୍ଗାବାଦ ଜିଲାରେ ରବିବାର ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ୧୮ ବର୍ଷୀୟ ଯୁବକ ମା’ଙ୍କ ସହାୟତାରେ ଗର୍ଭବତୀ ଭଉଣୀଙ୍କ ମୁଣ୍ଡ କାଟି ହତ୍ୟା କରିଛନ୍ତି। କଟାମୁଣ୍ଡ ଘର ବାରଣ୍ଡାରେ ଝୁଲାଇବା ସହ ଉଭୟେ ସେଲ୍‌ଫି ମଧ ଉଠାଇଛନ୍ତି। ଏହା ଏକ ଅନର କିଲିଂ ବୋଲି ପୋଲିସ କହିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁସାରେ, ୧୯ ବର୍ଷୀୟା କୀର୍ତ୍ତି ଥୋରେ ଗତ ଜୁନ୍‌ରେ ଘର ଛାଡ଼ି ପଳାଇଥିଲେ। ଜଣେ ଯୁବକଙ୍କୁ ବିବାହ କରି ସେ ଅନ୍ୟତ୍ର ରହୁଥିଲେ। ଗତ ସପ୍ତାହରେ ତାଙ୍କ ମା’ କୀର୍ତ୍ତିଙ୍କୁ ଫୋନ୍ କରି ତାଙ୍କୁ ଭେଟିବାକୁ ଚାହୁଁଥିବା କହିଥିଲେ। ରବିବାର କୀର୍ତ୍ତିଙ୍କ ଘରେ ତାଙ୍କ ମା’ ଓ ଭାଇ ପହଞ୍ଚିଥିଲେ। ସେହି ସମୟରେ କୀର୍ତ୍ତିଙ୍କ ସ୍ୱାମୀ ଅନ୍ୟ ଏକ ରୁମ୍‌ରେ ଥିଲେ। କୀର୍ତ୍ତି ଚା’ କରୁଥିବାବେଳେ ପଛପଟୁ ତାଙ୍କ ମା’ ମାଡ଼ିବସିଥିଲେ। ଏହି ସମୟରେ ତାଙ୍କ ଭାଇ ଏକ ଧାରୁଆ ଅସ୍ତ୍ରରେ କୀର୍ତ୍ତିଙ୍କ ମୁଣ୍ଡ କାଟିଦେଇଥିଲେ। ପରେ ଅଭିଯୁକ୍ତ ଭାଇ ଓ ତାଙ୍କ ମା’ କଟାମୁଣ୍ଡ ଆଣି ବାରଣ୍ଡାରେ ଝୁଲାଇଦେଇଥିଲେ। ପାଟି ଶୁଣି କୀର୍ତ୍ତିଙ୍କ ସ୍ୱାମୀ ବାହାରକୁ ଆସିବାପରେ ଯୁବକ ଜଣକ ତାଙ୍କୁ ମଧ ହତ୍ୟା ଉଦ୍ୟମ କରିଥିଲେ। ହେଲେ ସେ ସେଠାରୁ ଖସି ପଳାଇଆସିବାରେ ସକ୍ଷମ ହୋଇଥିଲେ ବୋଲି ପୋଲିସ କହିଛି। ଘଟଣା ପରେ ହତ୍ୟାକାରୀ ଭାଇ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

## ଦିଲ୍ଲୀ ବିମାନବନ୍ଦରରେ ଅସମ୍ଭାଳ ଭିଡ଼

**ନୂଆଦିଲ୍ଲୀ, ୬।୧୨(ପି.ଟି.):** ଦିଲ୍ଲୀ ବିମାନବନ୍ଦର ଟର୍ମିନାଲରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ବିଶୃଙ୍ଖଳିତ ସ୍ଥିତିକୁ ନେଇ ଯାତ୍ରୀମାନେ ଆପତ୍ତି ଉଠାଇବାରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏଥିରେ ହସ୍ତକ୍ଷେପ କରିଛନ୍ତି। ଉତ୍ତମ ଭିଡ଼ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ଦିଲ୍ଲୀ ବିମାନବନ୍ଦର ପରିଚାଳନା ଦାୟିତ୍ୱରେ ଥିବା ଅପରେଟର ଡିଆଇଏଏଲ୍‌କୁ ସିନ୍ଧିଆ ନିର୍ଦ୍ଦେଶ ଦେଇଛନ୍ତି। ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣକୁନେଇ ସରକାର ଜାରି କରିଥିବା ସଂଶୋଧିତ ଟ୍ରାଭେଲ୍ ଗାଇଡ୍‌ଲାଇନକୁ ନେଇ ଦ୍ୱନ୍ଦ୍ୱରେ ପଡ଼ି ଲୋକେ ବିମାନବନ୍ଦରରେ ଭିଡ଼ ଲଗାଇଥିଲେ। ସିନ୍ଧିଆ ସୋମବାର ଭାରତର ବିମାନ ବନ୍ଦର କର୍ତ୍ତୃପକ୍ଷ, ଇମିଗ୍ରେଶନ ବ୍ୟୁରୋ ଏବଂ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦର ଲିଃ (ଡିଆଇଏଏଲ୍)ର ଅଧିକାରୀମାନଙ୍କ ବୈଠକ ଡାକିଥିଲେ।

## ଭୟଙ୍କର ହେବ ଆଗାମୀ ମହାମାରୀ

**ଟିକା ପ୍ରସ୍ତୁତକାରୀ ବୈଜ୍ଞାନିକଙ୍କ ଚେତାବନୀ**

**ଲଣ୍ଡନ, ୬।୧୨**

ଭବିଷ୍ୟତରେ ଆସିବାକୁ ଥିବା ମହାମାରୀ କୋଭିଡ୍-୧୯ଠାରୁ ଅଧିକ ଭୟଙ୍କର ହୋଇପାରେ। କରୋନା ଅପେକ୍ଷା ଏହା ବେଶି ସଂକ୍ରାମକ ଓ ଘାତକ ହୋଇପାରେ। କୋଭିଡ୍ ମହାମାରୀଠାରୁ ଶିକ୍ଷା ନେଇ ଆଗାମୀ ଦିନରେ ଏଥିପାଇଁ ବିଶ୍ୱ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ଅକ୍ସଫୋର୍ଡ-ଆଷ୍ଟ୍ରଜେନିକା ଭାକ୍ସିନ ପ୍ରସ୍ତୁତକର୍ତ୍ତାଙ୍କ ମଧ୍ୟରୁ ଅନ୍ୟତମ ବୈଜ୍ଞାନିକ ସାରା ଗିଲବର୍ଟ କହିଛନ୍ତି। ଜୋନ୍ସ ହପ୍‌କିନ୍ସ ୟୁନିଭର୍ସିଟି ଅନୁସାରେ କରୋନାରେ ୫୨,୭୩,୩୧୦ ଲୋକଙ୍କ ମୃତ୍ୟୁ ଘଟିଛି। ବିଶ୍ୱକୁ ଟ୍ରିଲିୟନ ଟ୍ରିଲିୟନ ଡଲାର କ୍ଷତି ସହିବାକୁ ପଡ଼ିଛି। କୋଟି କୋଟି ଲୋକଙ୍କ ଜୀବନ ପ୍ରଭାବିତ ହୋଇଛି। କିନ୍ତୁ ଆମ ଜୀବନ ଓ ଜୀବିକାକୁ ପ୍ରଭାବିତ କରିବାରେ ଏହା ଶେଷ ଭୂତାଣୁ ନୁହେଁ। ଆଗକୁ ଆହୁରି କଠିନ ସମୟ ଦେଇ ଗତି କରିବାକୁ ପଡ଼ିବ। ତେଣୁ ଏବେଠାରୁ ହିଁ ଭବିଷ୍ୟତର ମହାମାରୀ ସହ ଲଢ଼ିବା ପାଇଁ ସଭିଏଁ ପ୍ରସ୍ତୁତ ବୋଲି ବିଶ୍ୱ ସୁନିଶ୍ଚିତ କରିବା ଜରୁରୀ ହୋଇପଡ଼ିଥିବା ଗିଲବର୍ଟ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ସ୍ୱାସ୍ଥ୍ୟ ବିଶେଷଜ୍ଞ କମିଟି ମହାମାରୀର ମୁକାବିଲା ନିମନ୍ତେ ଏକ ସ୍ଥାୟୀ ଫଣ୍ଡିଂ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି କହିଛି। ଏହି ପ୍ରସ୍ତୁତି ପାଇଁ ବର୍ଷକୁ ଅତିକମ୍‌ରେ ୧୦ ବିଲିୟନ ଡଲାର ଅର୍ଥ ମହଜୁଦ ରଖିବାକୁ ପଡ଼ିବ ବୋଲି କମିଟି ପ୍ରସ୍ତାବ ଦେଇଛି।

## ଅଷ୍ଟ୍ରେଲିଆରେ ଓମିକ୍ରନ ଗୋଷ୍ଠୀ ସଂକ୍ରମଣ




**ସିଡ୍‌ନୀ, ୬।୧୨:** କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ଧୀରେ ଧୀରେ ସମଗ୍ର ବିଶ୍ୱରେ ବ୍ୟାପିବାରେ ଲାଗିଛି। ଅଷ୍ଟ୍ରେଲିଆରେ ଦ୍ରୁତଗତିରେ ଓମିକ୍ରନ ମାମଲା ବଢ଼ିଚାଲିଛି। ଦେଶର ସବୁଠାରୁ ବଡ଼ ସହର ସିଡ୍‌ନୀରେ ଗୋଟିଏ ଦିନରେ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନ୍ୟୁ ସାଉଥ ୱେଲ୍ସରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଦକ୍ଷିଣ ଆଫ୍ରିକାରେ ଥିବା ଯାତ୍ରୀମାନେ ବିମାନରେ ଆସିବା ପରଠାରୁ ସଂକ୍ରମଣ ବ୍ୟାପକ ହୋଇଛି। ଦୁଇଟି ସ୍କୁଲ ଏବଂ ଜିମ୍ ସେଣ୍ଟରରେ ମଧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନେକ ନମୁନାର ଜିନୋମ ସିକ୍ୱେନ୍ସିଂ ଚାଲିଛି। ତେଣୁ ଅଷ୍ଟ୍ରେଲିଆରେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇସାରିଥିବା ସରକାରୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ବିଶେଷ କରି ଦକ୍ଷିଣ ଅଷ୍ଟ୍ରେଲିଆରେ ସ୍ଥିତି ଚିନ୍ତାଜନକ ରହିଛି। ଆଗକୁ କରୋନା ବିସ୍ଫୋଟକ ରୂପ ନେଇପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦକ୍ଷିଣ ଅଷ୍ଟ୍ରେଲିଆ ରାଜ୍ୟଗୁଡ଼ିକ ବିମାନବନ୍ଦରରେ କଡ଼ା କଟକଣା ଜାରି କରିଛନ୍ତି। ବିଦେଶ ଫେରନ୍ତା ସମସ୍ତ ଯାତ୍ରୀ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ବାଧ୍ୟତାମୂଳକ କରାଯାଇଛି। ଫ୍ଲାଇଟ୍‌ରୁ ଅବତରଣ କରିବା ପରେ କରୋନା ପରୀକ୍ଷା ଏବଂ ଆଇସୋଲେଶନରେ ରହିବା ପରେ ମଧ ଟେଷ୍ଟିଂ କରାଯିବା ନିୟମ କଡ଼ାକଡ଼ି କରାଯାଇଛି।

## ସୁ୍ୟ ଚୀଙ୍କୁ ୪ ବର୍ଷ ଜେଲ

**ନାପିତଉ, ୬।୧୨**

ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ମ୍ୟାନ୍‌ମାର ଗଣତାନ୍ତ୍ରିକ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କୁ ଏକ ସ୍ୱତନ୍ତ୍ର କୋର୍ଟ ସୋମବାର ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେନା ବିରୋଧୀ ଭାଷଣ ଦେଇ ଉତ୍ତେଜନା ସୃଷ୍ଟି କରିବା ଏବଂ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ। ସୁ୍ୟ ଚୀଙ୍କ ବିରୋଧରେ ୧୧ଟି ମାମଲା ଥିବାବେଳେ ଏବେ ଗୋଟିଏର ଶୁଣାଣି ହୋଇଛି। ଯଦି ସମସ୍ତ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ୧୦୦ରୁ ଅଧିକ ବର୍ଷ ଜେଲଦଣ୍ଡ ହୋଇପାରେ। ଏହି ରାୟ ପରେ ସୁ୍ୟ ଚୀଙ୍କୁ ଜେଲ ପଠାଯିବ ନା ଗୃହବନ୍ଦୀ ରଖାଯିବ ତାହା କୋର୍ଟ ସ୍ପଷ୍ଟ କରିନାହାନ୍ତି। ତାଙ୍କୁ ଏକ ଅଜଣା ସ୍ଥାନରେ ରଖାଯାଇଛି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୧ରେ ମ୍ୟାନ୍‌ମାର ସେନା ବିଦ୍ରୋହ କରି ଶାସନ କ୍ଷମତା ହାତକୁ ନେଇଥିଲା। ୭୬ ବର୍ଷୀୟା ସୁ୍ୟ ଚୀଙ୍କ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି (ଏନ୍‌ଏଲ୍‌ଡି) ପାର୍ଟି ଦ୍ୱିତୀୟ ଥର ପାଇଁ ଶାସନକୁ ଆସିବାକୁ ରୋକାଯିବା ସହ ତାଙ୍କୁ ସେନା ବନ୍ଦୀ କରିଥିଲା। ସେବେଠାରୁ ସେ ୧୦ ମାସ



- ବିଦ୍ରୋହ କରି ବନ୍ଦୀ କରିଥିଲା ସେନା
- ନୋବେଲ ବିଜୟିନୀଙ୍କ ବିରୋଧରେ ୧୧ ମାମଲା
- ଦୋଷୀ ସାବ୍ୟସ୍ତ ହେଲେ ୧୦୦ ବର୍ଷ ଜେଲ ଭୋଗିବେ

ବନ୍ଦୀ ରହିଥିବାରୁ ଜେଲ ଦଣ୍ଡାଦେଶରୁ ଉକ୍ତ ସମୟ ହିସାବକୁ ନିଆଯିବ।

ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ସୁ୍ୟ ଚୀଙ୍କ ସଂଘର୍ଷ ଦୀର୍ଘ ଦିନର। ସେନା ବିରୋଧରେ ସ୍ୱର ଉତ୍ତୋଳନ କରି ୧୯୮୯ରୁ ୨୦୧୦ ମଧ୍ୟରେ ସେ ୧୫ ବର୍ଷ ଗୃହବନ୍ଦୀ ରହିଛନ୍ତି। ୧୯୬୨ରୁ ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ର ମ୍ୟାନ୍‌ମାରରେ କଠୋର ସେନା ଶାସନ ଚାଲିଥିବାବେଳେ ପ୍ରାୟ ୫ ଦଶନ୍ଧି ପରେ ସେଠାରେ ଗଣତନ୍ତ୍ର ସରକାର ଗଢ଼ିଥିଲା। ୨୦୧୫ରେ ଏନ୍‌ଏଲ୍‌ଡି ନିର୍ବାଚନ ଜିତିବା ପରେ ସୁ୍ୟ ଚୀ ଦେଶର ନେତା ହୋଇଥିଲେ। ମ୍ୟାନ୍‌ମାରକୁ ଗଣତନ୍ତ୍ର ଫେରାଇଆଣିଥିବାରୁ ତାଙ୍କୁ ଶାନ୍ତିରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। କିନ୍ତୁ ଗତ ବର୍ଷ ନଭେମ୍ବର ନିର୍ବାଚନରେ ଜାଲିଆତି ହୋଇଥିବା ସେନା ଅଭିଯୋଗ କରିଥିଲା। ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଉ ନ ଥିବା କହି ସେନା ପକ୍ଷରୁ ବିଦ୍ରୋହ କରାଯାଇଥିଲା। ଏହି ସମୟରେ ସୁ୍ୟ ଚୀଙ୍କ ସମେତ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସେନା ଗିରଫ କରିଥିଲା। ଏହା ବିରୋଧରେ ଜନସାଧାରଣ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେନା କାର୍ଯ୍ୟାନୁଷ୍ଠାନରେ ପ୍ରଦର୍ଶନକାରୀଙ୍କ ମଧ୍ୟରୁ ଅନୂନ୍ୟ ୧୩ଶହ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ସୁ୍ୟ କୀ ତାଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଆସିଛନ୍ତି। ସୁ୍ୟ ଚୀଙ୍କ ସହ ମ୍ୟାନ୍‌ମାର ପୂର୍ବତନ ରାଷ୍ଟ୍ରପତି ତଥା ଏନ୍‌ଏଲ୍‌ଡି ସହ ମେଣ୍ଟ କରିଥିବା ନେତା ୱିନ୍ ମିଣ୍ଟଙ୍କୁ ମଧ ସମାନ ଦୋଷରେ ୪ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଅନ୍ୟପକ୍ଷରେ ବେଆଇନ ୱାକି-ଟକିଜ୍ ବ୍ୟବହାର କରିବା ମାମଲାରେ ସୁ୍ୟ ଚୀଙ୍କ ବିରୋଧରେ ଆସନ୍ତା ୧୪ ତାରିଖରେ ଶୁଣାଣି ହେବ।

ସୁ୍ୟ ଚୀଙ୍କୁ ଜେଲଦଣ୍ଡକୁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଯାଇଛି। ଜାତିସଂଘ ମାନବାଧିକାର ମୁଖ୍ୟ ମିଶେଲେ ବେଚଲେଟ୍ ଏହାକୁ ନିନ୍ଦା କରିବା ସହ ଏଭଳି ରାୟ ସେନା ବିଦ୍ରୋହକୁ ସ୍ୱୀକାର ନ କରିବାକୁ ବଳ ଯୋଗାଇବ ବୋଲି କହିଛନ୍ତି।

## ମହାରାଷ୍ଟ୍ରରେ ଆଉ ୨ ସଂକ୍ରମିତ

**ମୁମ୍ବାଇ, ୬।୧୨:** ମହାରାଷ୍ଟ୍ରରେ ସୋମବାର ଆଉ ୨ ଜଣ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦକ୍ଷିଣ ଆଫ୍ରିକାରୁ ଓ ଅନ୍ୟ ଜଣେ ଆମେରିକା ଫେରନ୍ତା। ଉଭୟ ଫାଇଜର ଟିକାର ଦୁଇଟି ଡୋଜ୍ ନେଇଥିବା ସତ୍ତ୍ୱେ ସଂକ୍ରମିତ ହୋଇଛନ୍ତି। ତେବେ ସେମାନଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯାଇନାହିଁ। ଏହି ୨ ଜଣଙ୍କୁ ମିଶାଇ ଭାରତରେ ମୋଟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୨୩ରେ ପହଞ୍ଚିଛି। ପୂର୍ବରୁ କର୍ନାଟକ, ରାଜସ୍ଥାନ ଓ ଗୁଜରାଟରୁ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ।

**ବିକ୍ରୟ ନୋଟିସ କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା**

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ

ସୁବର୍ଣ୍ଣ ସୁଯୋଗ!!!

**କେଭିକେ ନୀଳାଚଳ ପାଓ୍ୱାର ପ୍ରାଇଭେଟ୍ ଲିମିଟେଡ୍-** ପରିସମାପନାଧୀନର

ସୁବର୍ଣ୍ଣ ସୁଯୋଗ!!!

ବିକ୍ରୟ ନୋଟିସରେ ନିଲାମ ବିଡ୍ ଆମନ୍ତ୍ରଣ କରାଯାଉଛି

**ଇ-ନିଲାମର ତାରିଖ ଓ ସମୟ: ୭ ମାର୍ଚ୍ଚ, ୨୦୨୨ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ ଘଟିକା**

ମେସର୍ସ କେଭିକେ ନୀଳାଚଳ ପାଓ୍ୱାର ପ୍ରାଇଭେଟ୍ ଲିମିଟେଡ୍-ପରିସମାପନାଧୀନର ପରିସମ୍ପତ୍ତିଗୁଡ଼ିକର "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ" ଏବଂ "ବିନା ଅବଲମ୍ବନ ଭିତ୍ତିରେ" ଇ-ନିଲାମ ବିକ୍ରୟ।

| ଇ-ନିଲାମର ତାରିଖ | ବ୍ୟବସାୟ / ପରିସମ୍ପତ୍ତିର ପ୍ରକୃତି | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ଜମା ରାଶି (ଆଇଏନ୍‌ଆର୍) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍) |
| --- | --- | --- | --- | --- |
| ୭ ମାର୍ଚ୍ଚ ୨୦୨୨ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୧,୦୩,୪୧,୦୦,୦୦୦ (ଶହେ ତିନି କୋଟି ଏକଚାଳିଶ ଲକ୍ଷ ଟଙ୍କା ମାତ୍ର) | ୩,୫୦,୦୦,୦୦୦ (ତିନି କୋଟି ପଚାଶ ଲକ୍ଷ ଟଙ୍କା ମାତ୍ର) | ୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର) |

ପ୍ରମୁଖ ବୈଶିଷ୍ଟ୍ୟାବଳୀ: ୧. ଏହି ୟୁନିଟ୍ କଟକ ନିକଟରେ ରାସ୍ତାପାର୍ଶ୍ୱରେ ଅବସ୍ଥିତ। ୨. ଏହି ୟୁନିଟ୍ ରାଧାକିଶୋରପୁର ରେଳ ଷ୍ଟେଶନର ଖୁବ୍ ନିକଟରେ ଅବସ୍ଥିତ। ୩. ସମ୍ଭାବ୍ୟ ନିବେଶକ ଯଦି ଆବଶ୍ୟକ କରନ୍ତି, ତେବେ ପ୍ଲାଣ୍ଟରେ ରେଳୱେ ସାଇଡିଂର ଲେଞ୍ଚ ପୂର୍ବତଟ ରେଳପଥରୁ ପହଞ୍ଚଯୋଗ୍ୟ ଅଟେ। ୪. ସମର୍ପିତ ୩୩ କେଭି ଲାଇନ୍ ମାଧ୍ୟମରେ ବିଦ୍ୟୁତ ଯୋଗାଣ ସୁବିଧା ଉପଲବ୍ଧ।

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୭ ମାର୍ଚ୍ଚ, ୨୦୨୨ ଦିନ ସଞ୍ଚାଳନ ହେବ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ।

ସ୍ୱା./- ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍, ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com, ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୭୭୭, ୯୩୧୩୧୦୨୫୫୨

## ୧୦ ଲକ୍ଷର ବ୍ରାଉନସୁଗାର, ୨୨ କିଲୋ ଗଞ୍ଜେଇ ଜବତ: ୨ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ):** କ୍ୟାପିଟାଲ ଥାନା ରାଜମହଲ ଛକରେ ଜଣେ ବ୍ରାଉନସୁଗେର ବେପାରୀଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଏସ୍.କେ. ୟୁସୁଫ୍ (୪୨)। ତାଙ୍କଠୁ ୧୦ ଗ୍ରାମ ବ୍ରାଉନସୁଗାର ସମେତ ଗୋଟିଏ ମୋବାଇଲ ଫୋନ, ନଗଦ ୩୭,୯୪୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ସେହିଭଳି ଭରତପୁର ଥାନା ପୋଲିସ ସ୍ଥାନୀୟ କେ-୭ରେ ରହୁଥିବା କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନାର ନକୁଳ ଦିଗଲଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ଲକ୍ଷ ୨୦ ହଜାର ଟଙ୍କାର ୨୨ କେଜି ଗଞ୍ଜେଇ ଜବତ କରିଛି।



### ସଂକ୍ଷେପରେ

## ବ୍ରିଜ୍ ଉପରୁ ମୃତଦେହ ଜବତ

**ବାରଙ୍ଗ,୬।୧୨(ଡି.ଏନ୍.ଏ.):** ନେତାଜୀ ସୁଭାଷ ବୋଷ ସେତୁ ଉପରୁ ସୋମବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ମର୍କତ ନଗର ଥାନା ପୋଲିସ ଜବତ କରିଛି। ମୃତକ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମର ଅଶୋକ କୁମାର ଚୌଧୁରୀ (୫୫)। ସେ କଟକ ମ୍ୟୁନିସିପାଲଟିରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଏ ନେଇ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଶୋକ ସାଇକେଲରେ କଟକ ମ୍ୟୁନିସିପାଲଟିକୁ ଯାଉଥିବାବେଳେ ସେତୁ ଉପରେ ପଛପଟୁ ଏକ ଅଜଣାଗାଡ଼ି ଧକ୍କା ଦେଇଥିବା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି।

## ‘ସର୍ବକ୍ଷମା ଯୋଜନା’ରେ ଅତିରିକ୍ତ ରାଶି ଫେରି ପାଇବେ ରାଜଧାନୀବାସୀ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ସର୍ବକ୍ଷମା ଯୋଜନାରେ ଭୁବନେଶ୍ୱରବାସୀ ଦେଇଥିବା ଅତିରିକ୍ତ ରାଶି ଫେରି ପାଇପାରିବେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଏନେଇ ସୋମବାର ଟୁଇଟ୍ କରି ସୂଚନା ଦିଆଯାଇଛି। ଏଥିପାଇଁ ଆସନ୍ତା ୧୦ ତାରିଖ ସୁଦ୍ଧା ବିଏମ୍ସି ଡାଏରୀ ସେକ୍ସନ୍‌ରେ ଆବଶ୍ୟକ ପ୍ରମାଣପତ୍ର ସହ ନିଜେ ହିତାଧିକାରୀ ଆବେଦନ କରିବାକୁ କୁହାଯାଇଛି। ୩୧ ତାରିଖ ସୁଦ୍ଧା ସେମାନଙ୍କୁ ତାଙ୍କ ପୈଠ ରାଶି ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯିବ ବୋଲି ବିଏମ୍ସି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

## ଆମ୍ବେଡକରଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିଅନ୍ତା,୬।୧୨(ଡି.ଏନ୍.ଏ.):** ସମ୍ବିଧାନ ପ୍ରଣେତା ଡ.ଭୀମାରାଓ ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ ଭାଜପା ପକ୍ଷରୁ ସୋମବାର ଧବଳାହାର ଗ୍ରାମସ୍ଥିତ ଶ୍ରୀଜୟଦେବ କ୍ଳବ ସଭାଗୃହରେ ପାଳିତ ହୋଇଯାଇଛି। ବାଲିଅନ୍ତା ମଣ୍ଡଳ ଭାଜପା ସଭାପତତି ସଞ୍ଜୟ ପରିଜା, ବରିଷ୍ଠ ନେତା ଶିବ ମଲ୍ଲିକ, ସନ୍ତୋଷ କୁଣ୍ଡୁ, ସିଦ୍ଧେଶ୍ୱର ନାଥ, ମାନସ ସାହୁ, ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଓ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ।

## କ୍ୟାନ୍ସର ପୀଡ଼ିତାଙ୍କୁ ଓଡ଼ିଶା-ମୋ ପରିବାରର ଚିକିତ୍ସା ସହାୟତା

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** କଟକ ଜିଲା ଆଠଗଡ଼ର ସୁଲୋଚନା ପଟ୍ଟନାୟକ(୪୦) କିଛିଦିନ ହେବ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କ ପାଖରେ ସମ୍ବଳ ନ ଥିଲା। ପରିବାର ଲୋକେ ସହାୟତା ପାଇଁ ବିଜେଡି ଯୁଗ୍ମ ସମ୍ପାଦକ (ଓଡ଼ିଶା-ମୋ ପରିବାର) ସମୀର ପ୍ରଧାନଙ୍କୁ ନିବେଦନ କରିଥିଲେ। ଏହାପରେ ଓଡ଼ିଶା-ମୋ ପରିବାର ତାଙ୍କୁ ଆଠଗଡ଼ରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଇଛି। ସେଠାରେ ତାଙ୍କୁ ମାଗଣାରେ ୧୦ଟି ରାଡିଏସନ୍ ଥେରାପି ଦିଆଯାଇଛି। ଏସବୁ ଚିକିତ୍ସାରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସଞ୍ଚାଳକ ବିକାଶ ବେହେରା ସମସ୍ତ ସାହାଯ୍ୟ କରିଥିଲେ। ଚିକିତ୍ସାଧୀନ ସମୟରେ ତାଙ୍କର ରହିବା ପାଇଁ ଓଡ଼ିଶା-ମୋ ପରିବାର ଦ୍ୱାରା ଏକ ଗେଷ୍ଟହାଉସ୍‌ର ବନ୍ଦୋବସ୍ତ କରିବା ସହ ଆବଶ୍ୟକ ଔଷଧ ଦିଆଯାଇଥିଲା। ରେଡିଏଶନରେ ତାଙ୍କ ସମ୍ପୂର୍ଣ୍ଣ କେଶ ଉପୁଡ଼ିଯାଇଥିବାରୁ ସୋମବାର ଓଡ଼ିଶା-ମୋ ପରିବାର କାର୍ଯ୍ୟାଳୟରେ ଆବାହକଙ୍କ ଦ୍ୱାରା କୋଣାର୍କ କ୍ୟାନସର ଫାଉଣ୍ଡେଶନ ସମନ୍ୱୟରେ ତାଙ୍କୁ ଏକ କୃତ୍ରିମ କେଶ ଦିଆଯାଇଛି। ଏଥିପାଇଁ ସୁଲୋଚନା ଓଡ଼ିଶା-ମୋ ପରିବାରକୁ କୃତଜ୍ଞତା ଜଣାଇଛନ୍ତି।

# ସିସିଟିଭିରେ ଚୋରି ଦୃଶ୍ୟ, ୪ରୁ ଊର୍ଦ୍ଧ୍ୱ ଅଟକ

### ଲକ୍ଷ୍ମୀନାରାୟଣ ଜୁଏଲର୍ସରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଚୋରି ଘଟଣା

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଡେଲ୍‌ଟା ଛକସ୍ଥିତ ଲକ୍ଷ୍ମୀନାରାୟଣ ଜୁଏଲର୍ସର ଶଟର କାଟି ଦୁର୍ବୃତ୍ତମାନେ ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି ଘଟଣାକୁ ଦୁଇଦିନ ବିତିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ସମ୍ପୃକ୍ତ ଗ୍ୟାଙ୍ଗ୍‌କୁ ଠାବ କରିପାରିନି।



ସିସିଟିଭି ଫୁଟେଜ୍‌ରେ କଏଦ ହୋଇଥିବା ଦୃଶ୍ୟ।

ତେବେ ୪ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷରେ ଦୁର୍ବୃତ୍ତମାନେ ଦୋକାନରେ ଲାଗିଥିବା ସିସିଟିଭି ଓ ହାର୍ଡଡିସ୍କକୁ ନେଇଯାଇଥିଲେ ମଧ୍ୟ ନିକଟରେ ଲାଗିଥିବା ଏକ ସିସିଟିଭିରେ ଚୋରି ବେଳର ଦୃଶ୍ୟ କଏଦ ହୋଇଛି। ହେଲେ ଘଟଣା ସମୟରେ ବର୍ଷା ହେଉଥିବାରୁ ଭିଡିଓ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉନାହିଁ। ଉକ୍ତ ଭିଡିଓରୁ ଜଣାପଡୁଛି, ରାତି ୧ଟା ୭ ମିନିଟ୍‌ରେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସିଥିଲେ। ଦୋକାନକୁ ଆଡୁଆଳ କରିବାକୁ ଚଦର ଓ ଗୋଟିଏ ଫ୍ଲେକ୍ସ ବୋର୍ଡ ଟାଙ୍ଗିଥିଲେ। ଏହାପରେ ଚୋରି କରି ଭୋର୍ ୫ଟା ୨୨ରେ ଉଭୟେ ବାଇକରେ ପଳାଇ ଯାଇଥିଲେ। କିନ୍ତୁ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଚୋରି ବେଳେ ବର୍ଷା ହେଉଥିବାରୁ ସିସିଟିଭି ଫୁଟେଜରେ ସନ୍ଦିଗ୍ଧମାନଙ୍କୁ ଚିହ୍ନି ହେଉନାହିଁ। ତେବେ କାହାକୁ ଅଟକ ରଖାଯାଇ ନ ଥିବାବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତମାନେ ଧରାପଡିବେ ବୋଲି ସେ କହିଛନ୍ତି।

ଘଟଣାରୁ ପ୍ରକାଶ, ଜୁଏଲର୍ସ ଦୋକାନ ମାଲିକ ଓମ୍ ପ୍ରକାଶ ସାହୁଙ୍କ ପୁଅ ସନ୍ଦୀପ ରବିବାର ପୂର୍ବାହ୍ନ ୧୧ଟାରେ ଦୋକାନ ଖୋଲିବାକୁ ଗଲାବେଳେ ଶଟର ଆଗରେ ଏକ ବୋର୍ଡ ଢଙ୍କା ହୋଇଥିବା ଦେଖିବାକୁ ପାଇଥିଲେ। ଉକ୍ତ ବୋର୍ଡ କାଢିବା ପରେ ଗେଟ୍, ଶଟର୍ କଟା ହେବା ସହ ଆଗ କାଚ କବାଟ ଭଙ୍ଗା ହୋଇଥିଲା ଦେଖି ଭିତରକୁ ପଶିଥିଲେ। ଚୋରି ହୋଇଥିବା ଜାଣିବା ପରେ ତୁରନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୬୧୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଧାରଣାସ୍ଥଳ ପାଲଟିଲା ମିନାବଜାର



ଲୋୟର ପିଏମ୍‌ଜିରେ ଆନ୍ଦୋଳନକାରୀମାନେ ବିଭିନ୍ନ ଜିନିଷପତ୍ର କିଣିବା ପାଇଁ ଭିଡ଼ ଲଗାଇଛନ୍ତି।

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ବାତ୍ୟା ‘ଜୱାଦ’କୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସର ନିବେଦନ ପରେ ବିଧାନସଭା ସମ୍ମୁଖ ଧାରଣା ସ୍ଥଳରୁ ଅଧିକାଂଶ ଆନ୍ଦୋଳନକାରୀ ଚାଲିଯାଇଥିଲେ। ହେଲେ ବାତ୍ୟ ଟଳିଯିବା ସହ ସ୍ଥିତି ସ୍ୱାଭାବିକା ହୋଇଥିବାରୁ ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଆନ୍ଦୋଳନକାରୀମାନେ ପୁଣି ରାଜଧାନୀକୁ ଆସି ଧାରଣା ଓ ବିକ୍ଷୋଭ କରିଥିଲେ। ଫଳରେ ଲୋୟର ପିଏମ୍‌ଜି ପୁଣି ଚଳଚଞ୍ଚଳ ହୋଇଉଠିଛି। ତେବେ ସୋମବାର ଧାରଣାସ୍ଥଳରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ଆନ୍ଦୋଳନକାରୀଙ୍କ ସଂଖ୍ୟାକୁ ଦେଖି ସେଠାରେ ବିଭିନ୍ନ ଉଠା ଦୋକାନୀମାନେ ପସରା ମେଲି ବସିଥିଲେ। ଆନ୍ଦୋଳନକାରୀମାନେ ଦଳଦଳ ହୋଇ ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମଜି ଓ ଆଖପାଖ ଅଞ୍ଚଳରେ ବୁଲି ବୁଲି କିଣାକିଣି କରୁଥିବା ଦୃଶ୍ୟ ମୀନା ବଜାରର ଭ୍ରମ ସୃଷ୍ଟି କରୁଥିଲା। ଆନ୍ଦୋଳନକାରୀମାନେ ବିଶେଷ କରି ଫଳ, ବାରମଜା, ଦହିବରା, ଗୁପ୍‌ଚୁପ୍ ଖାଇବାକୁ ପସନ୍ଦ କରିଥିବାବେଳେ ଦୋକାନ ଚାରିପଟେ ଘେରିଯାଇ ଖିଆପିଆ ସହ ଖୁସି ଆସର ଜମାଇଥିଲେ। ସେହିପରି ଶାଢୀ, ଶୀତ ବସ୍ତ୍ର, ଶୃଙ୍ଗାର ସାମଗ୍ରୀ, ଖେଳନା ଆଦିକୁ ଫୁରୁସତରେ ବିକ୍ଷୋଭକାରୀ କିଣି ନେଉଥିଲେ। ଫଳରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେବା ସହ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କରୋନା ନିୟମ ବି ଉଲ୍ଲଂଘନ ହେଉଥିଲେ ମଧ୍ୟ କହିବାକୁ କେହି ନ ଥିଲେ। ଜଣେ ବ୍ୟବସାୟୀ ନାମ ଗୋପନରଖି କହିଛନ୍ତି, ଦି’ ପଇସା ରୋଜଗାର କରିବାକୁ ଆମେ ଏପଟେ ସେପଟେ ବୁଲି ବିକିବା ଲୋକ। ଯେଉଁଠି ଗହଳି ଦେଖିବୁ ଅଟକିବୁ। ବେପାର ହେଉଛି ବୋଲି ଅଛୁ, ପୋଲିସ ଗୋଡାଇଲେ ପଳେଇବୁ। ସେ ଯାହା ବି ହେଉ ଏହି ଛୋଟିଆ ମୀନାବଜାର ବିକ୍ଷୋଭକରୀଙ୍କୁ ନିଜ ଦାବିଜନିତ ଜଞ୍ଜାଳରୁ ଟିକିଏ ଖୁସି ଆଉ ନୂତନ ଅନୁଭୂତି ଦେଇଥିଲା।

## ‘କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଦିଆଯାଉ’

ଭୁବନେଶ୍ୱର,୬।୧୨(ବ୍ୟୁରୋ)

### କୃଷି ସଚିବଙ୍କୁ କିଷାନ କଂଗ୍ରେସର ଦାବିପତ୍ର

ବାତ୍ୟାଜନିତ ବର୍ଷା ଓ ପବନରେ ଲକ୍ଷ ଲକ୍ଷ ହେକ୍ଟର ଜମିରେ ପାଚିଲା ଧାନ ନଷ୍ଟ ହୋଇଛି। ଚାଷୀଙ୍କୁ ଶୀଘ୍ର କ୍ଷୟକ୍ଷତି ସହାୟତା ପ୍ରଦାନ କରିବାକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଦାବି କରିଛି। ଏନେଇ କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୃଷି ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ସୋମବାର ରାଜ୍ୟ କୃଷି ଭବନଠାରେ ସାକ୍ଷାତ କରି ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଫସଲ କ୍ଷୟକ୍ଷତିର ଠିକ୍ ଆକଳନ, ପ୍ରତି ଗୁଣ୍ଠ ପିଛା ୩ ହଜାର କିମ୍ବା ଏକର ପିଛା ୫୦ ହଜାର ଟଙ୍କା ଆର୍ଥିକ ସହାୟତା, ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯାଉଥିବା ପ୍ରଚଳିତ କୃଷି ଇନପୁଟ୍ ସହାୟତା ୩ ଗୁଣା ବୃଦ୍ଧି, ସମସ୍ତ ଚାଷୀଙ୍କ କୃଷିଋଣ ଛାଡ଼ କରିବା ସହିତ ବିନା ସୁଧରେ ରବି ଚାଷ ପାଇଁ କୃଷିଋଣ ଯୋଗାଣ, ଜଳକର, ଚାଷ କାର୍ଯ୍ୟପାଇଁ ବ୍ୟବହୃତ ବିଜୁଳି ଶୁଳ୍କ ଛାଡ଼, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସର୍ତ୍ତାବଳୀ ଅନୁଯାୟୀ ଚାଷୀଙ୍କୁ ଅଗ୍ରିମ କ୍ଷତିପୂରଣ, ଚଳିତ ରବି ଚାଷ ପାଇଁ ମାଗଣାରେ ବିଭିନ୍ନ ପ୍ରକାର ବିହନ, ମଞ୍ଜି, ସାର, କୀଟନାଶକ ଔଷଧ ଓ ୯୦ ପ୍ରତିଶତ ରିହାତିରେ କୃଷି ଯନ୍ତ୍ରପାତି, ସ୍କୁଲ, କଲେଜ ପଢୁଥିବା ଚାଷୀଙ୍କ ପିଲାଙ୍କଠାରୁ ସମ୍ପୂର୍ଣ୍ଣ ଦେୟ ଛାଡ଼ ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

## ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାରଙ୍ଗ,୬।୧୨(ଡି.ଏନ୍.ଏ.)

ବାରଙ୍ଗସ୍ଥିତ ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସୋମବାର ଆରମ୍ଭ ହୋଇଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ନାମେଣ୍ଟକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ୫ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ଗ୍ରାମାଞ୍ଚଳ ମ୍ୟାଚରେ ବାବା ବାଞ୍ଛାମଣି କ୍ଲବ ଟାଙ୍ଗିବନ୍ତ ଦଳ ୫-୪ ଟ୍ରାଇବ୍ରେକରରେ ଜୟ ତାରିଣୀ କ୍ଲବ ଗୋପାଳପୁରକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ବରାହିପୁର ଦଳ୧-୦ ଗୋଲରେ ନରଣପୁରକୁ ହରାଇଥିଲା। ତୃତୀୟ ମ୍ୟାଚରେ ପ୍ରତାପନଗରୀ ଦଳ ୪-୫ ଟ୍ରାଇବ୍ରେକର ମାଧ୍ୟମରେ ଉସୁମା ଦଳକୁ ହରାଇଥିଲା। ଚତୁର୍ଥ ମ୍ୟାଚ ଗବସ୍ତ ଦଳ ସହ ମଇନ୍ଦିପୁର ମଧ୍ୟରେ ହୋଇଥିଲା। କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକର ଦ୍ୱାରା ବିଜେତା ବଛାଯାଇଥିଲା। ଏଥିରେ ୬-୫ ଟ୍ରାଇବ୍ରେକରରେ ମଇନ୍ଦିପୁରକୁ ହରାଇ ଗବସ୍ତ କ୍ୱାର୍ଟରଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ସହରାଞ୍ଚଳ ମ୍ୟାଚରେ ଜଗା ୟୁନାଇଟେଡ କ୍ଲବ ୫-୪ ଟ୍ରାଇବ୍ରେକରରେ ଢେଙ୍କାନାଳ ପପୁଲର କ୍ଲବକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଉଦ୍‌ଘାଟନୀ ମ୍ୟାଚରେ ଗଣ୍ଡରପୁର ଗ୍ରାମର ମୁରବି ଅନ୍ତର୍ଯାମୀ କୁଅଁର, ଉମାକାନ୍ତ ହାତୀ, ବସନ୍ତ ସାସମଲ, ମୁରବି ବସନ୍ତ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ପର୍ଶୁରାମ ଦ୍ୱିବେଦୀଙ୍କୁ ‘ଜୟୀ ରାଜଗୁରୁ ସ୍ମୃତି ସମ୍ମାନ’

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବୀର ଜୟୀ ରାଜଗୁରୁଙ୍କ ୨୧୫ତମ ବଳିଦାନ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଏଜି ଛକରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ପୂର୍ଣ୍ଣନ୍ୟାସର ସଭାପତି ପର୍ଶୁରାମ ଦ୍ୱିବେଦୀଙ୍କୁ ‘ଜୟୀ ରାଜଗୁରୁ ସ୍ମୃତି ସମ୍ମାନ’ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲାପାଳ ଦେବରାଜ ସେନାପତି, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଭାଷାବିତ୍ ସୀତାବଲ୍ଲଭ ମହାପାତ୍ର, ରମେଶଚନ୍ଦ୍ର ପାତାଳସିଂହ ପ୍ରମୁଖ ଯୋଗଦେଇଥିଲେ। ଅଭିଯାନର ସଂଯୋଜକ ନାରାୟଣ ଓଝା ଧନ୍ୟବାଦ ଦେଇଥିଲେ।

## ଆମ୍ବେଡକରଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର୍. ଆମ୍ବେଡକରଙ୍କ ଶ୍ରାଦ୍ଧଦିବସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର ଏଜି ଛକସ୍ଥିତ ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ପଟ୍ଟନାୟକଙ୍କ ସମେତ ଶରତ ପଟ୍ଟନାୟକ, ଜୟଦେବ ଜେନା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ବିସ୍ମୟ ମହାପାତ୍ର, ହଳଧର ସେଠୀ, ଜ୍ୟୋତିଷ ସାହୁ, ଦୀପକ କୁମାର ମହାପାତ୍ର, ମିହିର ଆଚାର୍ଯ୍ୟ ପ୍ରମୁଖ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ପରେ ପିସିସି କାର୍ଯ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

## ଓସିଏଲ୍ ଜମି ଅଧିଗ୍ରହଣ ବିରୋଧରେ ଆଦିବାସୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ଓଡ଼ିଶା ସିମେଣ୍ଟ ଲିମିଟେଡ୍ (ଓସିଏଲ) ପକ୍ଷରୁ ବେଆଇନ ଭାବେ ଜମି ଅଧିଗ୍ରହଣ କରୁଥିବା ଅଭିଯୋଗ ଆଣି ଏହା ବିରୋଧରେ ରାଜଭବନ ସମ୍ମୁଖରେ ଆଦିବାସୀମାନେ ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନକୁ ପ୍ରଦେଶ ଯୁବ କଂଗ୍ରେସ ସମର୍ଥନ କରିବା ସହ ସୋମବାର ଧାରଣାରେ ସାମିଲ ହୋଇଛି। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଓସିଏଲ କମ୍ପାନୀ ଓ ଜିଲା ପ୍ରଶାସନର ମନମାନିକୁ ତୀବ୍ର ନିନ୍ଦା କରି କହିଛନ୍ତି, ସୁନ୍ଦରଗଡ଼ ଜିଲାର କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ ଅଧୀନ ୫ଟି ପଞ୍ଚାୟତରୁ ଓସିଏଲ ବେଆଇନ ଭାବେ ଜମି ଅଧିଗ୍ରହଣ କରୁଛି। ଗ୍ରାମସଭାରେ ଜମିଅଧିଗ୍ରହଣ ପ୍ରସ୍ତାବ ନାକଚ ହୋଇଯିବା ସତ୍ତ୍ୱେ ଜିଲା ପ୍ରଶାସନ ଓ ଓସିଏଲ୍ କର୍ତ୍ତୃପକ୍ଷ ଜାଲ୍ ଦସ୍ତାବିଜ୍ ପ୍ରସ୍ତୁତ କରି ଜମି ଅଧିଗ୍ରହଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ସହ ମୁଖ୍ୟମନ୍ତ୍ରୀ ନିଜେ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ସେ ଦାବି ଜଣାଇଛନ୍ତି। ଧାରଣାରେ ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଆଲବର୍ଟ କିଣ୍ଡୋ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ଆଦିତ୍ୟ ପ୍ରସାଦ ପରିଡ଼ା, ବିଶ୍ୱଜିତ ଲେଙ୍କା, ସୌଭାଗ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ସହଯୋଗୀ ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ନିଜକୁ ଆର୍‌ବିଆଇ ଗଭର୍ଣ୍ଣରଙ୍କ ଭ୍ରାଇଁ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିଚୟ ଦେଇ କୋଲକାତାର ଜଣେ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟଙ୍କଠାରୁ ୩ କୋଟି ୩୫ ଲକ୍ଷ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଜ୍ଞା ପ୍ରକାଶ ନାୟକ (୪୨) ଶନିବାର ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣି ଏହି ହାଇପ୍ରୋଫାଇଲ୍ ଠକେଇ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ କୋର୍ଟରେ ଆବେଦନ କରିଛି। ତେବେ ଗିରଫ ପରେ ପ୍ରଜ୍ଞାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ପୋଲିସ ଟିମ୍ ସୋମବାର କାନନବିହାର ଫେଜ୍-୧ସ୍ଥିତ ଏକ ଚାର୍ଟାର୍ଡ ଫାର୍ମରେ ଚଢ଼ାଉ କରିଥିଲା। ସେଠାରୁ କମ୍ପ୍ୟୁଟର, ହାର୍ଡଡିସ୍କ ସହ କେତେକ କାଗଜପତ୍ର ଜବତ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ତେବେ ଏନେଇ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ମଙ୍ଗଳବାର ଅଭିଯୁକ୍ତ ପ୍ରଜ୍ଞାଙ୍କ ରିମାଣ୍ଡ ଆବେଦନର ଶୁଣାଣି ହେବାର ଅଛି। ସେ ରିମାଣ୍ଡରେ ଆସିବା ପରେ ତାଙ୍କଠାରୁ ଅଧିକ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି। ତେବେ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ଦିଗକୁ ନେଇ ପୋଲିସର ତଦନ୍ତ ଓ ଚଢାଉ ଜାରି ରହିଛି ବୋଲି ସେ କହିଛନ୍ତି।

### ୩.୩୫ କୋଟି ଠକେଇ: ନକଲି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଗିରଫ ଘଟଣା

ମିଳିଥିବା ସୂଚନାନୁସାରେ, କୋଲକାତା ଲେକ୍ ଟାଉନ ଥାନା ଅଞ୍ଚଳର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୈକତ କୁମାରଙ୍କ ଦୁବାଇରେ ଏକ ଚାର୍ଟାର୍ଡ଼ ଫାର୍ମ ଥିଲା। କୋଭିଡ୍ କାରଣରୁ ଫାର୍ମ ବନ୍ଦ ହୋଇଗଲା। ଏହି ସମୟରେ ଦୁବାଇରେ ଅଭିଯୁକ୍ତ ପ୍ରଜ୍ଞାଙ୍କ ଜଣେ ବନ୍ଧୁ ସେଠାରେ ରହୁଥିଲେ। ସେ ସୈକତଙ୍କ ସହ ପରିଚିତ ଥିବାରୁ ଭୁବନେଶ୍ୱରରେ ଏକ ଫାର୍ମ କରାଇଦେବେ ବୋଲି କହିଥିଲେ। ଏଥିସହ କିଛିଦିନ ପରେ ସେ ସୈକତଙ୍କୁ ଭୁବନେଶ୍ୱର ଆଣି ପ୍ରଜ୍ଞାଙ୍କ ସହ ଭେଟ କରାଇଥିଲେ। ପ୍ରଜ୍ଞା ନିଜକୁ ଜଣେ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ଓ ଆର୍‌ବିଆଇ ଗଭର୍ଣ୍ଣରଙ୍କ ଭ୍ରାଇଁ ବୋଲି ପରିଚୟ ଦେଇଥିଲେ। ତାଙ୍କର ଲିଙ୍ଗରାଜ ଥାନା ଅଞ୍ଚଳରେ ‘ପିଫୋର୍ ଆସୋସିଏଟ୍ ଏଲ୍ଏଲ୍‌ପି’ ନାମକ ଏକ ଫାର୍ମ ଥିବା କହିଥିଲେ। ଏହି ଫାର୍ମର ୫୦ ପ୍ରତିଶତ ଭାଗିଦାରି ହେବାକୁ ସେ ସୈକତଙ୍କୁ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ସମୁଦାୟ ୩ କୋଟି ୩୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ପରେ ସୈକତ ଦୁବାଇର ଏକ ବ୍ୟାଙ୍କର ୩ କୋଟି ୫୦ ଲକ୍ଷ ଟଙ୍କାର ସିକ୍ୟୁରିଟି ଚେକ୍ ପ୍ରଜ୍ଞାଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରଥମେ ୧କୋଟି ୨୫ ଲକ୍ଷ ଟଙ୍କା ଆର୍‌ଟିଜିଏସ୍ ଜରିଆରେ ଓ ପରେ ୧କୋଟି ୧୦ଲକ୍ଷ ଟଙ୍କା କ୍ୟାଶ ଦେଇଥିଲେ। କିଛିଦିନ ପରେ ଫାର୍ମରେ କୌଣସି କାର୍ଯ୍ୟ ନ ହେବାରୁ ସୈକତ ଚିନ୍ତାରେ ପଡ଼ିବା ସହ ପ୍ରଜ୍ଞାଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେ ଧରାଛୁଆଁ ନ ଦେଇ ନାନା ବାହାନାରେ ସମୟ ଗଡ଼ାଇ ଚାଲିଥିଲେ। ଶେଷରେ ସୈକତ ଠକାମିର ଶିକାର ହୋଇଥିବା ଜାଣିବା ପରେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ଗତ ୫ ତାରିଖରେ ପ୍ରକାଶିତ ଏହି ଘଟଣା ସମ୍ପର୍କିତ ଖବରରେ ଭୁଲ୍ ବଶତଃ ନକଲି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିବର୍ତ୍ତେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶୀର୍ଷକ ଖବର ପ୍ରକାଶ ପାଇଥିଲା, ଯାହାକି ଉଦ୍ଦେଶ୍ୟ ବିହୀନ ଥିଲା।




କ୍ୟାନ୍ସର ପୀଡ଼ିତା କଟକ ଜିଲା ଆଠଗଡ଼ର ସୁଲୋଚନା ପଟ୍ଟନାୟକଙ୍କୁ ଓଡ଼ିଶା-ମୋ ପରିବାର ପକ୍ଷରୁ ଆବଶ୍ୟକ ଚିକିତ୍ସା ସହାୟତା ପରେ କୃତ୍ରିମ କେଶ ପ୍ରଦାନ କରାଯାଉଛି।




କଟକ ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଅନୁଷ୍ଠିତ ପଦ୍ମଭୂଷଣ ରାଧାନାଥ ରଥଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ମୁଖ୍ୟ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।




ଓସିଏଲ୍ ବେଆଇନ ଭାବେ ଜମି ଅଧିଗ୍ରହଣ କରୁଥିବା ଅଭିଯୋଗ ଆଣି ଭୁବନେଶ୍ୱର ରାଜଭବନ ସମ୍ମୁଖରେ ସୋମବାର ଧାରଣାରେ ବସିଥିବା ଆଦିବାସୀଙ୍କୁ ଯୁବ କଂଗ୍ରେସ ନେତାମାନେ ସମର୍ଥନ ଦେଉଛନ୍ତି।

**ପ୍ରଥମ ପୃଷ୍ଠାରୁ**

## ହକ୍ ନ ମିଳିଲେ...

ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଅଙ୍ଗନୱାଡ଼ି କର୍ମୀମାନେ ଆନ୍ଦୋଳନରୁ ଉଠିଥିଲେ। ଆସୋସିଏଶନର ସାଧାରଣ ସମ୍ପାଦକ ଝୁନୁପମା ଶତପଥୀ କହିଛନ୍ତି, ଆଲୋଚନାରେ କେତେକ ଦାବିକୁ ସରକାର ମାନି ନେଇଛନ୍ତି। ଖୁବ୍‌ଶୀଘ୍ର ତାହାକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ନିର୍ଦ୍ଧାରିତ ସମୟ ଭିତରେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ। ପଞ୍ଚାୟତ, ବ୍ଲକ ସ୍ତରରେ ଧାରଣା ଦେବୁ। ବିଧାୟକଙ୍କ ଘର ଘେରିବୁ। ଯେକୌଣସି ପରିସ୍ଥିତିରେ ବି ସରକାରଙ୍କଠାରୁ ଆମେ ଆମ ଦାବି ଛଡ଼ାଇ ନେବୁ ବୋଲି ସେ କହିଛନ୍ତି।

## ଜେନମ ସିକ୍ୱେନ୍ସିଂ...

ବିଦେଶରୁ ଆସିଥିବାରୁ ସେମାନଙ୍କଠାରେ ଓମିକ୍ରନ୍ ଚିହ୍ନଟ ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟ ଆସିବା ପରେ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତ ପ୍ରବେଶ କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ସେପଟେ ବିଦେଶରୁ ଫେରିଥିବା ୪୦ ପ୍ରତିଶତଙ୍କ ଖବର ମିଳୁନାହିଁ। ଯାଞ୍ଚବେଳେ ବହୁ ଯାତ୍ରୀ ଭୁଲ୍ ଠିକଣା, ଏପରିକି ବିଦେଶର ଠିକଣା ଦେଇଥିବାରୁ ଏପରି ସ୍ଥିତି ଉପୁଜିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ଏବେ ସୁଦ୍ଧା ଓମିକ୍ରନ୍ ଚିହ୍ନଟ ରାଷ୍ଟ୍ରରୁ ୮୦୦ରୁ ଅଧିକ ଯାତ୍ରୀ ଓଡ଼ିଶାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩୨୦ଜଣଙ୍କ ପତ୍ତା ମିଳିପାରୁନି। ଏୟାର ସୁବିଧା ପୋର୍ଟାଲରେ ସେମାନେ ଭୁଲ୍ ଫୋନ ନମ୍ବର ଓ ଠିକଣା ଦେଇଥିବା ଯୋଗୁ ସେମାନଙ୍କୁ ଠାବ କରିବା ସମ୍ଭବ ହେଉନାହିଁ। ଉକ୍ତ ପୋର୍ଟାଲରେ ସେଲ୍ଫ ଡିକ୍ଲାରେଶନ ବ୍ୟବସ୍ଥା ଥିବାରୁ ଏମିତିକି ଅନେକ ଯାତ୍ରୀ ଅନ୍ୟ ରାଜ୍ୟର ଠିକଣା ମଧ୍ୟ ଦେଉଛନ୍ତି, ଯାହାକି ବିଦେଶ ଫେରନ୍ତାଙ୍କ ଟ୍ରେସିଂରେ ସମସ୍ୟା ସୃଷ୍ଟି କରୁଛି ବୋଲି ସେ ସୂଚନା ଦେଇଛନ୍ତି। ସେପଟେ ପତ୍ତା ମିଳୁ ନ ଥିବା ଲୋକଙ୍କୁ ଖୋଜିବାକୁ ଯଥାସାଧ ଚେଷ୍ଟା ଚାଲିଥିବାରୁ ଭୟଭୀତ ହେବାର କିଛି ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି।

ଏଣେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଯେହେତୁ ଓମିକ୍ରନ୍ ପାଇଁ ସରକାର ଚିନ୍ତିତ ଅଛନ୍ତି, ଲୋକମାନେ ସହଯୋଗ କରିବା ଦରକାର। ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ଆସି ଟେଷ୍ଟ କରାନ୍ତୁ। ଟେଷ୍ଟ ପରେ ଘରେ ରୁହନ୍ତୁ ବୋଲି ଡା.ମିଶ୍ର ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ରାଜ୍ୟରେ ଟିକାକରଣକୁ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି, ବର୍ଷା ଓ ବାତ୍ୟା ବେଳେ ବି ରାଜ୍ୟରେ ଟିକାକରଣ ଜାରି ରହିଥିଲା। ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକୁ ଛାଡ଼ି ଅନ୍ୟସବୁ ଜିଲାରେ ସବୁଦିନ ଟିକାକରଣ ଚାଲିଥିଲା ବୋଲି ସେ ସୂଚନା ଦେଇଛନ୍ତି।

## ସାଙ୍ଗୀତିକ ଧାରାକୁ...

ହେଉ ଏତିକି ହିଁ ଜୀବନବ୍ୟାପୀ ଚେଷ୍ଟା ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାବାସୀଙ୍କର ଏ ଆଶା ଦିନେ ନିଶ୍ଚୟ ପୂରଣ କରିବେ,ଏଥିରେତିଳେମାତ୍ରସନ୍ଦେହନାହିଁବୋଲିପଣ୍ଡାକହିଛନ୍ତି।

ବରିଷ୍ଠ କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ କହିଛନ୍ତି ଯେ, ମନ୍ତ୍ରୀଙ୍କ ବିବୃତିରେ ସେ ବିବ୍ରତ ନୁହନ୍ତି। ମନ୍ତ୍ରୀଙ୍କ ସହିତ ଯେକେହି କହିଲେ ବି ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ଅକ୍ଷୁଣ୍ଣ ରହିଛି ଓ ରହିଥିବ। ଆମେ କାହାକୁ ହାତପାତିବା ଦରକାର ନାହିଁ। କାରଣ ଓଡ଼ିଶୀ ସଙ୍ଗୀତର ଧାରା ଓ ତାହାର ସାଙ୍ଗୀତିକତା କେବଳ ପ୍ରଚାର ପ୍ରସାରରେ ହିଁ ଉର୍ଦ୍ଧ୍ୱଗାମୀ ହୋଇପାରିବ। ତେଣୁ ଆମେ ଶାସ୍ତ୍ରୀୟତା ପାଇଁ ବିବ୍ରତ ହେବାର କିଛି କାରଣ ନାହିଁ। ଆମ ସରକାର ଆମ କଳାକୁ ଚିହ୍ନିଛନ୍ତି ଓ ଏହାକୁ ଶାସ୍ତ୍ରୀୟ ମାନ୍ୟତା ଦେଇଛନ୍ତି। ତାହା ଆମପାଇଁ ଯଥେଷ୍ଟ। ବରିଷ୍ଠ କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ କହିଛନ୍ତି, କେନ୍ଦ୍ର ପ୍ରଥମେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି କହିଲେ, ଏବେ ଓଡ଼ିଶୀ ସଙ୍ଗୀତକୁ ମନା କରୁଛନ୍ତି। କେନ୍ଦ୍ର ସରକାର ଏକ ପ୍ରକାର ଆମ ଉତ୍କଳୀୟତାକୁ ବିଦ୍ରୁପ କରୁଛନ୍ତି। ଯଦି କେନ୍ଦ୍ର ସରକାର କାହାକୁ ଶାସ୍ତ୍ରୀୟ ମାନ୍ୟତା ଦେଉନାହାନ୍ତି ତେବେ ଭାରତରେ ୮ଟି ଶାସ୍ତ୍ରୀୟ ନୃତ୍ୟ ଓ ୨ଟି ଶାସ୍ତ୍ରୀୟ ସଙ୍ଗୀତ (ହିନ୍ଦୁସ୍ତାନୀ ଓ କର୍ନାଟକୀ) କିପରି ରହିଛି। ଯେଉଁ ଯୁକ୍ତିରେ ସେହି ନୃତ୍ୟ ଓ ସଙ୍ଗୀତକୁ ମାନ୍ୟତା ମିଳିଲା, ଭବିଷ୍ୟତରେ ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାରେ ଅସୁବିଧା କ'ଣ ରହିଛି। ଓଡ଼ିଶୀ ସଙ୍ଗୀତ ଯେ କୌଣସି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ତୁଳନାରେ କମ୍ ନୁହେଁ।

ଅନୁରୂପ ଭାବେ ଗୁରୁ ବିଜୟ ଜେନା କହିଛନ୍ତି, ଯେଉଁ ସଙ୍ଗୀତର ବଳିଷ୍ଠ ଗାୟନ ପରମ୍ପରା ରହିଛି ତାହା ଶାସ୍ତ୍ରୀୟ। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀରେ କୌଣସି ଶାସ୍ତ୍ରୀୟ ଶବ୍ଦର ବ୍ୟବହାର କରାଯାଏ ନାହିଁ। କର୍ନାଟକୀ ଓ ହିନ୍ଦୁସ୍ତାନୀ ସଙ୍ଗୀତକୁ ବିଧିବଦ୍ଧ ଭାବେ ସେପରି କିଛି ମାନ୍ୟତା ମିଳିନାହିଁ। ମାତ୍ର ପ୍ରଚାର ପ୍ରସାର ଫଳରେ ଏହି ସଙ୍ଗୀତ ଲୋକାଭିମୁଖୀ ହେବା ପରେ ଏହାକୁ ଶାସ୍ତ୍ରୀୟ ସଙ୍ଗୀତ ବୋଲି କୁହାଯାଉଛି। ଦେଶରେ ୮ଟି ଶାସ୍ତ୍ରୀୟ ନୃତ୍ୟ ରହିଥିବାବେଳେ ସଙ୍ଗୀତ କେବଳ ହିନ୍ଦୁସ୍ତାନୀ କିମ୍ବା କର୍ନାଟକୀରେ ସୀମିତ ହୋଇ ରହିବା ଉଚିତ ନୁହେଁ। ଭାଷାକୁ ଯେପରି କେନ୍ଦ୍ର ସରକାର ଶାସ୍ତ୍ରୀୟ ମାନ୍ୟତା ଦେଇଛନ୍ତି, ସେହିପରି ସଙ୍ଗୀତରେ ମଧ୍ୟ ପ୍ରୟାସ କରାଯିବା ଦରକାର। ଓଡ଼ିଶୀ ସଙ୍ଗୀତଜ୍ଞ କେଶବ ଚନ୍ଦ୍ର ରାଉତ ନିଜ ମତ ରଖିଛନ୍ତି ଯେ, ଯଦି କେନ୍ଦ୍ର ସରକାର ଶାସ୍ତ୍ରୀୟ ମାନ୍ୟତା ଦେବେ ନାହିଁ, ତେବେ କିଏ ମାନ୍ୟତା ଦେବେ? ପୂର୍ବରୁ ଯେଉଁ ନୃତ୍ୟ ଓ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି ତାହା କିପରି ମିଳିଲା। କେଉଁ ଜରିଆରେ ଅନ୍ୟ ସଙ୍ଗୀତ ଓ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା, ତାହା ଅନୁଧ୍ୟାନ କରିବା ଓଡ଼ିଶା ସରକାରଙ୍କ ଏବେ ମୁଖ୍ୟ ପ୍ରସଙ୍ଗ ହେବା ଦରକାର। ଦ୍ୱାଦଶ ଶତାବ୍ଦୀରୁ ଆମର ସମସ୍ତ ତଥ୍ୟ ଆମେ କେନ୍ଦ୍ରକୁ ପ୍ରଦାନ କରିଛୁ। ଏହାପରେ କେନ୍ଦ୍ର ମାନ୍ୟତା ଦେବାକୁ ମନା କରୁଛି, ଯାହାକି ଉଚିତ୍ ନୁହେଁ ବୋଲି ରାଉତ କହିଛନ୍ତି। ବରିଷ୍ଠ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ କହିଛନ୍ତି, ସେ ଜାଣିବାରେ ସରକାରୀ ସ୍ତରରେ ଶାସ୍ତ୍ରୀୟ ମାନତ୍ୟ ଦିଆଯାଏ ନାହିଁ। ଆମ ସଙ୍ଗୀତକୁ ରାଜ୍ୟ ସରକାର ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି, ତାହା ଆମ ପାଇଁ ଯଥେଷ୍ଟ। ଜାତୀୟ ସ୍ତରରେ କୌଣସି କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତ ପରିବେଷଣ ହେଲେ ଭାଷାଗତ ସମସ୍ୟା ହେବ। ନୃତ୍ୟରେ ସିନା ଅଭିନୟକୁ ଦେଖି ଅନ୍ୟମାନେ ବିଷୟ ବୁଝିଯିବେ, ମାତ୍ର ସଙ୍ଗୀତରେ ତାହା ହେବ ନାହିଁ। କିଏ ଗ୍ରହଣ କରୁ ବା ନ କରୁ, ଆମେ ଜାଣିଛୁ ଓଡ଼ିଶୀ ହେଉଛି ଶାସ୍ତ୍ରୀୟ ସଙ୍ଗୀତ। ଆମ ରାଜ୍ୟର ପ୍ରତି ଜିଲାରେ କିପରି ଏହାର ପ୍ରଚାର ପ୍ରସାର ହୋଇପାରିବ, ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। ଆମ ସଙ୍ଗୀତକୁ ନେଇ ଆମେ ଗର୍ବ କରୁଛୁ।

## ମା' ଚାପୁଡ଼ାରେ...

କରୁଥିବାରୁ ମହିଳା ଜଣକ ୨ବର୍ଷର ଶିଶୁ ପୁତ୍ରକୁ ନେଇ ନିଜ ବାପଘରେ ରହୁଥିଲେ। ୩ ଦିନ ତଳେ ସେ ପୁଅକୁ ଖୁଆଉଥିଲେ। ଖାଇବା ବେଳେ କୌଣସି କାରଣରୁ ଶିଶୁପୁତ୍ରଟି ଜିଦ୍ ଧରି କାନ୍ଦୁଥିଲା। ଏଥିରେ ବିରକ୍ତ ହୋଇ ପୁଅକୁ ମା' ଏକ ଚାପୁଡ଼ା ମାରିଥିଲେ। ଫଳରେ ଘଟଣାସ୍ଥଳରେ ପୁଅର ମୃତ୍ୟୁ ଘଟିଥିଲା। ମହିଳା ଜଣକର ମାନସିକ ବିକୃତି ଥିବା ଓ କିଛି ଜାଣି ନଥିବା ପରିବାର ଲୋକ କହିଛନ୍ତି। ଏ ନେଇ କବିସୂର୍ଯ୍ୟନଗର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ପ୍ରଭାତ କୁମାର ସାହୁ କହିଛନ୍ତି। ଶିଶୁଟି ଅସୁସ୍ଥ ଥିଲା, ଛାତିରେ ଯନ୍ତ୍ରଣା ପରେ ତା'ର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ କହିଥିବା ଆଇଆଇସି ସୂଚନା ଦେଇଛନ୍ତି।

## 'ଦାବି ପୂରଣ...

ହେବା ସହିତ ସେମାନଙ୍କୁ କଷ୍ଟ ଦେଇଛି। ପାଇକ ବିଦ୍ରୋହ ଅଷ୍ଟମ ଶ୍ରେଣୀର ଇତିହାସ ପାଠ୍ୟପୁସ୍ତକରେ କେବଳ ଏକ କେସ୍ ଷ୍ଟଡି ଭାବେ ସ୍ଥାନ ପାଇବ, ଯାହାକି ୧୮୫୭ କାର୍ଯ୍ୟକ୍ରମ ସହିତ ଜଡ଼ିତ ହେବ। ଏଥିସହିତ ପାଇକ ବିଦ୍ରୋହକୁ କେବଳ ୧୮୫୭ର ଏକ ପାଦଚିହ୍ନ ଭାବେ ଉପସ୍ଥାପନ କରାଯିବ। ଓଡିଶାର ଜନପ୍ରତିନିଧି ଭାବେ ଦେଶ ଓ ବିଦେଶର ଓଡ଼ିଆଙ୍କ ଠାରୁ ଶହ ଶହ ଫୋନ୍‌କଲ୍ ମିଳୁଛି, ଯେଉଁଥିରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରକୁ ଓଡିଶାର ସମୃଦ୍ଧ ଇତିହାସ ଏବଂ ସଂସ୍କୃତି ପ୍ରତି ଅପମାନ ରୂପେ ବିଚାର କରାଯାଉଛି ବୋଲି ଏମ୍‌ପିମାନେ କହିଛନ୍ତି ।

ଉକ୍ତ ଦାବିପତ୍ରରେ ଭାରତ ସରକାର ତୁରନ୍ତ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଭାବେ ଘୋଷଣା କରିବା ଉଚିତ ଏବଂ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ମତକୁ ମଧ୍ୟ ବିଚାର କରିବା ଦରକାର ବୋଲି ଏମ୍‌ପିମାନେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୧୮୧୭ ମସିହାରେ ପାଇକ ବିଦ୍ରୋହ ଘଟିଥିଲା, ଯାହା ବ୍ରିଟିଶ ଶାସନ ବିରୋଧରେ ଭାରତର ପ୍ରଥମ ସଙ୍ଗଠିତ ସଶସ୍ତ୍ର ବିଦ୍ରୋହ ଥିଲା। ଏହା ଭାରତ ପାଇଁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଥିଲା, ଯାହାକି ୧୮୫୭ର ବିଦ୍ରୋହର ୪୦ ବର୍ଷ ପୂର୍ବରୁ ହୋଇଥିଲା। ଏହି ଯୁଦ୍ଧ ଓଡ଼ିଶାର ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିଲା। ପାଇକ ବିଦ୍ରୋହ ଭାରତର ଲୋକଙ୍କୁ ଶକ୍ତି ପ୍ରଦାନ ତଥା ସଙ୍ଗଠିତ କରିବାରେ ବାଟ ଦେଖାଇଥିଲା। ୧୮ ଜୁଲାଇ ୨୦୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ମନ୍ତ୍ରିମଣ୍ଡଳ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ବୋଲି ଘୋଷଣା କରିବା ପାଇଁ ଏକ ସଂକଳ୍ପ ପାରିତ କରିଥିଲା।

## ରେକର୍ଡ ବିଜୟ...

ଇନିଂସ ଶେଷ ହୋଇଯାଇଥିଲା। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ଜୟନ୍ତ ୪ଟି ଲେଖାଏ ଏବଂ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ଏହି ଅବସରରେ ଅଶ୍ୱିନ ଭାରତ ମାଟିରେ ୩୦୦ ଟେଷ୍ଟ ଉଇକେଟ ପୂରଣ କରିଥିଲେ। ଅନିଲ କୁମ୍ବଲେଙ୍କ ପରେ ଦ୍ୱିତୀୟ ଭାରତୀୟ ବୋଲରଭାବେ ଅଶ୍ୱିନ ଘରୋଇ ପରିବେଶରେ ୩୦୦ ଉଇକେଟ ନେବାର ସୌଭାଗ୍ୟ ପାଇଥିଲେ। ତେବେ ଘରୋଇ ପରିବେଶରେ ଦ୍ରୁତ ୩୦୦ ଉଇକେଟ ନେବାରେ କୁମ୍ବଲେଙ୍କୁଟପିଯାଇଥିଲେ ଅଶ୍ୱିନ। କୁମ୍ବଲେ ୫୨ ଟେଷ୍ଟରେ ୩୦୦ ଉଇକେଟ ପୂରଣ କରିଥିବାବେଳେ ଅଶ୍ୱିନ ୪୯ ଟେଷ୍ଟରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଏହି ତାଲିକାରେ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଆଗରେ ରହିଛନ୍ତି। ସେ ୪୮ଟି ଟେଷ୍ଟରୁ ୩୦୦ ଉଇକେଟ ପୂରଣ କରିଥିଲେ। ଦ୍ୱିତୀୟ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୩୨୫ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ୬୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଫଲୋଅନ୍ ନ ଡାକି ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ୨୭୬/୭ରେ ଇନିଂସ ଘୋଷଣା କରିଥିଲା। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୧୬୭ ରନରେ ସମସ୍ତ ଉଇକେଟ ହରାଇଥିଲା।

---

## OFFICE OF THE NOTIFIED AREA COUNCIL CHANDBALI, BHADRAK

**e-Procurement Notice**

Tender Call Notice No.- 2730/CN-05-2021-22/Date- 04.12.2021

No.C-1498:-

| | | |
|---|---|---|
| 1. | Name of the Work | : Individual Civil Construction works as published the website. |
| 2. | No of works put to tender | : 32 Nos. individual works |
| 3. | Estimated cost | : Rs.2.00 lakh upto 20.00 Lakh |
| 4. | Period of completion | : 45 Days |
| 5. | Date and time of availability | : from 11.00 hours of Dt.08.12.2021 to 17.30 of Dt. of bid document in the portal Dt.20.12.2021 |
| 6. | Last date/Time for receipt of bids | : 17.30 hours of Dt.20.12.2021 |
| 7. | Submission of Original Document | : 21.12.2021 during office hour |
| 8. | Date and time of opening of bid | : 11.00 hours of Dt.22.08.2021 |
| 9. | Name and address of the Officer Inviting Bid | : Executive Officer, Chandbali NAC, Chandbali |

Further details can be seen from the e-procurement portal https://tendersorissa.gov.in

OIPR-13129/11/0008/2122 Sd./- Executive Officer, Chandbali NAC

## DIRECTORATE OF MEDICAL EDUCATION & TRAINING, ODISHA

**3rd Batch Competency Based Evaluation in Ultrasonography, 2021**

No.15917 dt.06.12.21

No.E-699:- Theory Examination for Competency Based Evaluation (Ultrasonography), 2021 Shall be held on 22.12.2021 as per the following schedule.

**Date : 22.12.2021**
**Venue : Conference Hall of the DHS(O), GF**
**Time : 11.00 AM to 1.00 PM**

Details of Practical Examination shall be notified in due time. All the candidates applied for CBE 2021, are requested to reach the Venue, 1 Hr before commencement of the Examination.

**Sd./- Addl. Director Medical Education & Training, Odisha**

OIPR-10016/11/0023/2122

## ZILLA SWASTHYA SAMITI, MAYURBHANJ

Office of the CDM & PHOcum-District Mission Director, NHM, Mayurbhanj, Odisha, 757001

Advt. No.12261/NHM/2021 Dt.04.12.21

**CORRIGENDUM**

No.E-700:- With reference to the advertisement No 11389 published on Dt.17.11.2021 in Daily Odia newspaper the Pragatvadi & Dharitri and corrigendum notice No. 12174 published on dated 01.12.2021 in Daily Odia newspaper the Pragativadi & Dharitri for supply & installation of Ultrasound Machine under ZSS Mayurbhanj, the tender document can be downloaded from the website **www.mayurbhanj.nic.in**. The last date for submission of the bid is hereby extended up to 13.12.2021 at 01.00 PM and the bid will be opened on the same day at 04.00 PM. All other terms and conditions of the tender shall remain unchanged.

**Sd./- CDM & PHO cum District Mission Director, Mayurbhanj**

OIPR-10020/11/0028/2122

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

No.O-1228

jajpurrwd@yahoo.com

Letter No.5667 /Date 04.12.2021

**'E' PROCUREMENT NOTICE NO. Tender Online 09 JJPT of 2021-22**

1. **Name of work : Road Works**
2. **Total No. of Work : 7 Nos. Work**
3. **Estimated Cost (Approx.) : 7.95 Lakhs to 30.45 Lakhs**
4. **Period of Completion : 1 Month**
5. **Class of contractors : B, C & D**

**Other details as follows:**

a) Procurement officer : Superintending Engineer, Rural Works Division, Jajpur
b) Availability of tender online & submission of bid : 08.12.2021 at 11.00 AM to 18.12.2021 upto 5.00 P.M.
c) Last date & time of seeking of tender clarification : 18.12.2021 up to 1:00 PM
d) Opening of Tender : 20.12.2021 at 11.30 A.M.

Further details can be seen from the Govt. website at www.tendersodisha.gov.in

**Sd./- Superintending Engineer, Rural Works Division, Jajpur**

OIPR-25047/11/0014/2122

## ODISHA PUBLIC SERVICE COMMISSION

**ADVERTISEMENT NO. 22 OF 2021-22**

**NOTICE**

**No.8856/PSC, Dt.6.12.21**
**(DR-IV) (2PL-01-2021-22)**

**Corrigendum To Advertisement No.18 of 2021-22 for recruitment to the post of Insurance Medical Officer in Group-A (Junior Branch)**

**No.D-226:**- It is hereby informed for all concerned that there is now no vacancy against **"Ex-Servicemen"** Category against "01" advertised earlier and vacancy position for PWD Category is now revised to 03 against 02 advertised.

All other terms and conditions of the Advertisement shall remain unchanged.

OIPR-12002/11/0161/2122 **Sd./- Secretary**

## GOVERNMENT OF ODISHA
## INVITATION FOR BIDS (IFB)

No. B-756

**'e' PROCUREMENT NOTICE**

**Bid Identification No. S.E. JSPR (R&B) - 11/2021-22**

1. Name of work : Road & Building works for the year 2021-22
2. No. of works : Total - 03 (Three) Nos. works
3. Estimated Cost : Above Rs.05.00 lakhs upto Rs.80.00 lakhs (Approx.)
4. Period of Completion : As per Column No. 8 of this NIT
5. Class of Contractors : As per Column No. 7 of this NIT

Other details as follows:

6. Date & time of availability of bid documents in portal : 08.12.2021 at 11.30 A.M.
7. Last date/time for receipt of bids in portal : 22.12.2021 upto 05.00 P.M.
8. Opening of Bid documents : 23.12.2021 at 11.30 A.M.
9. Procurement Officer : Superintending Engineer, Jagatsinghpur (R&B) Division, Jagatsinghpur With

E-Mail address : **eerbjspr@gmail.com**

Further details can be seen from the Govt. website **tendersorissa.gov.in**.

**Sd./- Superintending Engineer Jagatsinghpur (R&B) Division**

OIPR-34093/11/0012/2122

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-II, KENDRAPARA

No.O-1216

eerw_kendraparat@yahoo.co.in

**'E' PROCUREMENT NOTICE NO.RWD-II/KPD-10/21-22 DTD 03.12.2021**

1. Name of work : Road works in the District of Kendrapara for the year 2021-22.
2. Total No. of Work : 1 No. of road
3. Estimated Cost : Rs. 61.88 Lakhs (Approx.)
4. Period of Completion : 1 (One) Months
5. Class of contractors : A & B Class

**Other details as follows:**

a) Procurement officer : Superintending Engineer, Rural Works Division-II, Kendrapara
b) Availability of tender online & submission of bid : 07.12.2021 at 11:00 AM to 13.12.2021 up to 5:00 PM
c) Last date & time of seeking of tender clarification : 10.12.2021 up to 5:00 PM
d) Opening of Technical Bid : 14.12.2021 at 11.00 A.M.
e) Opening of Financial Bid : 16.12.2021 at 11.00 A.M.

Further details can be seen from the Govt. website www.tendersorissa.gov.in

**Sd./- Superintending Engineer, Rural Works Division-II, Kendrapara**

OIPR-25098/11/0011/2122

## DISTRICT RURAL DEVELOPMENT AGENCY, BARGARH

**No. DRDA/4427** **Date: 03.12.2021**

**EXPRESSION OF INTEREST**

No. CAD-2167: The Expression of Interest (EoI) is invited from the interested registered NGOs/CSOs who will be engaged for a partnership with district administration to arrest distress migration in 4 migration prone blocks namely **Padampur, Paikmal, Jharbandh and Gaisilet Blocks of Bargarh district**. The details of eligibility criteria, Scope of work, Deliverables, Role and Responsibility, selection procedure of NGOs/CSOs & others particulars are uploaded in the District website (**https://bargarh.nic.in**) for necessary information. The interested NGOs/CSOs, fulfilling the eligibility criteria may submit their Expression of Interest (EoI) along with all supportive documents to the **Project Director, DRDA, Bargarh, At: Subash Nagar, P.O./Dist.- Bargarh, Odisha, PIN - 768028 by 13.12.2021 (till 4.00 P.M.) through by Speed Post/Regd. Post/ Courier Service)** and the same will be opened on 13.12.2021 at 05.00 P.M. in the DRDA Conference Hall, Bargarh in the presence of the Selection Committee & Representative of NGOs./CSOs. The sealed envelope containing the EoI must be superscribed on the top of the envelope as **"Expression of Interest (EoI) for Partnership of NGOs/CSOs with district administration to arrest distress migration in ____________ blocks of Bargarh district".** Any modification, alternation and date of extension, if so required will be intimated through the above district website only. The authority reserves the right to cancel any part or the entire proposal of EoI without assigning any reason thereof.

**Sd./- Project Director, DRDA, Bargarh**

**OIPR-19133/11/0008/2122**

## BHUBANESWAR MUNICIPAL CORPORATION

E-Mail Id-ae-elect@bmc.gov.in and sethyshyamsundar@gmail.com

**E-PROCUREMENT NOTICE**

**No. C-1508:-**

| | | |
|---|---|---|
| 1. | Bid Reference No. | : BMC-EED-II-17(EI.)/2020-21 Dt.03.12.2021 |
| 2. | Tender Call Notice No. | : **No. 87009/Dt. 3.12.21** |
| 3. | No. of Work | : 2 Nos. |
| 4. | Bid Value of each work | : Rs.8,50,313 to Rs.21,96,608/- |
| 5. | Period of Completion | : 30 DAYS |

**Date and Time Schedule**

| Start | End | Opening |
|---|---|---|
| 11.00 A.M. Dt.07.12.2021 | 5.00 P.M. Dt.16.12.2021 | 11.00 A.M. Dt.17.12.2021 |

6. Tender details: Can be seen for the procurement portal: https://www.tendersodisha.gov.in

**Sd./- Executive Engineer (Elect.)**

OIPR-13002/11/0100/2122 **Bhubaneswar Municipal Corporation**

## TENDER CALL NOTICE
## OFFICE OF THE PRINCIPAL PRANANATH COLLEGE (AUTONOMOUS), KHORDHA

**No. 19152904/2021/OHPEE-02** **Date: 04.12.2021**

No. CAD-2172: Sealed tenders are invited from registered firms/agencies/suppliers with uptodate VST/GST Clearance Certificate to supply/install **"Steel Chair and Green Chalkboard"**. The detail terms and conditions, guidelines, etc. are available and can be downloaded from the college website **www.pnautonomouscollege.in**. The sealed envelope containing the tenders in the prescribed format superscribed on the top of the envelope **"Tender for supply of Steel Chair and Green Chalkboard"** should reach the office of the undersigned on or before dated 27.12.2021 at 5 P.M. through Registered/Speed Post only.

The undersigned reserves the right to reject or cancel any or all tenders without assigning any reason thereof and the authority will not be held responsible for any postal delay.

**Sd./- Principal**
**P.N. College (Autonomous), Khordha**

OIPR-11040/11/0004/2122

## BIJU PATNAIK UNIVERSITY OF TECHNOLOGY, ODISHA ROURKELA

**No. BPUT/IV/EXAM/5172/ 2021** **Date: 03.12.2021**

**TENDER NOTICE FOR E-EXAMINATION: 2021**

No. CAD-2168:- Sealed tenders (Two Bid System- Technical and Finance Bid) are invited from the reputed, experienced and technically competent Indian Company registered under The Companies Act 1956/2013 with a minimum of five (05) years of experience in providing examination solutions for 'Complete E-Examination Solution for End-to End Activities, Processes & Services of BPUT i.e., Pre-Post Examination, Onscreen Evaluation, Remote Proctored (AI & HUMAN) Online Examination Solution and Migration of Existing Database for Pre-Post Examination. The Bids received vide Notice No BPUT/ IV/Exam/ 385/4215 dated 07.10.2021 stands cancelled.

For details the interested bidder may visit the BPUT website i.e., **www.bput.ac.in**. The University reserves the right to accept and/or reject any bid or all cancel the entire tender process without assigning any reason. The last date and time for receipt of Sealed Tender document through Speed Post / Registered Post addressed to 'The Registrar, Biju Patnaik University of Technology, Chhend, Rourkela – 769015 is 27.12.2021 by 5 PM. No other mode of communication including courier / hand delivery etc. shall be considered.

OIPR-44003/11/0012/2122 **Sd./- REGISTRAR**

## ODISHA STATE SEEDS CORPORATION LIMITED

**(A GOVERNMENT UNDERTAKING)**
**SANTARAPUR, BHUBANESWAR - 751002.**
**Tel- MD 0674 - 2340573, PBX - 2340170, Fax- 2340096**

**TENDER CALL NOTICE**

**No- OSSC/ Engg- 69/2021**

**No. CAD-2178:**- The Managing Director, Odisha State Seeds Corporation Ltd invites ***Percentage Rate Tenders*** through ONLINE MODE only from eligible contractors through e-tender site of Govt. of Odisha (www.tenderodisha.gov.in) for the works

1. **CONSTRUCTION OF OFFICE BUILDING AT SEED PROCESSING PLANT CAMPUS, SHERAGAD BALASORE**
2. **INSTALLATION OF ELECTRICAL POWER SUPPLY TO SEED PROCESSING PLANT AT LAMAL, SAMBALPUR**

The details of location of work, estimated amount, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date for uploading of tender to tender portal is **dt. 21.12.2021**.

**Sd./- Managing Director**

OIPR-01045/11/0023/2122




## OFFICE OF THE MUNICIPAL COUNCIL, ANANDAPUR

No.C-1502

**TENDER CALL NOTICE**

**Dated, the 04th Dec, 2021**

No.5127/ Sealed quotations are invited from the authorized dealers/ Suppliers/ agencies having GST registration for execution of the works as detailed below.

| Sl. No. | Name of the work | Unit | EMD | Cost of tender paper including tax |
|---|---|---|---|---|
| 1 | Supply Fabricating, Fixing, Erecting & Installing JAGA Mission Hoardings in Slums of Anandapur Municipality | 44 Nos. | Rs. 10,000/- | Rs. 4000/- |

The tender paper can be obtained from the O/o the undersigned on payment of cost as mentioned above in shape of Cash (Non refundable) from **dt.06.12.2021** to **dt.10.12.2021** during office hours.

The quotations will be received in the office of the undersigned in specified tender box till **Date.13.12.2021** up to **11.30 A.M.** and it will be opened on the same day at 12.30 P.M. The quotationer or their representative may be present at the time of opening of the quotation. The successful quotationer is required to complete the hoarding work within **15 (fifteen)** days from the date of issue of order.

The quotations must be accompanied by EMD as mentioned above in shape of POTD A/c./KVP/NSC/Deposit receipts of Nationalised or Schedule Bank duly pledged in favour of Executive Officer, Anandapur Municipality payable at Anandapur, Photo Copy of valid Registration Certificate, GST Registration Certificate and PAN Card.

Tenders received without the above documents will be liable for rejection.

The other terms and conditions can be seen in the DTCN.

The authority reserves the right to reject any or all tenders without assigning any reason thereof.

**Sd./- Executive Officer, Anandapur Municipality**

OIPR-13049/11/0009/2122

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

**No. O-1224** **e-Procurement Notice**

| | | | |
|---|---|---|---|
| 1. | Name of Work | : | Construction of weir on Bridge over river Kusangi on Hirapur Keotipali road for the year 2021-22 |
| 2. | No. of work | : | 1 (One) Bridge work |
| 3. | Time for Completion | : | 6 Calendar Months |
| 4. | Approximate estimated cost | : | Rs.105.01 lakhs |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in**. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online - 22/2021-22 | 08.12.2021 at 11.00 A.M. | 22.12.2021 upto 5.00 P.M. | 21.12.2021 upto 1.00 P.M. | 23.12.2021 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e-tender website only.

**OIPR-25118/11/0028/2122** **Sd./- Chief Construction Engineer, R.W. Circle, Bolangir**

## OFFICE OF THE SR. PROJECT MANAGER, ODISHA BRIDGE & CONSTRUCTION CORPORATION LIMITED

obcc

**(A Government of Odisha Undertaking)**
**PURI PROJECT DIVISION NO.-II, PURI**
**Email ID: obccpuridivnii@gmail.com/ puridiv2@obcc.in**

**Bid Identification No.03/2021-22**

**Tender Call Notice**

1. The **Sr. Project Manager, Puri Division-II,** Odisha Bridge & Construction Corporation Limited (O.B. & C.C. Ltd.) Puri, on behlaf of Governor of Odisha, invites **Percentage bids** in **Double Cover System** for the following works from 'A', 'B' & 'C' Class Contractors registered with the State Government, and contractors of equivalent grade/class registered with Central Government/ MES/ Railways Or Manufacturers, Authorized Manufactureres having MSME registration throughout India to be eventually drawn up in P-1 form / other available forms for execution of the works, on production of definite proof from the appropriate authority. But successful bidder other than State/MES/Railways/CPWD/MSME Company in equivalent rank must register under the State PWD before signing the agreement.

| Sl. No. | Name of work | Approx Value of Works (Rs. in lakhs) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Extension of O.B. & C.C. Office Building at Puri | **47.13** | Rs.6,720/- | 'A' Class & 'B' Class | 6 (Six) calendar months |
| 2 | Construction of SFRC boundary wall for Khandolite stockyard at Samanga, Puri | **35.00** | Rs.6,720/- | 'B' Class & 'C' Class | 3 (Three) calendar months |

2. Date and time of availability of bid document in the eProcurement portal: **11.00 A.M. of 07.12.2021.**
3. Last date/time for receipt of online bid: **17.12.2021 till 04.30 PM.**
4. Further details can be seen from the e-Procurement portal "**https://www.tenderodisha.gov.in**"

**Sd./- Project Manager, Puri Project Divn.-II, O.B. & C.C. Ltd., Puri**

OIPR-34152/11/0001/2122



# ପିଲାଙ୍କୁ ବୁଦ୍ଧିଆ କରେ ଗପ

**ଆଜିକାଲି ଅଧିକାଂଶ ପିଲା ମୋବାଇଲ୍, ଟାବଲେଟ୍, ଟିଭି, କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍‌ରେ ଅଧିକ ସମୟ କଟାଉଛନ୍ତି। ଫଳରେ ପରିବାର ଭିତରେ ଥାଇ ସୁଦ୍ଧା ସେମାନେ ଏକାକୀ ନିଜ ଡିଜିଟାଲ୍ ଦୁନିଆରେ ସୀମିତ ରହୁଥିବା ଦେଖିବାକୁ ମିଳୁଛି; ଯାହାଦ୍ୱାରା ସେମାନଙ୍କ ଉପରେ ଅନେକ ନକାରାତ୍ମକ ପ୍ରଭାବ ମଧ୍ୟ ପଡୁଛି। ଏପରି ସ୍ଥଳେ ପିଲାଙ୍କୁ ଗପ ଶୁଣାଇବା ଅଭ୍ୟାସ କରାଇଲେ ସେମାନଙ୍କ ବୁଦ୍ଧିର ବିକାଶରେ ବେଶ୍ ସହାୟକ ହୋଇପାରିବ...**

- ଗପ ଶୁଣାଇବା ଦ୍ୱାରା ପିଲାମାନେ ଉଦାହରଣ ମାଧ୍ୟମରେ ଅନେକ କିଛି ଶିକ୍ଷା କରନ୍ତି। ଯାହାଦ୍ୱାରା ସେମାନଙ୍କ ଗୁଣ ଓ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ।
- ଏହା ଫଳରେ ପିଲାମାନଙ୍କର ଲାଙ୍ଗୁଏଜ୍, କମ୍ୟୁନିକେଶନ୍ ସ୍କିଲ୍, ଭୋକାବୁଲାରି ଅର୍ଥାତ ନୂଆ ନୂଆ ଶବ୍ଦ ଏବଂ ଭାଷା ଜ୍ଞାନର ବିକାଶ ହୋଇଥାଏ। ଯେଉଁ ଭାଷାରେ ପିଲାମାନେ ଗପ ଶୁଣିବେ ସେହି ଭାଷାକୁ ସେମାନେ ବେଶି ମନେ ରଖିପାରିବେ।
- ଗପ ଶୁଣିବା ମାଧ୍ୟମରେ ପିଲାମାନଙ୍କର ଜାଣିବାର କ୍ଷମତା ବି ବଢ଼ିଥାଏ। ଯେ କୌଣସି ଶବ୍ଦକୁ ପଢ଼ି ମନେରଖିବା ପରିବର୍ତ୍ତେ ଗପ ଦ୍ୱାରା ସେମାନେ ଶୁଣି ଶୁଣି ଅଧିକ ମନେ ରଖିପାରନ୍ତି।
- ପିଲାମାନଙ୍କର ବଡ଼ି ଲାଙ୍ଗୁଏଜ୍ ଜାଣିବା ପାଇଁ ବି ଏହା ସହାୟକ ହୋଇଥାଏ। ଏହା ମାଧ୍ୟମରେ ଖରାପ, ଭଲ ଏବଂ ପ୍ରତିକ୍ରିୟା ପ୍ରକାଶ କରିବା ଶୈଳୀକୁ ମଧ୍ୟ ସେମାନେ ଜାଣି ପାରନ୍ତି। କୌଣସି ଘଟଣାରେ ମୁହଁର ଭାବକୁ ଦେଖି ବୁଝିବା ଏତେ ସହଜ ନୁହେଁ। କିନ୍ତୁ ଗପ ବା କାହାଣୀ ଶୁଣିବା ଦ୍ୱାରା ସେମାନଙ୍କଠାରେ ଏହି ଦକ୍ଷତା ବିକଶିତ ହୋଇଥାଏ।
- ସେମାନଙ୍କର କହିବା ଶକ୍ତି ବି ଏହା ମାଧ୍ୟମରେ ବୃଦ୍ଧି ହୋଇଥାଏ। ଅନ୍ୟମାନଙ୍କ ସହ ଯୋଗାଯୋଗ କରିବାର କ୍ଷମତା ବି ପିଲାମାନଙ୍କର ପିଲାଦିନୁ ବଢ଼ିଯାଏ; ଯାହା ସେମାନଙ୍କୁ ଭବିଷ୍ୟତରେ ସାହାଯ୍ୟ କରିଥାଏ।
- ପ୍ରତିଦିନ ସେମାନଙ୍କୁ ଭିନ୍ନ ଭିନ୍ନ ଗପ ଶୁଣେଇବା ଦ୍ୱାରା ସେମାନଙ୍କଠାରେ ସକାରାତ୍ମକ ଭାବନା ସୃଷ୍ଟି ହୁଏ। ଫଳରେ ସେମାନଙ୍କଠାରେ ଭଲ ଗୁଣ ଏବଂ ବୁଦ୍ଧିର ବିକାଶ ହେବାରେ ସାହାଯ୍ୟ କରେ।



# ଆଦର୍ଶ ଦମ୍ପତି







**ବିବାହ ପରେ ବାପଘର ଏରୁଣ୍ଡି ଡେଇଁ ଯେବେ ସ୍ୱାମୀଙ୍କ ହାତଧରି ନାରୀଟିଏ ଶାଶୁଘରେ ପାଦ ଦିଏ, ସେଇଠୁ ଆରମ୍ଭ ହୁଏ ଦାମ୍ପତ୍ୟ ଜୀବନ। ଏହି ସମ୍ପର୍କ ଈଶ୍ୱରଙ୍କ ଏକ ଅନୁପମ ସୃଷ୍ଟି; ଯେଉଁଥିରେ ଭରି ରହିଥାଏ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆଉ କର୍ତ୍ତବ୍ୟବୋଧ। ଆଉ ଯେଉଁ ଦମ୍ପତି ଏସବୁକୁ ମନ୍ତ୍ର ଭାବି ଦୁଇ ଶରୀର ଏକମନ ହୋଇ ଜୀବନ ଯାତ୍ରାରେ ଆଗେଇ ଚାଲନ୍ତି, ସେମାନେ ପାଲଟିଯାଆନ୍ତି ଅନ୍ୟମାନଙ୍କ ପାଇଁ ଆଦର୍ଶ ଦମ୍ପତି...**

**ବିଶ୍ୱାସ ବାନ୍ଧେ ସୂତା ଖିଅ:** ଦାମ୍ପତ୍ୟ ସମ୍ପର୍କର ମୂଳଦୁଆ ହେଉଛି ପରସ୍ପର ପ୍ରତି ଅତୁଟ ବିଶ୍ୱାସ; ଯାହା ଥରେ ଭାଙ୍ଗିଲେ ପୁନର୍ବାର ସୃଷ୍ଟି ହେବା ଖୁବ୍ କଷ୍ଟ। ତେଣୁ ସର୍ବଦା ପରସ୍ପର ପ୍ରତି ବିଶ୍ୱସନୀୟ ହେବାକୁ ଚେଷ୍ଟା କରନ୍ତୁ। ସର୍ବଦା ନିଜ ଭିତରେ ବୁଝାମଣା ଠିକ୍ ରଖନ୍ତୁ, କାରଣ ବୁଝାମଣା ଅଭାବରୁ ଅବିଶ୍ୱାସ ଜନ୍ମିଥାଏ। ନିଜେ ମଧ୍ୟ କେବେ ଏଭଳି କୌଣସି କାର୍ଯ୍ୟ କରନ୍ତୁ ନାହିଁ, ଯାହା ଆପଣଙ୍କ ପ୍ରତି ସ୍ୱାମୀଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦେବ। ଯଦି କେବେ ଏଭଳି ପରିସ୍ଥିତି ଉପୁଜେ ଝଗଡ଼ା କରିବା କିମ୍ବା ସମ୍ପୂର୍ଣ୍ଣ ଚୁପ୍ ରହି ସମ୍ପର୍କରେ ଫାଟ ସୃଷ୍ଟି କରିବା ପରିବର୍ତ୍ତେ ଥଣ୍ଡା ମନରେ ଏହି କାରଣର ସମାଧାନ କରିବାକୁ ପରସ୍ପରକୁ ସୁଯୋଗ ଦିଅନ୍ତୁ। ମନେରଖନ୍ତୁ ଦାମ୍ପତ୍ୟ ସମ୍ପର୍କ ମଝିରେ କେବେ ତୃତୀୟ ଲୋକଙ୍କୁ ସମାଧାନ ପାଇଁ ନ ଆଣିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

**ପରସ୍ପର ପ୍ରତି ସମ୍ମାନ:** ଏକ ଆଦର୍ଶ ଦାମ୍ପତ୍ୟ ଜୀବନର ମୂଳମନ୍ତ୍ର ହେଉଛି ପରସ୍ପର ପ୍ରତି ସମ୍ମାନ। କାରଣ ଅନ୍ୟକୁ ସମ୍ମାନ ନ କରିବା ବା ନୀଚା ଦେଖାଇବା ଦ୍ୱାରା ମାନସିକ ସ୍ତରରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥାଏ। କେବେ କେବେ ଏହାଦ୍ୱାରା ଆତ୍ମସମ୍ମାନ ହାନି ହେବା ଯୋଗୁ ମତାନ୍ତର ଏବଂ ମନାନ୍ତରର କାରଣ ସାଜେ ଓ ଦୁହିଁଙ୍କୁ ଏକ ମନ ହୋଇ ଜୀବନପଥରେ ଚାଲିବା କଷ୍ଟକର ହୋଇପଡ଼େ।

**ସନ୍ଦେହର ନାହିଁ ସ୍ଥାନ:** ସନ୍ଦେହ ଏମିତି ଏକ ନୀରବ ଦସ୍ୟୁ, ଯାହା କି ଧୀରେ ଧୀରେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ବିଶେଷକରି ଅନେକ ଦାମ୍ପତ୍ୟ ଜୀବନ ବିଚ୍ଛେଦର ଏହା ହିଁ ସବୁଠୁ ବଡ଼ କାରଣ। ଅନେକ କ୍ଷେତ୍ରରେ ଦେଖାଯାଏ, କେହି କେହି ନିଜ ପାର୍ଟନରଙ୍କୁ ସନ୍ଦେହ କରି ଅଯଥାରେ ମତାନ୍ତର, ମନାନ୍ତରଠାରୁ ଆରମ୍ଭ କରି ଅନୁପସ୍ଥିତିରେ ତାଙ୍କ ମୋବାଇଲ୍‌ରେ ମେସେଜ, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ଆଦି ଚେକ୍ କରିବାକୁ ବି ପଛାନ୍ତି ନାହିଁ। କେହି କେହି ବାସ୍ତବ ନ ଜାଣି ଅନ୍ୟ କଥାରେ ଭାସିଯାଇ ନିଜ ପାର୍ଟନରଙ୍କୁ ସନ୍ଦେହ କରିବା ସହ ତାଙ୍କ କଥାକୁ ମିଛ ବୋଲି ଭାବି ନିଅନ୍ତି; ଯାହାଦ୍ୱାରା ସମ୍ପର୍କର ଡୋରି ଦୁର୍ବଳ ହୋଇପଡ଼େ। ତେଣୁ ନିଜ ସମ୍ପର୍କକୁ ଏଭଳି ନିବିଡ଼ କରିବାକୁ ଚେଷ୍ଟା କରନ୍ତୁ, ଯେଉଁଠି ସନ୍ଦେହର ପ୍ରଶ୍ନ ହିଁ ଉଠିବା ଅସମ୍ଭବ ହୋଇଯିବ।

**ହୁଅନ୍ତୁ ପରସ୍ପର ପ୍ରତି ସଚ୍ଚୋଟ:** ନିଜ ଜୀବନସାଥୀଙ୍କ ଆଗରେ କିଛି ଲୁଚାଇବାର ଅର୍ଥ ଅବିଶ୍ୱାସ ଏବଂ ସନ୍ଦେହର ମଞ୍ଜିବୁଣିବା; ଯାହା କି ସମ୍ପର୍କରେ ଫାଟ ସୃଷ୍ଟି କରିବା ଲାଗି ଯଥେଷ୍ଟ। ତେଣୁ ପରସ୍ପର ପ୍ରତି ସର୍ବଦା ସବୁବେଳେ ହୃଦୟ ଖୋଲା ରଖନ୍ତୁ ଏବଂ ସଚ୍ଚୋଟ ହୁଅନ୍ତୁ। ଏହା ସମ୍ପର୍କର ଡୋରକୁ ମଜଭୁତ କରିଥାଏ।

**ପରିସ୍ଥିତିକୁ ବୁଝନ୍ତୁ:** ସମ୍ପର୍କ ଭଲ ରଖିବାକୁ ହେଲେ ଜୀବନସାଥୀ ଉଭୟ ଉଭୟଙ୍କ ପରିସ୍ଥିତି ବୁଝିବା ଆବଶ୍ୟକ। ହେଲେ ଅନେକଙ୍କ କ୍ଷେତ୍ରରେ ପରିସ୍ଥିତି ନ ବୁଝି ଅଯଥା ଜିଦ୍ କରିବା ଭଳି ସାମାନ୍ୟ କାରଣରୁ ଝଗଡ଼ା ସୃଷ୍ଟି ହୋଇଥାଏ ଏବଂ ଦାମ୍ପତ୍ୟ ଜୀବନରେ ତିକ୍ତତା ଭରି ଦେଇଥାଏ। ତେଣୁ ନିଜ ଜୀବନସାଥୀଙ୍କ ମାନସିକ ଏବଂ ଆର୍ଥିକ ସ୍ଥିତି ନ ବୁଝି ନିଜ ଇଚ୍ଛା ପୂରଣ କରିବାକୁ ଜିଦ୍ କରନ୍ତୁ ନାହିଁ।

**ସ୍ନେହଭରା କଥା ଯୋଡ଼ିରଖେ ସମ୍ପର୍କ:** ପରସ୍ପର ପ୍ରତି ଆଚରଣ ଏବଂ ଉଚ୍ଚାରଣ ଠିକ୍ ରହିଲେ ଦାମ୍ପତ୍ୟ ଜୀବନ ମଧୁର ହୋଇଥାଏ। ହେଲେ କେବେ କେବେ ମନ ଭଲ ନ ଥିଲେ କିମ୍ବା କୌଣସି ଟେନ୍‌ସନ୍ ଥିଲେ ଅନେକେ ରାଗରେ କଟୁ କଥା କହି ବସନ୍ତି, ଯାହା କି ନିଜ ସାଥୀଙ୍କ ମନ ଭିତରେ ରହିଯାଏ ଏବଂ କ୍ରମଶଃ ଉଭୟଙ୍କ ମଧ୍ୟରେ ଦୂରତା ବି ବଢ଼ି ବଢ଼ି ଚାଲେ। ତେଣୁ ରାଗ ସମୟରେ ନୀରବ ରହିବାକୁ ଚେଷ୍ଟା କରନ୍ତୁ। ମନେରଖନ୍ତୁ, ସ୍ନେହଭରା ଦୁଇ ପଦ ମିଠା କଥା ବି ସମ୍ପର୍କକୁ ମଧୁର କରିଥାଏ। ତେଣୁ କ୍ରୋଧରେ ଏମିତି କିଛି କଟୁ କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହା କି ସମ୍ପର୍କରେ ତିକ୍ତତା ଆଣିବ।

**ଅନ୍ୟ ସହ କରନ୍ତୁନି ତୁଳନା:** ଥରେ ଦାମ୍ପତ୍ୟ ସମ୍ପର୍କ ଯୋଡ଼ି ହେବା ପରେ ନିଜ ଜୀବନସାଥୀ ଯେଉଁଭଳି ତାଙ୍କୁ ସେହି ଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରନ୍ତୁ। କାରଣ କେତେକ କ୍ଷେତ୍ରରେ ଦେଖାଯାଏ, ଅନେକେ ସବୁବେଳେ ନିଜ ପାର୍ଟନରଙ୍କ ତୁଳନା ଅନ୍ୟ ସହ କରନ୍ତି, ହେଲେ ଏହା ଯେ ତାଙ୍କୁ ମାନସିକ ଆଘାତ ଦେଉଥିବ ସେକଥା ଭୁଲିଯାଆନ୍ତି; ଯାହା କି ଧୀରେ ଧୀରେ ମନାନ୍ତରର କାରଣ ସାଜିଥାଏ ଏବଂ ସମ୍ପର୍କକୁ ମଜଭୁତ୍ ରଖିବାର ସବୁଠୁ ବଡ଼ ବାଧକ ସାଜିଥାଏ।

**ସହନଶୀଳତା ଚାବିକାଠି:** ପତିପତ୍ନୀଙ୍କ ମଧ୍ୟରେ କେବେ କେବେ ଛୋଟମୋଟ ଝଗଡ଼ା ହେବା ଏକ ସାଧାରଣ ଘଟଣା। ହେଲେ ଅନେକେ ଏଭଳି ପରିସ୍ଥିତିରେ ଝଗଡ଼ାର ସମାଧାନ କରିବା ବଦଳରେ ପରସ୍ପର ମଧ୍ୟରେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ଏହା ଦ୍ୱାରା କେବେ କେବେ କମ୍ୟୁନିକେଶନ ଗ୍ୟାପ୍ ତ କେବେ କେବେ ଦୂରତା ବଢ଼ିଥାଏ। ତେଣୁ ଏପରି ହେବାକୁ ଆଦୌ ନ ଦେଇ ଝଗଡ଼ା ପରିସ୍ଥିତି ଉପୁଜିଲେ ଏହାର ସମାଧାନ ପାଇଁ ସହନଶୀଳତା ହିଁ ସବୁଠୁ ବଡ଼ ଚାବିକାଠି। ତେଣୁ ଝଗଡ଼ା ସମୟରେ ନୀରବ ରହି ପରବର୍ତ୍ତୀ ସମୟରେ ଏହାକୁ ଭୁଲି ପୁନର୍ବାର ପୂର୍ବ ପରି ହସ ଖୁସିରେ ଚଳିବା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ।

**– ପୌର୍ଣ୍ଣମାସୀ**

## ଏମାନେ କ'ଣ କହନ୍ତି



### ଦୁଇ ଶରୀର ଏକ ମନ ହୋଇ ରହିଛୁ

**– ଡା. ସରୋଜିନୀ ଷଡ଼ଙ୍ଗୀ(ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ)–** ଦାମ୍ପତ୍ୟ ସମ୍ପର୍କ ପ୍ରଭୁଙ୍କର ଏଭଳି ଏକ ସୃଷ୍ଟି ଯାହାର ଗଭୀରତା ମାପିବାକୁ କୌଣସି ଚାବିକାଠି ନାହିଁ। ଏହି ସମ୍ପର୍କକୁ ଅତୁଟ କରିବାକୁ ଆବଶ୍ୟକ ନିଷ୍ଠା, କର୍ତ୍ତବ୍ୟପରାୟଣତା, ସହନଶୀଳତା ଆଉ ପରସ୍ପର ପ୍ରତି ବିଶ୍ୱାସ ଆଉ ଗଭୀର ଆନ୍ତରିକତା। ଡା. ରମାରମଣ ଷଡ଼ଙ୍ଗୀଙ୍କ ସହ ମୋର ବିବାହକୁ ଇତି ମଧ୍ୟରେ ୪୯ ବର୍ଷ ବିତିଗଲାଣି, ହେଲେ ଆରମ୍ଭରୁ ଏଯାଏ ଆମେ ଦୁଇ ଶରୀର ଏକ ମନ ହୋଇ ଏହି ସମ୍ପର୍କକୁ ଆଗେଇ ନେଉଛୁ। ପ୍ରତିଟି କ୍ଷେତ୍ରରେ ଆମେ ପରସ୍ପରକୁ ସହଯୋଗ କରୁ। କୌଣସି ପରିସ୍ଥିତିରେ ଆମେ ଅବିଶ୍ୱାସ, ମତାନ୍ତର କିମ୍ବା ମନାନ୍ତର ଭଳି ପରିସ୍ଥିତି ଉପୁଜିବାକୁ ସୁଯୋଗ ନ ଦେଇ ସହନଶୀଳତା ଆଉ ଆପୋସ ବୁଝାମଣାରେ ସମାଧାନ କରିନେଉ। ବୋଧହୁଏ ପରସ୍ପର ପ୍ରତି ଏହି ସମ୍ମାନ ଆଉ ନିଷ୍ଠାପର ଭଲପାଇବା ଆମ ସମ୍ପର୍କର ଡୋରିକୁ ମଜଭୁତ କରି ରଖିଛି।

### ଉତ୍ତମ ବୁଝାମଣା ବାନ୍ଧିରଖେ ସମ୍ପର୍କ



**ଲକ୍ଷ୍ମୀ ଚାନ୍ଦ(ଭୁବନେଶ୍ୱର)–** ସୁଖୀ ଦାମ୍ପତ୍ୟ ପାଇଁ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ସହ ପରସ୍ପର ପ୍ରତି ଗଭୀର ବିଶ୍ୱାସ ରହିବା ଆବଶ୍ୟକ। ଏହା ବ୍ୟତୀତ ତୃତୀୟ ବ୍ୟକ୍ତିର କଥାରେ ପ୍ରଭାବିତ ନ ହୋଇ ପରସ୍ପର ମଧ୍ୟରେ ଆଲୋଚନା କରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ପ୍ରତ୍ୟେକ ଘଟଣା ସମାଧାନ ହୋଇ ଯାଇଥାଏ। ଦୁହେଁ ଦୁହିଁଙ୍କ ପ୍ରତି ନିଷ୍ଠା, ସମ୍ମାନବୋଧ, ଅଙ୍ଗୀକାରବଦ୍ଧ, ଭଲପାଇବା, ଯତ୍ନଶୀଳତା ସମାନଭାବେ ରହିଲେ ସେମାନଙ୍କ ସମ୍ପର୍କ ଅତୁଟ ରହିବ। ସମସ୍ତ ସମ୍ପର୍କ ବିଶ୍ୱାସ ଉପରେ ପର୍ଯ୍ୟବସିତ। ସନ୍ଦେହ ହିଁ ସମ୍ପର୍କକୁ ଭାଙ୍ଗି ଦେଇଥାଏ। ତେଣୁ ଉଭୟଙ୍କ ଭିତରୁ ସନ୍ଦେହକୁ ଦୂରେଇ ଗଭୀର ବିଶ୍ୱାସରେ ନିଜ ସମ୍ପର୍କକୁ ପ୍ରତିଷ୍ଠା କରିବା ଆବଶ୍ୟକ। ଏହି ସବୁ କଥାକୁ ନିଜ ଦାମ୍ପତ୍ୟ ଜୀବନର ଆଧାର ଭାବେ ବାଛି ନେଇ ଦାମ୍ପତ୍ୟର ଏକ ସୁଖମୟ ଜୀବନ ଯାତ୍ରାରେ ଆଗେଇ ଚାଲିଛୁ।





ସୌନ୍ଦର୍ଯ୍ୟ



# ଶୀତରେ ଫାଟିବନି ଓଠ

**ଓଠର ତ୍ୱଚା କୋମଳ ହୋଇଥିବାରୁ ଶୀତଦିନ ଆସିଲେ ଶୁଖିଯିବା ସହ ଫାଟିଥାଏ। ଯେଉଁଥିପାଇଁ ଆମେ ବିଭିନ୍ନ ପ୍ରକାର ଲିପ୍‌ବାମ୍ ଲଗାଇଥାଉ। ତଥାପି ବେଳେବେଳେ ଏଥିରୁ ଉପଶମ ମିଳି ନ ଥାଏ। ହେଲେ ଆପଣ ଚାହିଁଲେ କେତେକ ଘରୋଇ ଉପଚାର ଦ୍ୱାରା ଓଠକୁ ଶୀତରେ ଫାଟିବାରୁ ରକ୍ଷା କରିପାରିବେ...**

- କମଳା ଚୋପାକୁ ଶୁଖାଇ ଏହାକୁ ଗୁଣ୍ଡ କରନ୍ତୁ। ଏକ ଚାମଚ ଏହି ଗୁଣ୍ଡରେ ୧୦–୧୨ ବୁନ୍ଦା ବାଦାମ ତେଲ ଏବଂ ଅଳ୍ପ ଚିନି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ନିଜ ଓଠରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୩–୪ ଥର ଏପରି କଲେ ଆପଣଙ୍କ ଓଠ ନରମ ହେବା ସହ ଫାଟିବ ନାହିଁ।
- ଏକ ଚାମଚ ହଳଦୀରେ କିଛି କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ପ୍ରତିଦିନ ନିଜ ଓଠରେ ଲଗାନ୍ତୁ। କିଛିଦିନରେ ଆପଣଙ୍କ ଓଠ ଫାଟିବା କମ୍ ହେବା ସହ କୋମଳ ଅନୁଭବ କରିବେ।
- ନଡ଼ିଆ ତେଲରେ ଏକ ଚାମଚ ମହୁ ମିଶାନ୍ତୁ। ପରେ ସେଥିରେ ଅଳ୍ପ ଚିନି ମିଶାଇ ପ୍ୟାକ ପ୍ରସ୍ତୁତ କରନ୍ତୁ। ଓଠରେ ୧୦ମିନିଟ ପର୍ଯ୍ୟନ୍ତ ଲଗାଇ ରଖି ଧୋଇ ଦିଅନ୍ତୁ। ଆପଣଙ୍କର ଓଠ ସୁନ୍ଦର ଦେଖାଯିବ। ଆପଣ ଚାହିଁଲେ କେବଳ ନଡ଼ିଆତେଲ ମଧ୍ୟ ଓଠରେ ଲଗାଇ ପାରିବେ।
- ଶୀତଦିନେ ଓଠ ଫାଟିବା ସମସ୍ୟା ପାଇଁ ଶରୀରର ଜଳୀୟାଂଶ କମିବା ଏକ ପ୍ରମୁଖ କାରଣ। ତେଣୁ ଏପରି ନ ହେବା ଲାଗି ନିୟମିତ ଅତି କମ୍‌ରେ ୮ଗ୍ଲାସ ପାଣି ପିଅନ୍ତୁ। ମନେରଖନ୍ତୁ ଓଠ ନରମ ଡ୍ରାଏ ଲାଗୁଛି ଭାବି ଜିଭରେ ବାରମ୍ବାର ଚାଟନ୍ତୁ ନାହିଁ। ଏହାଦ୍ୱାରା ଓଠ ଅଧିକ ଫାଟିଥାଏ।
- କୌଣସି କେମିକାଲ୍‌ଯୁକ୍ତ ଲିପ୍ କେୟାର ପ୍ରଡକ୍ଟ ବା ଲିପବାମ୍ ବ୍ୟବହାର କରନ୍ତୁ ନାହିଁ। ଧୂମ୍ରପାନ କରିବାରୁ ଦୂରେଇ ରୁହନ୍ତୁ।
- ରାତିରେ ଶୋଇବା ପୂର୍ବରୁ ଓଠରେ ଭେସ୍‌ଲିନ୍ କିମ୍ବା ଲିପବାମ ଲଗେଇବାକୁ ଭୁଲନ୍ତୁ ନାହିଁ।
- ଶୋଇବା ପୂର୍ବରୁ ଓଠରେ ମହୁ ଲଗାଇ ଅଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ଘଷନ୍ତୁ। ଏହା ମଶ୍ଚରାଇଜର ଭଳି କାମ କରିଥାଏ। ଏହା ଓଠକୁ କୋମଳ କରିବା ସହ ଶୁଷ୍କ ଓ କଳା ପଡ଼ିବାରୁ ରକ୍ଷା କରିଥାଏ।
- ୩ ଚାମଚ କ୍ଷୀରରେ ଲେମ୍ବୁରସ ୩ ଟୋପା ପକାନ୍ତୁ। ଏହି ମିଶ୍ରଣକୁ ଏକ ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖନ୍ତୁ। ପରେ ଏହାକୁ ଓଠ ଏବଂ ଓଠ ଚାରିପାଖରେ ଭଲଭାବରେ ଲଗାନ୍ତୁ। ଆପଣ ଏହାକୁ ସପ୍ତାହକୁ ୩ ଦିନ କିମ୍ବା ପ୍ରତିଦିନ ବ୍ୟବହାର କରିପାରିବେ। କିଛିଦିନ ମଧ୍ୟରେ ଆପଣ ଏହାର ଫାଇଦା ଜାଣିପାରିବେ।



ଖାଦ୍ୟରୁଚି

# ଭାପା ଆଳୁ

**ଆବଶ୍ୟକ ସାମଗ୍ରୀ:** ଆଳୁ– ୨୦୦ଗ୍ରାମ୍, ସୋରିଷ ତେଲ–୨ ଚାମଚ, ଶୁଖିଲା ଲଙ୍କା–୨ଟା, ସୋରିଷ ବଟା–ଅଧା ଚାମଚ, ବସାଦହି–୧ ଚାମଚ, ନଡ଼ିଆ ପେଷ୍ଟ–୩/୪ ଚାମଚ, କଦଳୀ ପତ୍ର–୨ଟା, ଜିରା, ଗୁଜୁରାତି, କଳା ସୋରିଷ, ମେଥି ଓ କଳଞ୍ଜିର ମିଶ୍ରଣ–ଅଧା ଚାମଚ, କଞ୍ଚା ଲଙ୍କା ପେଷ୍ଟ, ହଳଦୀ ଗୁଣ୍ଡ, ଲୁଣ ଓ ଲେମ୍ବୁପାଣି– ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁ ସିଝାଇ ଦିଅନ୍ତୁ। ଚୋପା ଛଡ଼ାଇ ଏହାକୁ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏବେ ଚୁଲାରେ ଏକ ନନ୍–ଷ୍ଟିକ୍ କଡ଼ାଇ ନେଇ ସେଥିରେ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ଜିରା, ଗୁଜୁରାତି, କଳା ସୋରିଷ, ମେଥି ଓ କଳଞ୍ଜିର ମିଶ୍ରଣ ଏବଂ ଶୁଖିଲା ଲଙ୍କା ପକାଇ ଅଳ୍ପ ସମୟ ପାଇଁ ଭାଜନ୍ତୁ। ଏହାକୁ ଏକ ପାତ୍ରରେ ବାହାର କରି ପୂର୍ବରୁ ଥିବା ସିଝା ଆଳୁ ସହ ମିଶାଇ ଦିଅନ୍ତୁ। ସେହିପରି ଆଉ ଏକ ପାତ୍ରରେ କିଛି ସୋରିଷ ବଟା, ବସାଦହି, ନଡ଼ିଆ ପେଷ୍ଟ, କଞ୍ଚା ଲଙ୍କା ପେଷ୍ଟ ଓ କିଛି ହଳଦୀ ଗୁଣ୍ଡ ପକାଇ ଭଲ ଭାବେ ଘାଣ୍ଟି ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସେଥିରେ ପୂର୍ବ ପ୍ରସ୍ତୁତ ଆଳୁକୁ ପକାନ୍ତୁ। ଆବଶ୍ୟକ ପରିମାଣର ଲୁଣ ଏବଂ ଲେମ୍ବୁ ରସ ପକାଇ ମିଶାଇ ଦିଅନ୍ତୁ। ଏବେ ଏକ ପାତ୍ରରେ କଦଳୀ ପତ୍ର ରଖି ବାହାର କରି ରଖନ୍ତୁ। ଶେଷରେ ୫–୭ ମିନିଟ୍ ପାଇଁ ଏହାକୁ ଗରମ କରି ନିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଭାପା ଆଳୁ। ଆପଣ ଏହାକୁ ନିଜେ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ଖୁଆନ୍ତୁ।

# ଭାରତରେ ଟେଷ୍ଟ ସିରିଜ ଜିତିପାରିନାହିଁ ନ୍ୟୁଜିଲାଣ୍ଡ



ନ୍ୟୁଜିଲାଣ୍ଡ ବିପକ୍ଷରେ ୧-୦ରେ ଟେଷ୍ଟ ସିରିଜ ଜିତିବାପରେ ଭାରତୀୟ ଦଳର ଖେଳାଳିମାନେ ଟ୍ରଫି ସହ।

ମୁମ୍ବାଇରେ ସୋମବାର ଶେଷ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତ ୩୭୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହିତ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୧-୦ରେ ଜିତିଛି। ରେକର୍ଡ ଅନୁସାରେ ଭାରତ ମାଟିରେ କେବେହେଲେ ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ ଜିତି ପାରିନାହିଁ। ଏଥରକୁ ମିଶାଇ ୧୨ ଥର ନ୍ୟୁଜିଲାଣ୍ଡ ଦଳ ଭାରତ ମାଟିରେ ଟେଷ୍ଟ ଖେଳିଥିଲେ ହେଁ କେବେ ସିରିଜ ଜିତିବାର ସୌଭାଗ୍ୟ ପାଇନାହିଁ।

### ୧୯୫୫-୫୬ରୁ ଆରମ୍ଭ

୧୯୫୫-୫୬ ମସିହାରେ ନ୍ୟୁଜିଲାଣ୍ଡ ଟେଷ୍ଟ କ୍ରିକେଟ ଦଳ ପ୍ରଥମେ ଭାରତ ଗସ୍ତରେ ଆସିଥିଲା। ଏହି ସିରିଜରେ ଅନୁଷ୍ଠିତ ୫ ମ୍ୟାଚରେ ଭାରତ ୨-୦ରେ ସିରିଜ ଜିତିଥିଲା। ସେହିପରି ୧୯୬୪-୬୫ରେ ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ବିଜୟ ଲାଭ କରିଥିଲା। ୧୯୬୯-୭୦ରେ ଆସିଥିବା ନ୍ୟୁଜିଲାଣ୍ଡ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ରେ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ଏହାପରେ ୧୯୭୬-୭୭ରେ ନ୍ୟୁଜିଲାଣ୍ଡ ଭାରତ ଆସି ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା। ଏଥିରେ ଭାରତ ୨-୦ରେ ବିଜୟଲାଭ କରିଥିଲା। ୧୯୮୮-୮୯ରେ ଭାରତ ଗସ୍ତରେ ଆସି ଏହି ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲେ ହେଁ ଭାରତ ୨-୧ରେ ବିଜୟୀ ହୋଇଥିଲା। ୧୯୯୫-୯୬ରେ ନ୍ୟୁଜିଲାଣ୍ଡ ଏଠାରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳି ୦-୧ରେ ଏବଂ ୧୯୯୯-୨୦୦୦ ସିଜନରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୦-୧ରେ ହାରି ଥିବାବେଳେ ୨୦୦୩-୦୪ ସିଜନରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୦-୦ରେ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ୨୦୧୦-୧୧ରେ ଆସିଥିବା ନ୍ୟୁଜିଲାଣ୍ଡ ଦଳକୁ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦, ୨୦୧୨ରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୦, ୨୦୧୬-୧୭ରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୩-୦ରେ ଜିତି କ୍ଲିନ୍ ସୁଇପ୍ କରିଥିବାବେଳେ ୨୦୨୧ରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୦ରେ ଜିତିଛି। ତଥ୍ୟ ଅନୁସାରେ ନ୍ୟୁଜିଲାଣ୍ଡ ଶେଷଥରପାଇଁ ଭାରତ ମାଟିରେ ୧୯୮୮ରେ ଟେଷ୍ଟ ମ୍ୟାଚ ଜିତିବାକୁ ସକ୍ଷମ ହୋଇଥିଲା। ଏହାପରେ ଭାରତରେ ୭ଟି ସିରିଜ ଖେଳିସାରିଥିଲେ ହେଁ କୌଣସି ଗୋଟିଏ ହେଲେ ଟେଷ୍ଟରେ ବିଜୟୀ ହୋଇ ପାରିନାହିଁ।

### ମୁମ୍ବାଇ ଟେଷ୍ଟ ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୨୫। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୬୨। ଭାରତ ଦ୍ୱିତୀୟ ଇନିଂସ: ୨୭୬/୭ (ଘୋଷଣା)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୬୭/ଅଲଆଉଟ(ଡାରିଲ ମିଚେଲ-୬୦, ହେନରି ନିକୋଲ୍ସ-୪୪, ରବିଚନ୍ଦ୍ରନ ଅଶ୍ୱିନ-୪/୩୪, ଜୟନ୍ତ ଯାଦବ-୪/୪୯, ଅକ୍ଷର ପଟେଲ-୧/୪୨)।

### ଘରୋଇ ମାଟିରେ ଦ୍ରୁତ ୩୦୦ ଟେଷ୍ଟ ୱିକେଟ

୪୮: ମୁଥୟା ମୁରଲୀଧରନ (ଶ୍ରୀଲଙ୍କା)
୪୯: ରବିଚନ୍ଦ୍ରନ ଅଶ୍ୱିନ (ଭାରତ)
୫୨: ଅନିଲ କୁମ୍ବଲେ (ଭାରତ)
୬୫: ଶେନ ୱର୍ଣ୍ଣ (ଅଷ୍ଟ୍ରେଲିଆ)
୭୧: ଜିମି ଆଣ୍ଡରସନ (ଇଂଲଣ୍ଡ)
୭୬: ଷ୍ଟୁଆର୍ଟ ବ୍ରଡ୍ (ଇଂଲଣ୍ଡ)

### ଭାରତରେ ସର୍ବାଧିକ ଟେଷ୍ଟ ୱିକେଟ

୩୫୦: ଅନିଲ କୁମ୍ବଲେ
୩୦୦: ରବିଚନ୍ଦ୍ରନ ଅଶ୍ୱିନ
୨୬୫: ହରଭଜନ ସିଂ
୨୧୯: କପିଳ ଦେବ

## ଶୀର୍ଷ ସ୍ଥାନକୁ ଫେରିଲା ଭାରତ

**ଦୁବାଇ, ୬।୧୨ (ପି.ଟି.):** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଜିତିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ସିରିଜ ଜିତିବା ପରେ ଭାରତ ସୋମବାର ପ୍ରକାଶିତ ଆଇସିସି (ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍ସିଲ) ଟେଷ୍ଟ ର୍ୟାଙ୍କିଙ୍ଗରେ

**ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ**

ପ୍ରଥମ ସ୍ଥାନକୁ ଫେରିପାରିଛି। କାନପୁରଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ ଡ୍ର ଭାବେ ଶେଷ ହୋଇଛି। ମୁମ୍ବାଇ ଟେଷ୍ଟ ମ୍ୟାଚ ୪ ଦିନରେ ଶେଷ ହୋଇଛି। ଭାରତ ଏଥିରେ ୩୭୨ରନରେ ବିଜୟ ଲାଭ କରିଛି। ଗତ ଜୁନ୍‌ରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତ ହାରିଯାଇଥିଲା। ବିରାଟ କୋହଲି ଦଳର ରେଟିଂ ପଏଣ୍ଟ ବର୍ତ୍ତମାନ ୧୨୪ ରହିଛି। ର୍ୟାଙ୍କିଙ୍ଗ ତାଲିକାରେ ଏହା ପଛକୁ ପଛ ଯଥାକ୍ରମେ ନ୍ୟୁଜିଲାଣ୍ଡ (୧୨୧), ଅଷ୍ଟ୍ରେଲିଆ (୧୦୮), ଇଂଲଣ୍ଡ (୧୦୭), ପାକିସ୍ତାନ (୯୨), ଦକ୍ଷିଣ ଆଫ୍ରିକା (୮୮), ଶ୍ରୀଲଙ୍କା (୮୩), ୱେଷ୍ଟଇଣ୍ଡିଜ (୭୫), ବାଂଲାଦେଶ (୪୯) ଓ ଜିମ୍ବାୱେ (୩୧) ରହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟେବୁଲରେ ଭାରତ ୪୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଏହାର ବିଜୟ ହାର ୫୮.୩୩ ପ୍ରତିଶତ ରହିଛି। ଶ୍ରୀଲଙ୍କା ଦୁଇଟି ମ୍ୟାଚରେ ସମାନ ସଂଖ୍ୟକ ବିଜୟ ସହ ଷ୍ଟାଣ୍ଡିଂରେ ପ୍ରଥମ ଏବଂ ପାକିସ୍ତାନ ୬୬.୬୬ ପ୍ରତିଶତ ବିଜୟ ହାର ସହ ପାକିସ୍ତାନ ଦ୍ୱିତୀୟ ସ୍ଥାନରେ ଅଛି।

### ଭାରତର ବୃହତ୍ ବିଜୟ (ରନ୍ ଦୃଷ୍ଟିରୁ)

୩୭୨: ବନାମ ନ୍ୟୁଜିଲାଣ୍ଡ, ମୁମ୍ବାଇ, ୨୦୨୧
୩୩୭: ବନାମ ଦକ୍ଷିଣ ଆଫ୍ରିକା, ଦିଲ୍ଲୀ, ୨୦୧୫
୩୨୧: ବନାମ ନ୍ୟୁଜିଲାଣ୍ଡ, ଇନ୍ଦୋର, ୨୦୧୬
୩୨୦: ବନାମ ଅଷ୍ଟ୍ରେଲିଆ, ମୋହାଲି, ୨୦୦୮
୩୧୮: ବନାମ ୱେଷ୍ଟଇଣ୍ଡିଜ, ନର୍ଥ ସାଉଣ୍ଡ, ୨୦୧୯
୩୧୭: ବନାମ ଇଂଲଣ୍ଡ, ଚେନ୍ନାଇ, ୨୦୨୧
୩୦୪: ବନାମ ଶ୍ରୀଲଙ୍କା, ଗାଲେ, ୨୦୧୭
୨୮୦: ବନାମ ଦକ୍ଷିଣ ଆଫ୍ରିକା, କାନ୍‌ପୁର, ୧୯୯୬
୨୭୯: ବନାମ ଇଂଲଣ୍ଡ, ଲୀଡ୍ସ, ୧୯୮୬
୨୭୮: ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୧୫

## ରୁଷିଆକୁ ୧୫ ବର୍ଷ ପରେ ଡେଭିସ କପ୍ ଟାଇଟଲ

**ମାଡ୍ରିଡ, ୬।୧୨ (ଏପି):** ଡାନିଲ ମେଡ୍‌ଭେଡେଭ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ରୁଷିଆ ୧୫ ବର୍ଷ ପରେ ଡେଭିସ୍ କପ୍ ଟାଇଟଲ ଜିତିପାରିଛି। ଫାଇନାଲ ମୁକାବିଲାର ଦ୍ୱିତୀୟ ସିଙ୍ଗଲ୍ସରେ ମାର୍ସିନ ସିଲିକ୍‌ଙ୍କ ବିପକ୍ଷରେ ତାଙ୍କର ୭-୬ (୭), ୬-୨ରେ ବିଜୟ ଦ୍ୱାରା କ୍ରୋଏସିଆ ବିପକ୍ଷରେ ରୁଷିଆ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ଖେଳାଯିବାକୁ ଥିବା ଡବଲ୍ସ ମ୍ୟାଚ ଗୁରୁତ୍ୱହୀନ ହୋଇପଡ଼ିଥିଲା। ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ମେଡଭେଡେଭଙ୍କର ଡେଭିସ୍ କପ୍‌ରେ ଏହାଥିଲା କ୍ରମାଗତ ୫ମ ସିଧାସଳଖ ସେଟ୍ ବିଜୟ। ୩ ମାସ ପୂର୍ବେ ସେ ୟୁଏସ୍ ଓପନ୍‌ରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଥିଲେ। ମାଡ୍ରିଡ୍ ଆରେନାଠାରେ ପୂର୍ବରୁ ବୋର୍ନା ଗୋଜୋଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ଆନ୍ଦ୍ରେ ରୁବ୍ଲେଭ ରୁଷିଆକୁ ୧-୦ରେ ଅଗ୍ରଣୀ କରାଇଥିଲେ। ରୁଷିଆ ଏହାର ଅନ୍ୟ ଡେଭିସ୍ କପ୍ ଟାଇଟଲ ୨୦୦୨ରେ ଜିତିଥିଲା। ୨୦୦୫ ଓ ୨୦୧୮ରେ ସଫଳତା ପରେ କ୍ରୋଏସିଆ ମଧ୍ୟ ଏହାର ତୃତୀୟ ଟାଇଟଲ ଲକ୍ଷ୍ୟରେ ରହିଥିଲା। ଡବଲ୍ସରେ କ୍ରୋଏସିଆର ଶୀର୍ଷ ର୍ୟାଙ୍କିଙ୍ଗ ଯୋଡ଼ି ରହିଥିଲେ। ମାତ୍ର ସେମାନେ ଖେଳି ନ ଥିଲେ।



ଡେଭିସ୍ କପ୍ ଟାଇଟଲ ବିଜୟୀ ରୁଷିଆ ଦଳର ଖେଳାଳିମାନେ ଟ୍ରଫି ପ୍ରଦର୍ଶନ କରୁଛନ୍ତି।

## ଏଜାଜ୍‌ଙ୍କୁ ସମ୍ବର୍ଦ୍ଧିତ କଲା ଏମ୍‌ସିଏ


ସମ୍ବର୍ଦ୍ଧିତ ହେବା ଅବସରରେ ଏଜାଜ ପାଟିଲ(ଡାହାଣ)।

**ମୁମ୍ବାଇ, ୬।୧୨ (ପି.ଟି.):** ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ମୁଖ୍ୟ ବିଜୟ ପାଟିଲ ସୋମବାର ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ ପଟେଲଙ୍କୁ ସମ୍ମାନିତ କରିଛନ୍ତି। ଗୋଟିଏ ଇନିଂସରେ ସମସ୍ତ ୧୦ ୱିକେଟ ଅକ୍ତିଆର କରିବାରେ ଏଜାଜ ତୃତୀୟ ବୋଲର ହେବାର ଗୌରଭ ଅର୍ଜନ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଭାରତର ପ୍ରଥମ ଇନିଂସରେ ସମସ୍ତ ୧୦ ୱିକେଟ ଅକ୍ତିଆର କରି ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ଏଜାଜ ବିରଳ ୧୦ ୱିକେଟ କ୍ଲବରେ ଜିମ୍ ଲେକର ଓ ଆନିଲ କୁମ୍ବଲେଙ୍କ ସହ ଯୋଗ ଦେଇଛନ୍ତି। ଭାରତ ଏହି ମ୍ୟାଚରେ ୩୭୨ରନରେ ବିଜୟ ହାସଲ କରିଛି। ଏମ୍‌ସିଏ ସଭାପତି ବିଜୟ ପାଟିଲ ଏକ ସ୍କୋର ଶିଟ୍ ଓ ଏକ ସ୍ମାରକୀ ପ୍ରଦାନ କରି ଏଜାଜ ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ନ୍ୟୁଜିଲାଣ୍ଡ ସ୍ପିନର ଆଗକୁ ହେବାକୁଥିବା ଏମ୍‌ସିଏ ସଂଗ୍ରହାଳୟ ପାଇଁ କିଛି କରିଛନ୍ତି। ଏଜାଜ ପଟେଲ ସଂଗ୍ରହାଳୟକୁ ଏକ ବଲ୍ ଓ ଟି ଶର୍ଟ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଏଜାଜଙ୍କ ପିଲାଦିନ ମୁମ୍ବାଇରେ କଟିଛି। ତାଙ୍କ ସମ୍ପର୍କୀୟ ଭାଇ ସହର ଉପକଣ୍ଠରେ ବାସ କରୁଛନ୍ତି।

## ହାମିଲଟନ୍ ଜିତିଲେ ସାଉଦି ଆରବିଆନ ଗ୍ରାଁପ୍ରି

**ଜେଦାହ, ୬।୧୨ (ଏପି):** ରବିବାର ଅନୁଷ୍ଠିତ ସାଉଦି ଆରବିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସିଂରେ ମର୍ସିଡିଜର ଲୁଇସ୍ ହାମିଲଟନ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ଫଳରେ ସେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ତାଙ୍କ ପଏଣ୍ଟ ସଂଖ୍ୟା ପ୍ରତିଦ୍ୱନ୍ଦ୍ୱୀ ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କ ସହ ସମାନ ହୋଇଛି। ହେଲେ ଚଳିତ ସିଜନରେ ୯ଟି ରେସ୍ ଜିତିସାରିଥିବା ବେଳେ ହାମିଲଟନ ୮ଟିରେ ବିଜୟୀ ହୋଇଛନ୍ତି। ଏହି



ଲୁଇସ ହାମିଲଟନ

ଦୃଷ୍ଟିରୁ ଭର୍ଷ୍ଟାପେନ୍ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଏବେ ସୁଦ୍ଧା ପ୍ରଥମ ସ୍ଥାନରେ ରହିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ହାମିଲଟନଙ୍କ ପଛକୁ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟପ୍ ଟେନ୍‌ରେ ଯଥାକ୍ରମେ ସ୍ଥାନ ପାଇଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଭାଲଟେରି ବୋଟାସ (ମର୍ସିଡିଜ୍), ଏଷ୍ଟିବାନ ଓକନ (ଆଲପାଇନ୍), ଡାନିଏଲ୍ ରିକାର୍ଡୋ (ମ୍ୟାକଲରେନ୍), ପିଏରେ ଗ୍ୟାସ୍‌ଲି (ଆଲ୍‌ଫା ଟାଉରି), ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), କାର୍ଲୋସ ସେଞ୍ଜ୍ ଜୁନିୟର (ଫେରାରି), ଆଣ୍ଟୋନିଓ ଜିଓଭିନାଜି(ଆଲ୍‌ଫା ରୋମିଓ) ଓ ଲାଣ୍ଡୋ ନୋରିସ୍(ମ୍ୟାକଲରେନ୍)।

## ଦକ୍ଷିଣ ଆଫ୍ରିକା ଟୁର୍‌ର ସଂଶୋଧିତ କାର୍ଯ୍ୟସୂଚୀ

**ଜୋହାନ୍ସବର୍ଗ, ୬।୧୨ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଦକ୍ଷିଣ ଆଫ୍ରିକା ଟୁର୍‌ର ସଂଶୋଧିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଡିସେମ୍ବର ୨୬ରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ମ୍ୟାଚ ସେଞ୍ଚୁରିଅନଠାରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ଆସନ୍ତା ଜାନୁୟାରୀ ୩ରୁ ୭ ନ୍ୟୁଲାଣ୍ଡ୍ସରେ ଖେଳାଯିବାକୁଥିବା ବେଳେ ତୃତୀୟ ଟେଷ୍ଟ କେପ୍‌ଟାଉନ୍‌ଠାରେ ଜାନୁୟାରୀ ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ୩ ଅନ୍ତର୍ଜାତୀୟ ଦିନିକିଆ ବୋଲାଣ୍ଡ ପାର୍କ (ଜାନୁୟାରୀ ୧୯), ପାର୍ଲ (ଜାନୁୟାରୀ ୨୧) ଓ କେପ୍‌ଟାଉନ୍ (ଜାନୁୟାରୀ ୨୩)ଠାରେ ଖେଳାଯିବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୬।୧୨(ଡି.ଏନ୍.ଏ.):** ଟାଙ୍ଗୀ ଥାନା ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୭ଜଣଙ୍କୁ ଗିରଫ ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପାରିଓରଡ଼ ଗ୍ରାମର ଅର୍ଜୁନ ସେଠ୍, ହଂସରାଡ଼ିର ବାପୁନି ରାଉତ ଓ ବଂଶୀଧର ପ୍ରଧାନ,ସାନକୁସୁମୀ ଗ୍ରାମର କିଶୋର ମହାନ୍ତି ଓ କେଳୁଚରଣ ବେହେରା, ରାଧାମୋହନପୁରର ସୁଧାକର ରାଉତ ଓ ପ୍ରଫୁଲ୍ଲ ସାହୁ। ଏମାନଙ୍କ ନିକଟରୁ ୭ଟି ମୋବାଇଲ ଫୋନ, ୪ ବାଇକ୍ ଏବଂ ୮,୫୪୦ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୪୭୯/୨୧) ରୁଜୁ ହୋଇଛି ବୋଲି ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି। ସୂଚନା ମୁତାବକ, ଏହି ଥାନା ଅଞ୍ଚଳରେ ଜୁଆ ଖେଳ ବଢ଼ିବାରେ ଲାଗିଛି। ଏହିକ୍ରମରେ ସାନକୁସୁମୀ ଗ୍ରାମସ୍ଥିତ ଏକ ବିଦ୍ୟାଳୟରେ ଜୁଆ ଖେଳ ଚାଲୁଥିବା ଦେଇ ପୋଲିସକୁ ସୂଚନା ମିଳିଥିଲା। ଏଏସ୍ଆଇ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର ରାତିରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

### ଶିକ୍ଷକଙ୍କ ବିୟୋଗରେ ଶୋକ

**ଟାଙ୍ଗୀ(ଖୋର୍ଦ୍ଧା),୬।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବ୍ଲକ ଛକରେ ବାଇକ୍ ଧକ୍କାରେ ରବିବାର ନୟାଗଡ଼ ଜିଲା କୁକୁଡ଼ାଝରୀ ଗ୍ରାମର ଶିକ୍ଷକ ସନ୍ତୋଷ ରାଉତରାୟଙ୍କ ମୃତ୍ୟୁ ଘଟିଥିଲା। ରଣପୁର ବ୍ଲକ ଚମ୍ପାପେଡି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବ୍ୟବଚ୍ଛେଦ ପରେ ସୋମବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଯୁବକ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଟାଙ୍ଗୀ ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୪୮୦/୨୧) ରୁଜୁକରି ତଦନ୍ତ ଚଳାଇଛି।

### ହସ୍ପିଟାଲରୁ ଚୋରି, ୨ ଗିରଫ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଶହୀଦନଗର ଥାନା ଆଚାର୍ଯ୍ୟ ବିହାରସ୍ଥିତ ଏକ ହସ୍ପିଟାଲରୁ ଚୋରି କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଶାନ୍ତିପଲ୍ଲୀ ବସ୍ତିର ଅଶୋକ ବିଶ୍ୱାଳ ଓ ନୟାପଲ୍ଲୀ ଥାନା ଗଣପତିନଗର ବସ୍ତିର ରମେଶ ଦିଗଲ। ସେମାନଙ୍କ ଠାରୁ ଚୋରି ଲୁହା ସାମଗ୍ରୀ ଜବତ ହୋଇଛି।

### ୧୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** କ୍ୟାପିଟାଲ ଥାନା ରାଜମହଲ ଛକରେ ଜଣେ ବ୍ରାଉନସୁଗେର ବେପାରୀଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଏସ୍.କେ. ୟୁସୁଫ୍ (୪୨)। ତାଙ୍କଠୁ ୧୦ ଗ୍ରାମ ବ୍ରାଉନସୁଗାର ସମେତ ଗୋଟିଏ ମୋବାଇଲ ଫୋନ, ନଗଦ ୩୭,୯୪୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଏ ନେଇ ପୋଲିସ ଏକ ମାମଲା (ନଂ. ୭୮୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ୟୁସୁଫ୍ ବ୍ରାଉନସୁଗାର ବିକ୍ରି କରିବାକୁ ପ୍ରାୟ ରାଜମହଲ ଛକ ଆସନ୍ତି। ହେଲେ ପୋଲିସ ଜାଣିପାରନ୍ତି ନାହିଁ। ସୋମବାର ମଧ୍ୟାହ୍ନରେ ସେ ବ୍ରାଉନସୁଗର ବିକ୍ରି କରିବାକୁ ଆସିଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

### ନ୍ୟାୟ ଦାବିରେ ଧାରଣା

**ପୁରୀ ଅଫିସ ୬।୧୨:** ପୈତୃକ ସମ୍ପତ୍ତିକୁ ନେଇ ଗ୍ରାମରୁ ବାସନ୍ଦ ହୋଇଥିବା ରଶ୍ମି ପାଢୀଙ୍କ ପରିବାର ନ୍ୟାୟ ଦାବିରେ ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମାଲୁଦ ଗ୍ରାମର ରଶ୍ମି କହିଛନ୍ତି, ତାଙ୍କ ଜେଜେ ବାପା ଓ ଜେଜେ ମା'ଙ୍କ ମୃତ୍ୟୁ ପରେ ବାପା ମସ୍ତିଷ୍କ ଭାରସାମ୍ୟ ହରାଇଛନ୍ତି। ଏହାର ଫାଇଦା ଉଠାଇ ତାଙ୍କ ବଡ଼ବାପା ପୈତୃକ ସମ୍ପତ୍ତିକୁ ନିଜ ନାମରେ କରାଇନେଇ ଅନ୍ୟକୁ ବିକ୍ରି କରିବା ଲାଗି ହସ୍ତାନ୍ତର କରିଦେଇଛନ୍ତି। ସେ ଏ ନେଇ କୃଷ୍ଣପ୍ରସାଦ ଥାନାରେ ଏତଲା ଦେଇଥିଲେ। ପୋଲିସ ଉପସ୍ଥିତିରେ ସମ୍ପତ୍ତି ବଣ୍ଟନ ପାଇଁ ସ୍ଥିର ହୋଇଥିଲା। ମାତ୍ର ଉକ୍ତ ଦିନ ବଡ଼ବାପା ଥାନାକୁ ଆସିଲେ ନାହିଁ। ପରେ ତାଙ୍କୁ କେତେଜଣ ବ୍ୟକ୍ତି ଗ୍ରାମରୁ ବାସନ୍ଦ କରିଥିଲେ। ପୋଲିସ ଜାଣି ମଧ ଚୁପ୍ ବସିଲା। ଏସ୍ପିଙ୍କ ଠାରୁ ବି ନିରାଶ ହେବାକୁ ପଡ଼ିଲା। ତେଣୁ ସେ ନ୍ୟାୟ ପାଇଁ ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# 'ଜୟୀ ରାଜଗୁରୁଙ୍କୁ ଉପଯୁକ୍ତ ସମ୍ମାନ ମିଳିନି'

**ଖୋର୍ଦ୍ଧା ଅଫିସ,୬।୧୨**

ଖୋର୍ଦ୍ଧା ହେଉଛି ଏକ ବୀର ମାଟି। ୧୮୫୭ର ସିପାହି ବିଦ୍ରୋହର ୪୦ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହ। ୧୮୦୪ରେ ମହାନ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଏହାର ବୀଜରୋପଣ ହୋଇଥିଲା। ବ୍ରିଟିଶ ବିରୋଧରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ପରବର୍ତ୍ତୀ ସମୟରେ ୧୮୧୭ରେ ବକ୍ସି ଜଗବନ୍ଧୁ ଏହି ସଂଗ୍ରାମର ନେତୃତ୍ୱ ନେଇଥିଲେ। ହଜାର ହଜାର ପାଇକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଜୟୀ ରାଜଗୁରୁଙ୍କ ବଳିଷ୍ଠ ନେତୃତ୍ୱ, ପାଇକ ବୀରଙ୍କ ବୀରତ୍ୱ ଆଗରେ ବ୍ରିଟିଶ ସରକାର ମଥା ନୁଆଁଇଥିଲେ। ଏହି ସଂଗ୍ରାମ ପାଇଁ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଖୋର୍ଦ୍ଧାଗଡ ଏବଂ ବରୁଣେଇ ପାହାଡ଼ ହେଉଛି ଏହାର ମୂକସାକ୍ଷୀ। ପାଇକଙ୍କ ବୀରତ୍ୱ, ଶୌର୍ଯ୍ୟକୁ ନେଇ ସାରା ଓଡ଼ିଶା ଗର୍ବ ଅନୁଭବ କରେ। ଖୋର୍ଦ୍ଧାଗଡରେ ଅନେକ ଐତିହ୍ୟ କାଳଗର୍ଭରେ ଲୀନ ହୋଇଯାଇଛି। ଏହାକୁ ଖନନ କରାଗଲେ, ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ। ଭାରତର ସ୍ୱାଧୀନତା ସଂଗ୍ରାମରେ ଜୟୀ ରାଜଗୁରୁଙ୍କ ବଳିଦାନ ସର୍ବଦା ଇତିହାସରେ ଜାଜ୍ୱଲ୍ୟମାନ ହୋଇରହିବ। ଏ ଜାତି ସର୍ବଦା ତାଙ୍କ ନିକଟରେ ଚିରଋଣୀ ହୋଇରହିବ। ବ୍ରିଟିଶ ସରକାର ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଆଜି ମଧ୍ୟ ତାଙ୍କ ଫାଶୀକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ତାଙ୍କ ଫାଶୀ ସ୍ଥାନ ପଶ୍ଚିମବଙ୍ଗ ମେଦିନାପୁର କି ବାଲେଶ୍ୱର ମେଦିନାପୁର ତା'କୁ ନେଇ ଗବେଷକଙ୍କ ପକ୍ଷରୁ ଭିନ୍ନ ଭିନ୍ନ ମତପ୍ରକାଶ ପାଉଛି। ତେବେ ମାତୃଭୂମିର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଜୟୀ ରାଜଗୁରୁଙ୍କୁ ଦେଶରେ ଉପଯୁକ୍ତ ସମ୍ମାନ ମିଳିନାହିଁ ବୋଲି ଜୟୀ ରାଜଗୁରୁଙ୍କ ୨୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଖୋର୍ଦ୍ଧା ଐତିହ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ମିଶ୍ର କହିଛନ୍ତି।

### ଜୟୀ ରାଜଗୁରୁଙ୍କ ୨୧୫ତମ ବଳିଦାନ ଦିବସ





ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଐତିହ୍ୟ ପରିଷଦର କର୍ମକର୍ତ୍ତାମାନେ।

ପରିଷଦ ପକ୍ଷରୁ ଗଡ଼ଖୋର୍ଦ୍ଧା ସ୍ଥିତ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରାଯାଇଥିଲା। ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ ଯେ, ଜୟୀ ରାଜଗୁରୁ ଜଣେ ଆଜନ୍ମ ଦେଶଭକ୍ତ ଥିଲେ। ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମର ସ୍ୱର ଉତ୍ତୋଳନ କରିଥିବା ଏହି ବିପ୍ଳବୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଥମ ଶହୀଦର ମାନ୍ୟତା ଦିଆଯାଇନାହିଁ। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୁଭ୍ରରଞ୍ଜନ ଦାସ, ରାକେଶ ସାହୁ, ରଞ୍ଜିତ କେଏନ ସାମନ୍ତରାୟ, ପ୍ରଦୀପ ବେହେରା, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁ ଏବଂ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ତାଙ୍କ ବୀରତ୍ୱର ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଗଡଖୋର୍ଦ୍ଧାର ପୁନରୁଦ୍ଧାର କରାଯାଉନାହିଁ। ଗଡଖୋର୍ଦ୍ଧାର ଉନ୍ନତି ସହିତ ଏହାର ଚାରିପାଖେ ବିଲୁପ୍ତ ଅବସ୍ଥାରେ ରହିଥିବା ମଠ, ମନ୍ଦିର, ପୋଖରୀ ପୁନରୁଦ୍ଧାର କରାଗଲେ, ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ସହ ପର୍ଯ୍ୟଟକଙ୍କ ଆକର୍ଷଣ ସାଜିବ। ନିକଟରେ ରହିଥିବା ବରୁଣେଇ ପାହାଡ ଉପରେ ବୌଦ୍ଧ କୀର୍ତିରାଜୀ, ଶୀଳାଲେଖର ଚିହ୍ନ ରହିଛି। ପ୍ରାଚୀନ ଗଡ଼ ଏବଂ ବରୁଣେଇ ଚତୁଃପାର୍ଶ୍ୱର ଉନ୍ନତି କରାଗଲେ ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ। ବରୁଣେଇ ପାହାଡ଼ ପାଦଦେଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ପାଇକ ସ୍ମାରକୀ ନିର୍ମାଣ ଶିଳାନ୍ୟାସ ସତ୍ତ୍ୱେ ଏପର୍ଯ୍ୟନ୍ତ କାର୍ଯ୍ୟ ଆଗେଇ ପାରୁନାହିଁ। ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ କେନ୍ଦ୍ର ବିଜ୍ଞାନ ଭବନରେ ତତ୍କାଳୀନ ରାଷ୍ଟ୍ରପତି ପୂର୍ତ୍ତି ସମାରୋହ ଉଦ୍‌ଘାଟନ କରିଥିଲେ। ଏକ ବର୍ଷ ବ୍ୟାପୀ କେନ୍ଦ୍ର ଓ ରାଜ୍ୟ ପକ୍ଷରୁ ବିଭିନ୍ନ ସଭା,ସମିତି,କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏବେ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା କୋଟି କୋଟି ଓଡ଼ିଆଙ୍କ ଅସ୍ମିତା ପ୍ରତି କୁଠାରାଘାତ ବୋଲି ମତପ୍ରକାଶ ପାଇଥିଲା।

## 'ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ପକାଇଥିଲେ'

**ଖୋର୍ଦ୍ଧା ଅଫିସ,୬।୧୨**

ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ସୋମବାର ଜୟୀ ରାଜଗୁରୁଙ୍କ ୨୧୫ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଡଖୋର୍ଦ୍ଧା ପଞ୍ଚପାଇକଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଫୋରମ୍ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବୈକୁଣ୍ଠନାଥ ରାଜଗୁରୁ ଓ ରାମଶଙ୍କର, ଆଇନଜୀବୀ ଶିଶିର ପରିଡ଼ା, ପ୍ରମୋଦ ସାହୁ, ଅଦ୍ୱୈତ ପ୍ରଧାନ, ବିକ୍ରମ ଚମ୍ପତି, ବସନ୍ତ ଦାସ, ସୁବାସ ପାତ୍ର, ଡ.ବୃନ୍ଦାବନ ପଣ୍ଡା, ବିପ୍ର ବେହେରା, ବାସା ଖାନ୍, ମୁମ୍ତାଜ ଖାଁ, ଇତିଶ୍ରୀ ସାହୁ, ଗୋପାଳକୃଷ୍ଣ ଦାସ, ସୁବାସ ସାମନ୍ତରାୟ, ବୈକୁଣ୍ଠ ମହାପାତ୍ର, ଧରଣୀ ଛୋଟରାୟ, ବିଜୟ ପ୍ରଧାନ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶହୀଦ୍ ଜୟୀ ରାଜଗୁରୁଙ୍କୁ ବ୍ରିଟିଶ ସରକାର ଅତି ନୃଶଂସ ଭାବେ ହତ୍ୟା କରିଥିଲେ। ମାତୃଭୂମିର ସୁରକ୍ଷା ଏବଂ ବ୍ରିଟିଶ ହାତରୁ ପରାଧୀନତାର ଶୃଙ୍ଖଳକୁ ଛିନ୍ନ କରିବା ପାଇଁ ୧୮୦୪ରେ ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସଂଗ୍ରାମ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପକାଇଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମତପ୍ରକାଶ ପାଇଥିଲା। ପାଇକ ବିଦ୍ରୋହକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ଦେବା ଲାଗି ରାଜ୍ୟ ସରକାରଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶାବାସୀଙ୍କ ପ୍ରତି ଅନ୍ୟାୟ କରିଛନ୍ତି। ଏବେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତାର ସଂଗ୍ରାମର ମାନ୍ୟତା ଲାଗି ଫୋରମ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଐତିହାସିକ, ଗବେଷକ, ବୁଦ୍ଧିଜୀବୀ ଏବଂ ସବୁ ବର୍ଗରେ ମତ ସଂଗ୍ରହ କରାଯାଇ କେନ୍ଦ୍ରୀୟ ସ୍ତରରେ ଦାବି ଉପସ୍ଥାପନ କରାଯିବ ବୋଲି ଫୋରମ ସଭାପତି ପୃଷ୍ଟି କହିଛନ୍ତି।



ବୋଲଗଡ଼: କୃଷି ଅଧିକାରୀମାନେ ସୋମବାର କ୍ଷତିଗ୍ରସ୍ତ ଧାନକ୍ଷେତ ବୁଲି ଦେଖୁଛନ୍ତି।

## ଧାନକ୍ଷେତ ବୁଲି ଦେଖିଲେ କୃଷି ଅଧିକାରୀ

**ବୋଲଗଡ଼/ନିରାକାରପୁର, ୬।୧୨(ଡି.ଏନ୍.ଏ.)**

ଲଗାଣ ବର୍ଷାରେ ବୋଲଗଡ଼ ଓ ଟାଙ୍ଗୀ ବ୍ଲକ ଅଞ୍ଚଳରେ ହେକ୍ଟର ହେକ୍ଟର ଧାନ ଫସଲ ନଷ୍ଟ ହୋଇଯାଇଛି। କ୍ଷତିପୂରଣ ଦାବିରେ ବୋଲଗଡ଼ ସର୍ବଦଳୀୟ ଚାଷୀ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ସୋମବାର ବ୍ଲକ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ୪ଟି ପଞ୍ଚାୟତ ବାଙ୍କୋଇଦେଶ, କୁମ୍ଭାରୀ, ଫାସିଓଦା ଓ ଦଳାଇସାହି ଅଞ୍ଚଳ ପରିଦର୍ଶନ କରି ଧାନ ଫସଲର କ୍ଷୟକ୍ଷତି ଆକଳନ କରି ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ପରିଦର୍ଶନ ବେଳେ ସହକାରୀ କୃଷି ଅଧିକାରୀ ସୀତା ରତ୍ନମାଳା ଦାସ, ଆମ୍ମା ସଭାପତି ବାନାମ୍ବର ମାଝି, କୃଷକ ମହାସଂଘ ସଭାପତି ସୁରେଶ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ତାଜର ଅଲ୍ଲୀ ଖାଁ, ସମିତିସଭ୍ୟ ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ କୃଷି ଅଧିକାରୀ ଶୁଶାନ୍ତ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ନିରାକାରପୁର, ଡିଆ ଦାୟିତ୍ୱରେ ଥିବା ଗ୍ରାମସେବକ ପ୍ରତାପ କୁମାର ସାହୁ, କମାଗୁର ଗ୍ରାମସେବକ ବିଜୟ କୁମାର ସାହୁଙ୍କ ସମେତ କୃଷି କର୍ମଚାରୀ ନିରାକାରପୁର, ଡିଆ, ରାମେଶ୍ୱର, ଲେଣ୍ଡୋ, ନୂଆଗଡ, ଭୂଷଣ୍ଡପୁର, କନ୍ତଳବାଇ, ବାଲିପଟପୁର ଆଦି ପଞ୍ଚାୟତ ଅଞ୍ଚଳର ଧାନ କ୍ଷେତ ବୁଲି ଦେଖିଥିଲେ। ଉଚ୍ଚା ଜମିରେ ୫୦ ପ୍ରତିଶତ, ମଧ୍ୟମ ଜମିରେ ୬୦ପ୍ରତିଶତ ଓ ଖାଲୁଆ ଜମିରେ ହୋଇଥିବା ଫସଲ ୭୦ପ୍ରତିଶତ କ୍ଷତିହୋଇଥିବା ଗ୍ରାମସେବକ ସାହୁ କହିଛନ୍ତି। ଚଳିତ ବର୍ଷ ଟାଙ୍ଗୀ ବ୍ଲକରେ ୯୮୦୯ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ସେଥିରୁ ୫୩୯୩ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଥିବା ଟାଙ୍ଗୀ କୃଷିବିଭାଗ ପକ୍ଷରୁ ସୂଚନା ମିଳିଛି। ଆଉଥରେ କୃଷି ବିଭାଗ ଓ ରାଜସ୍ୱ ବିଭାଗ ତଦନ୍ତ କରି ଆକଳନ କରିବା ପରେ କ୍ଷତିଗ୍ରସ୍ତ ଚାଷୀମାନେ ସହାୟତା ପାଇବେ ବୋଲି କୃଷି ଅଧିକାରୀ ମିଶ୍ର କହିଛନ୍ତି।

## କ୍ଷେତ୍ରବାସୀ ଏକାଡେମୀ ସ୍କୁଲ ହେବ ରୂପାନ୍ତର

**ନିରାକାରପୁର,୬।୧୨(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଏକାଡେମୀ ସ୍କୁଲ ହେବ ରୂପାନ୍ତର। ଏନେଇ ସୋମବାର ସ୍କୁଲ ପରିସରରେ ପୁରାତନ ଛାତ୍ରଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ଆବାହକତ୍ୱରେ ସଭାପତି ରବୀନ୍ଦ୍ର ରାଉତରାୟ ସଭାପତିତ୍ୱ କରିଥିଲେ। ଏହି ବ୍ଲକରେ ୧୧ଟି ସ୍କୁଲ ରୂପାନ୍ତର ହେବାକୁ ଥିବା ବେଳେ ଏହି ସ୍କୁଲର ନାଁ ରହିଛି। ବିଧ୍ୟାଳୟରେ ମୋଟ୍ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୬୩୨ ରହିଥିବା ବେଳେ ନବମରେ ୧୬୦ ଓ ଦଶମରେ ୧୩୬ ଛାତ୍ରୀଛାତ୍ର ରହିଛନ୍ତି। ଏନେଇ ଭାରପ୍ରାପ୍ତ ପଧାନ ଶିକ୍ଷକ ଦିଲୀପ କୁମାର ଦାସ କହିଛନ୍ତି, ସ୍କୁଲ ରୁପାନ୍ତରିତ ପାଇଁ ୪୫ଲକ୍ଷ ଟଙ୍କା ମଧ୍ୟରୁ ଦିନେ ଦୁଇଦିନ ମଧ୍ୟରେ ୨୦ଲକ୍ଷ ମଞ୍ଜୁର ହେବ। ପୁରାତନ ଛାତ୍ର ସଭାପତି ରାଉତରାୟ କହିଛନ୍ତି, ୪୫ ଲକ୍ଷ ଟଙ୍କା ସହିତ ଆର୍‌ଡିରୁ ୧୨ଲକ୍ଷ ଟଙ୍କା ମଧ୍ୟ ମଞ୍ଜୁର ହେବ। ସମ୍ପାଦକ ପଧାନ କୁହନ୍ତି, ପ୍ରଶାସନକୁ ବାରମ୍ବାର ନିବେଦନ କରିବା ପରେ ଦୁଇ ମାସ ପୂର୍ବେ ଏହି ସ୍କୁଲ ରୂପାନ୍ତର ହେବା ନେଇ ଚିଠି ପାଇଥିଲୁ।

## 'ଆମ୍ବେଡକରଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୁଅ'

**ଜଟଣୀ,୬।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ୍ ମଣ୍ଡଳ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଓପନ୍ ଲାଇନ ଶାଖା ପକ୍ଷରୁ ସୋମବାର ଭୀମରାଓ ରାମଜି ଆମ୍ବେଡକରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଶୁତୋଷ ବ୍ରହ୍ମାଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଏଲ.ଡି. ମହାନ୍ତି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ, ଡି.ଜୟ କୁମାର, ସିଓବି ଏମ୍.ଜି.କେ ରାଓ, ସୁବ୍ରତ ପଣ୍ଡା, ପି.ରାଜା ରାଓ, କେ.ଭି ସୁଧାକର, ଜି.ରାମ ମୋହନ ରାଓ, ରସିଦ ବାଶା, ଆୟୁଷ ହର୍ଷ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଶ୍ରମିକ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ସେହିପରି ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ଆମ୍ବେଡକରଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା) ଅଶୋକ କୁମାରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ରେଳ କର୍ମଚାରୀ ଆମ୍ବେଡକରଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ କାର୍ମିକ ଅଧିକାରୀ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୂଡ଼ାରେ ପୁଷ୍ଟି ମହୋତ୍ସବ



ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବୋଲଗଡ଼,୬।୧୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଡାବରଧୁଆ ପଞ୍ଚାୟତ ଅନ୍ତର୍ଗତ ଚୂଡ଼ାସ୍ଥିତ ରାମଚଣ୍ଡୀ ମନ୍ଦିର ପରିସରରେ ସୋମବାର ପୁଷ୍ଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଡାବରଧୁଆ ପଞ୍ଚାୟତ ମହିଳା ମିଶନ ଶକ୍ତି ସଭାନେତ୍ରୀ ସରୋଜିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିପିଏମ୍ ପ୍ରକାଶ ବଳିୟାରସିଂହ, ବିପିସି ସୁରୁଚି ସୁପ୍ରୀତି ସାହୁ, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ ଶୈଳବାଳା ବାହିନୀପତି, ସମ୍ପାଦିକା ଗୀତାଞ୍ଜଳି ମହାନ୍ତି, ବିଏଲ୍‌ସି ଈଶ୍ୱର ଚନ୍ଦ୍ର ପରିଡା, ଏମବିକେ ନିର୍ମଳା ଦତ୍ତ, ବ୍ୟାଙ୍କ ମିତ୍ର ପ୍ରତିମା କହଲସିଂହ ପ୍ରମୁଖ ଯୋଗଦେଇଥିଲେ। ଚୂଡ଼ା ରାମେଶ୍ୱର ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର କେତେଜଣ ମହିଳାଙ୍କୁ ଗତ ବର୍ଷ ଠାରୁ ବାରି ବଗିଚାରେ ପୁଷ୍ଟିକର ଖାଦ୍ୟ ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଏଠାରେ ଯୋଗଦେଇ ସେମାନେ ଉତ୍ପାଦନ କରିଥିବା ପନିପରିବା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମିଶନ ଶକ୍ତିର ମହିଳା ସଦସ୍ୟାଙ୍କୁ ସ୍ମାର୍ଟ କାର୍ଡ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମାଞ୍ଚଳ ମହିଳାଙ୍କୁ ସଚେତନ କରିବା ନେଇ ପରାମର୍ଶ ଦିଆଯାଇଥିଲା। ଡାବରଧୁଆ ପଞ୍ଚାୟତ ମିଶନ ଶକ୍ତି ସମ୍ପାଦିକା ଉର୍ମିଳା ସାହୁ ଧନ୍ୟବାଦ ଦେଇଥିଲେ। ଗୟାଧର ମହାପାତ୍ର, ଦିଲ୍ଲୀପ ଦତ୍ତ, କାଳୁଚରଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରେଭେନ୍‌ଶାରେ ହେବ କବି ସଚ୍ଚିଦାନନ୍ଦଙ୍କ ସ୍ମୃତିସ୍ତମ୍ଭ



କବି ସଚ୍ଚିଦାନନ୍ଦଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ କରାଯାଉଛି।

**ଖୋର୍ଦ୍ଧା ଅଫିସ,୬।୧୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ପରିସରରେ ସ୍ଥାପନ ହେବ କାଳଜୟୀ କବି ତଥା 'ଛୋଟ ମୋର ଗାଁଟି' ର ଲେଖକ ସଚ୍ଚିଦାନନ୍ଦ ରାଉତରାୟ ସ୍ମୃତି ସ୍ତମ୍ଭ। ଏହି ହଷ୍ଟେଲର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର କବି ରାଉତରାୟଙ୍କ ଜନ୍ମସ୍ଥାନ ଖୋର୍ଦ୍ଧା ଜିଲା ଗୁରୁଜଙ୍ଗସ୍ଥିତ ବାସଭବନରୁ ସ୍ମୃତି ସ୍ତମ୍ଭ ପାଇଁ ମାଟି ସଂଗ୍ରହ କରାଯାଇ ନିଆଯାଇଛି।

ଆସନ୍ତା ୨୪ ତାରିଖରେ ଇଷ୍ଟ ହଷ୍ଟେଲ ତା'ର ଶତବାର୍ଷିକୀ ପାଳନ କରୁଛି। ପୂର୍ବତନ ଛାତ୍ର ଏବଂ ଅନ୍ତେବାସୀଙ୍କୁ ଯୋଡିବାର ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି ଇଷ୍ଟ ହଷ୍ଟେଲ ଆଲୁମ୍ନି। ଏହି ବିଭାଗର ପୂର୍ବତନ ଓ ବର୍ତ୍ତମାନର ଅନ୍ତେବାସୀଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ କବି ରାଉତରାୟଙ୍କ ଜନ୍ମସ୍ଥାନରେ ପହଞ୍ଚିଥିଲେ। ସେଠାରେ ଭୂମି ପୂଜନ ସହ ମାଟି ସଂଗ୍ରହ କରାଯାଇଥିଲା। ଏହି ମାଟିରେ ହଷ୍ଟେଲ ପରିସରରେ ଏକ ସ୍ମୃତି ସ୍ତମ୍ଭ ସ୍ଥାପନ ସହ ଚାରାରୋପଣ କରାଯିବ। ଏଥିସହ ସାହିତ୍ୟ ସାଧକ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ କରାଯିବ। ଆଲୁମ୍ନି ସଦସ୍ୟ ତଥା ଆୟକର ମୁଖ୍ୟ କମିଶନର ମନୋରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶଶାଙ୍କ ଶେଖର ରାଉତ, ରୁଦ୍ର ନାରାୟଣ ଧଳସାମନ୍ତ, ସନ୍ତୋଷ ସେଠୀ, ଅମିତ ସାହୁ, ଇଷ୍ଟ ଆଲୁମ୍ନି ଆସୋସିଏଶନ ସଭାପତି ପ୍ରତାପ ମହାନ୍ତି, ଓୟୁଏଟିର କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ସର୍ବନାରାୟଣ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏନେଇ ଆୟକର କମିଶନର ପାଣିଗ୍ରାହୀ କହିଥିଲେ, ୧୯୨୧ରେ ରେଭେନ୍ସାର ନୂତନ କ୍ୟାମ୍ପସ ସ୍ଥାପନ ହୋଇଥିଲା। ବିଶ୍ୱବିଦ୍ୟାଳୟର ଉଭୟ ପାର୍ଶ୍ୱରେ ଇଷ୍ଟ ଏବଂ ୱେଷ୍ଟ ହଷ୍ଟେଲ ରହିଛି। କବି ରାଉତରାୟ ଏହି ଇଷ୍ଟ ହଷ୍ଟେଲର ଅନ୍ତେବାସୀ ଥିଲେ। ସାହିତ୍ୟ ସାଧକ ପାଣିଗ୍ରାହୀ ମଧ ଇଷ୍ଟ ହଷ୍ଟଲର ଅନ୍ତେବାସୀ ଥିଲେ। ଏମାନେ ଓଡ଼ିଶାର ବାଣୀଭଣ୍ଡାରଙ୍କୁ ସମୃଦ୍ଧ କରିଛନ୍ତି। ସେମାନଙ୍କ ଉପଯୁକ୍ତ ସମ୍ମାନ ଶ୍ରଦ୍ଧା ସୁମନ ପୂର୍ବକ ମାଟି ସଂଗ୍ରହ କରାଯାଇଛି ବୋଲି ସେ କହିଛନ୍ତି।

### ଜନ୍ମସ୍ଥାନ ଗୁରୁଜଙ୍ଗରୁ ମାଟି ଗଲା

## ପାଣିରେ ଭାସୁଛି ପାଚିଲା ଧାନ

**ଜଟଣୀ,୬।୧୨(ଡି.ଏନ୍.ଏ.)**

ଲଗାଣ ବର୍ଷାରେ ଜଟଣୀ ବ୍ଲକ ଅଞ୍ଚଳର ଧାନ ଫସଲ ଜଳମଗ୍ନ ହୋଇପଡ଼ିଛି। ପାଣିରେ ପାଚିଲା ଧାନ ଭାସୁଥିବା ଦେଖିବାକୁ ମିଳିଛି। ଏହି ବ୍ଲକ ଅନ୍ତର୍ଗତ ପଦନପୁର ପଞ୍ଚାୟତର ବଡ଼ତୋଟା, ବେଲପଡା, ଖୁଦୁପୁର ଏବଂ ଉପରବସ୍ତ ଗ୍ରାମର ସହ ସହ ଚାଷୀଙ୍କ ୧୦୦ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଯାଇଛି। ତୁରନ୍ତ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀଙ୍କୁ ସହାୟତା ପ୍ରଦାନ ଲାଗି ସାଧାରଣରେ ଦାବି ହୋଇଛି।

# ସେବା, ସମର୍ପଣ ଭାବ ପ୍ରଶଂସନୀୟ

**ଖୋର୍ଦ୍ଧା ଅଫିସ,୬।୧୨**

ଖୋର୍ଦ୍ଧା ଜିଲା ପୋଲିସ ଏବଂ ଗୃହରକ୍ଷୀ ସଙ୍ଗଠନ ପକ୍ଷରୁ ୫୯ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ତରତୁଆସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ସୋମବାର ପାଳିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ରାଜକିଶୋର ଦୋରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗୃହରକ୍ଷୀ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରିଥିଲେ। ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୋଲିସ, ଅଗ୍ନିଶମ ସେବା ସଂସ୍ଥା ଏବଂ ଜିଲା ପ୍ରଶାସନ ସହ ମିଶି ଜନସାଧାରଣଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରି ଆସୁଛନ୍ତି।





ଜଣେ ଗୃହରକ୍ଷୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ପ୍ରତି କୋଭିଡ୍ ମହାମାରୀ ସମୟରେ ଗୃହରକ୍ଷୀମାନେ ନିଃସ୍ୱାର୍ଥପର ଭାବେ ସେବା ପ୍ରଦାନ କରି ନିଜକୁ କୋଭିଡ୍ ଯୋଦ୍ଧାଭାବେ ପ୍ରତିପାଦନ କରିପାରିଛନ୍ତି।

### ୫୯ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ

ଏପରିକି କେତେଜଣ ଗୃହରକ୍ଷୀ କର୍ତ୍ତବ୍ୟ ପାଳନ ବେଳେ ଜୀବନକୁ ଉତ୍ସର୍ଗ ମଧ୍ୟ କରିଛନ୍ତି। ଗୃହରକ୍ଷୀଙ୍କ ସେବା ଓ ସମର୍ପଣ ଭାବ ଉଚ୍ଚ ପ୍ରଂଶସନୀୟ ବୋଲି ଏସ୍‌ପି ଦୋରା କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ଲାଗି କେତେଜଣ ଗୃହରକ୍ଷୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୁରେଶ କୁମାର ଦାଶ, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ସମେତ ସମସ୍ତ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

### ଟ୍ରାଫିକ୍ ଜାମ୍ ଯୋଗୁ ଅଟକିଲା ଆମ୍ବୁଲାନ୍ସ

ଗୋପ,(ଡି.ଏନ୍.ଏ.)- ଦିନକୁ ଦିନ ସରକାରୀ ରାସ୍ତା ଜବରଦଖଲ ହେବାରେ ଲାଗିଛି। ଏଥିପ୍ରତି ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାବେଳେ ଜିଲା ପ୍ରଶାସନ ମଧ୍ୟ ଚୁପ ହୋଇ ବସିଛି। ଫଳରେ ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସଠାରୁ ଆରମ୍ଭ କରି ରାସ୍ତାରେ ଯାଉଥିବା ଲୋକ, ପର୍ଯ୍ୟଟକ ମଧ୍ୟ ଅଟକି ରହୁଛନ୍ତି। ଏହାର ଦୃଷ୍ଟାନ୍ତ ସୋମବାର ଗୋପ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଟ୍ରାଫିକଜାମ ଯୋଗୁ ସକାଳେ ଗୋଟିଏ ଆମ୍ବୁଲାନ୍ସ ପ୍ରାୟ ୧୫ ମିନିଟ ଧରି ଅଟକିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୬।୧୨।୨୦୨୧

| ୧,୧୩,୮୪୬ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

### ଆଜି କ'ଣ କେଉଁଠି

ପୁରୀ

- ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ବାର୍ଷିକ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା।
- ସୁଧା ଅନୁଷ୍ଠାନ ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ୟୁଥ ହଷ୍ଟେଲ, ପୂର୍ବାହ୍ନ ୧୦ଟା।

# ଠିକ୍ ସମୟରେ ୟୁସି ଦାଖଲ ହୋଇନି

- ୮୦ ଭାଗ ଦାଖଲ ସରିଛି: ଶ୍ରୀମନ୍ଦିର ପ୍ରଶାସନ
- ୭ ଦିନରେ ପ୍ରମାଣପତ୍ର ନକଲ ଦିଅ: ଆଇନ ବିଭାଗ

ପୁରୀ ଅଫିସ,୬।୧୨: ରାଜ୍ୟ ସରକାରଙ୍କ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ଠିକ୍ ସମୟରେ ବ୍ୟୟ ପ୍ରମାଣପତ୍ର (ୟୁଟିଲାଇଜେଶନ୍ ସାର୍ଟିଫିକେଟ) ଦାଖଲ କରିବାରେ ବିଫଳ ହୋଇଛି। ଗତ ଡିସେମ୍ବର ୨ ତାରିଖରେ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏନେଇ ଦେବୋତ୍ତର ବିଭାଗ କମିଶନ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଲେଖାଯାଇଥିବା ଚିଠିରୁ ଏଭଳି ତଥ୍ୟ ଏବେ ସାମ୍ନାକୁ ଆସିଛି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ରିପୋର୍ଟ ମୁତାବକ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୧୪୨ କୋଟି ୮୧ ଲକ୍ଷ ୫୫ ହଜାର ୯୫୫ ଟଙ୍କାର ବ୍ୟୟ ପ୍ରମାଣପତ୍ର ଏପର୍ଯ୍ୟନ୍ତ ଆଇନ ବିଭାଗ ନିକଟରେ ଦାଖଲ କରାଯାଇନାହିଁ। ୨୦୦୨-୨୦୦୩ ଆର୍ଥିକ ବର୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥ ବ୍ୟୟ ହୋଇଛି।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୨୧ରେ ବକେୟା ବ୍ୟୟ ପ୍ରମାଣପତ୍ର ସମ୍ପର୍କିତ ଏକ ବୈଠକ ବିଭାଗର ଅତିରିକ୍ତ ବିତ୍ତ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଲଲାଟେନ୍ଦୁ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘଦିନ ଧରି ବ୍ୟୟ ପ୍ରମାଣ ପତ୍ର କାହିଁକି ଦାଖଲ କରାଯାଇନାହିଁ ବୋଲି ବୈଠକରେ ପ୍ରଶ୍ନ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିଲା ଯେ, ୮୦ ଭାଗ ବ୍ୟୟ କାଗଜପତ୍ର ଦାଖଲ ସରିଛି। ତେବେ ୨୦୦୨-୦୩ରୁ ୨୦୧୪-୧୫ ଆର୍ଥିକ ବର୍ଷ ମଧ୍ୟରେ ଦାଖଲ ହୋଇଥିବା କିଛି ଆବଶ୍ୟକ କାଗଜପତ୍ର ସରକାରୀ ସ୍ତରରେ ମିଳୁନାହିଁ। ପୂର୍ବରୁ ଦାଖଲ ସରିଥିବା କାଗଜପତ୍ରର ନକଲ ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି। ଦରକାର ପଡ଼ିଲେ ସମ୍ପୃକ୍ତ କାଗଜପତ୍ରର ନକଲ ଶ୍ରୀମନ୍ଦିର ପ୍ରଶାସନ ପୁନଃ ଦାଖଲ କରିପାରିବ। ଏଭଳି ଉତ୍ତର ପରେ ଶ୍ରୀମନ୍ଦିର ପ୍ରଶାସନକୁ ଆସନ୍ତା ୭ଦିନ ମଧ୍ୟରେ ବ୍ୟୟ ପ୍ରମାଣପତ୍ରର ନକଲ ଦାଖଲ କରିବାକୁ ଆଇନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ କୁହାଯାଇଛି ଯେ, ରାଜ୍ୟ ଆଇନ ବିଭାଗକୁ ଦେବୋତ୍ତର ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ବ୍ୟୟ ପ୍ରମାଣପତ୍ରର ନକଲ ପଠାଇବ। ଯାହାଫଳରେ ବାସ୍ତବରେ ସରକାରୀ ସ୍ତରରେ ପ୍ରମାଣପତ୍ର ମିଳୁନାହିଁ ଅଥବା ଶ୍ରୀମନ୍ଦିର ପ୍ରଶାସନ ଦାଖଲ କରିନାହିଁ ସେନେଇ ସ୍ପଷ୍ଟ ଚିତ୍ର ମିଳିପାରିବ।

ସେହିପରି କେତେକ ନିର୍ଦ୍ଦିଷ୍ଟ ଧର୍ମାନୁଷ୍ଠାନ ଦୀର୍ଘବର୍ଷ ଧରି ବ୍ୟୟ ପ୍ରମାଣପତ୍ର ଦାଖଲ କରି ନ ଥିବା ବୈଠକରେ କୁହାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ସମ୍ପୃକ୍ତ ଧର୍ମାନୁଷ୍ଠାନ ମଧ୍ୟରେ ରହିଛି। ବାରମ୍ବାର ମନେପକାଯିବା ସତ୍ତ୍ୱେ ବ୍ୟୟ ପ୍ରମାଣପତ୍ର ଦାଖଲ କରାଯାଉ ନ ଥିବାରୁ ଏଭଳି ଧର୍ମାନୁଷ୍ଠାନକୁ କଳା ତାଲିକାଭୁକ୍ତ (ବ୍ଲାକ୍ ଲିଷ୍ଟେଡ୍) କରାଯିବା ଉଚିତ୍ ବୋଲି ବୈଠକରେ ଅଧ୍ୟକ୍ଷତା କରୁଥିବା ବରିଷ୍ଠ ଅଧିକାରୀ ମତ ରଖିଥିଲେ। ଏଥିସହ ଯେଉଁ ଧର୍ମାନୁଷ୍ଠାନ ଦୀର୍ଘବର୍ଷ ଧରି ବ୍ୟୟ ପ୍ରମାଣପତ୍ର ଦାଖଲ କରିନାହାନ୍ତି, ସେଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏ ନେଇ ସୂଚନା ଅଧିକାରକର୍ମୀ ଦିଲୀପ ବରାଳ କହିଛନ୍ତି, ବ୍ୟୟ ପ୍ରମାଣପତ୍ର ଦାଖଲ କରାଯାଇ ନ ଥିବାରୁ ଅଡିଟ୍ ହୋଇପାରୁନାହିଁ। ପ୍ରମାଣପତ୍ର ଦାଖଲ କରିବା ଦାୟିତ୍ୱ ପ୍ରଶାସନିକ ଅଧିକାରୀମାନଙ୍କର। ସମ୍ପୃକ୍ତ ଅଧିକାରୀମାନେ ଏ କ୍ଷେତ୍ରରେ ଅବହେଳା କରିଥିବା ଓ ପ୍ରଶାସନିକ ସ୍ତରରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହେଉଛି। ଅଡିଟ୍ ଭୟରେ ଶ୍ରୀମନ୍ଦିର ପ୍ରଶାସନ ଜାଣିଶୁଣି ଏଭଳି ଆଭିମୁଖ୍ୟ ଗ୍ରହଣ କରୁଛି ବୋଲି ବରାଳ ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଆଇନ ବିଭାଗ ୫-ଟି ଅଧୀନରେ ଆସୁଥିଲେ ମଧ୍ୟ ଏଭଳି ଅନିୟମିତତା କିଭଳି ହେଲା ତାହା ତଦନ୍ତସାପେକ୍ଷ। ଏ ନେଇ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଜୟୀ ରାଜଗୁରୁଙ୍କ ବୀରତ୍ୱ, ବଳିଦାନ ଅବିସ୍ମରଣୀୟ

ପୁରୀ ଅଫିସ, ୬।୧୨: ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ଶହୀଦ ଜୟୀ ରାଜଗୁରୁଙ୍କ ୨୧୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। 'ଆକ୍ସନ୍ ଅଫ ଟୁଇଟର ଆକ୍ଟିଭିଟିଜ୍' ପକ୍ଷରୁ ଘୋଡ଼ାବଜାର ପାଖ ଜୟୀ ରାଜଗୁରୁ ଛକସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଲ୍ଆଇସି ପୁରୀ ବ୍ରାଞ୍ଚର ମ୍ୟାନେଜର ଲକ୍ଷ୍ମୀଧର ନାୟକ, ସମ୍ମାନିତ ଅତିଥି ଭାବେ ସେଲ୍ ବ୍ରାଞ୍ଚ ମ୍ୟାନେଜର ଚିତ୍ତରଞ୍ଜନ ଜେନା, ବାବୁଲି ସାହୁ, ପ୍ରସନ୍ନ ସାହୁ, ଅର୍ଜୁନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶହୀଦ ଜୟୀ ରାଜଗୁରୁଙ୍କ ବୀରତ୍ୱ ଓ ବଳିଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଅନୁଷ୍ଠାନର ଉପସଭାପତି ବିସ୍ମୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦେବାଶିଷ ଦାଶ, ସହସମ୍ପାଦକ ସୁଧାଂଶୁ ଜେନା, ସତ୍ୟନାରାୟଣ ସାହୁ, ବିପିନ୍ ମହାନ୍ତି, କୃଷ୍ଣମୋହନ ପ୍ରଧାନ, ଆଦିତ୍ୟ ନାରାୟଣ ବାରିକ, ଦେବେନ୍ଦ୍ର ସୁବୁଦ୍ଧି ଏବଂ ଦେବରାଜ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି 'ଉର୍ଜାବାନ ଓଡ଼ିଶା' ପକ୍ଷରୁ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, କୋଷାଧ୍ୟକ୍ଷ ସୀତାରାମ ସେନାପତି, ଜିତେନ୍ଦ୍ର ପାତ୍ର ଏବଂ ନୃସିଂହ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ପୁରୀ ନାମ ପରିବର୍ତ୍ତନ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ପୁରୀ ଅଫିସ, ୬।୧୨: ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରୀ ଗସ୍ତରେ ଥିବାବେଳେ ସୋମବାର ଏକ ୭ଜଣିଆ ପ୍ରତିନିଧି ଦଳ ତାଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ସ୍ମାରକପତ୍ରରେ ପୁରୀର ନାମ ପରିବର୍ତ୍ତନ କରି 'ଶ୍ରୀଜଗନ୍ନାଥ ପୁରୀ' କରାଯିବା ପାଇଁ ଦାବି ହୋଇଛି। ସ୍କନ୍ଦ ପୁରାଣରେ ପୁରୀକୁ ପୁରୁଷୋତ୍ତମ କ୍ଷେତ୍ର, ମୋଗଲ ଶାସନ ସମୟରେ ଜଗନ୍ନାଥ ପୁରୀ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ସମୟରେ ଜଗନ୍ନାଥ ପୁରୀ ଥିବା ନେଇ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ୧୮୨୮ ମସିହାରେ ଓଡ଼ିଶାକୁ ୩ଟି ଭାଗରେ ବିଭକ୍ତ କରି ନାମକରଣ କରାଯାଇଥିଲା। ସେତେବେଳେ ସଂପୃକ୍ତ ନାମଗୁଡ଼ିକ ଥିଲା, ବାଲେଶ୍ୱର, କଟକ ଓ ଜଗନ୍ନାଥ ପୁରୀ। ପରେ ବ୍ରିଟିଶର୍ସମାନେ ଜଗନ୍ନାଥ ପୁରୀରୁ ଜଗନ୍ନାଥ ଶବ୍ଦଟିକୁ ହଟାଇ ଦେଇଥିଲେ। ବିଶ୍ୱସ୍ତରରେ ପୁରୀର ଆଦୃତିକୁ ବଢ଼ାଇବାକୁ ହେଲେ ନାମ ସହ ଶ୍ରୀଜଗନ୍ନାଥ ଯୋଡ଼ିବାରେ କୌଣସି ଅସୁବିଧା ନାହିଁ ବୋଲି ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ଜଣାଇଥିଲେ। ଏହି ୭ ଜଣିଆ ପ୍ରତିନିଧି ଦଳରେ ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ସାମାଜିକକର୍ମୀ ଚକ୍ରଧର ମହାପାତ୍ର, ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି, ରାଜେଶ ମହାନ୍ତି, ମଧୁସୂଦନ ମିଶ୍ର, ବିଶ୍ୱନାଥ ମିଶ୍ର ଏବଂ ହେକ୍ଟର ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଫେରାର ଅଭିଯୁକ୍ତ ଗିରଫ

ପୁରୀ ଅଫିସ,୬।୧୨- ରେଲୱେ ବ୍ୟାଟେରି ଚୋରି କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୁରୀ ରେଲୱେ ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ରଥିପୁର ଅଞ୍ଚଳର ଏସ.କେ. ବୁଲା। ପୋଲିସ ନଂ.୫/୨୧ରେ ମାମଲା ରୁଜୁ କରିଛି। ବୁଲାକୁ ମିଶାଇ ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ଏଯାଏ ୧୦ ଜଣଙ୍କୁ ଗିରଫ କରିଛି।

## ବିଗ୍‌ବଜାରରେ ଚଢ଼ାଉ

ପୁରୀ ଅଫିସ, ୬।୧୨: ବଡ଼ଦାଣ୍ଡସ୍ଥିତ ବିଗ୍‌ବଜାରରେ ସାମଗ୍ରୀର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ବିଲ୍ ଦେଉଥିବା ଅଭିଯୋଗରେ ସୋମବାର ଓଜନ ଓ ମାପ ବିଭାଗର ଏକ ଟିମ୍ ଚଢ଼ାଉ କରିଛି। ଏଥିସହ ୨ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଛି। ଭୁବନେଶ୍ୱର ବୈଧ ଓଜନ ମାପକ ବିଭାଗ ଉପନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ସହକାରୀ ନିୟନ୍ତ୍ରକ ରାଜେଶ ନାୟକ ଓ ପୁରୀ ସହକାରୀ ଯୋଗାଣ ଅଧିକାରୀ ଜାନକୀ ଭୂଷଣ ପ୍ରମୁଖ ଚଢ଼ାଉ କରିଥିଲେ।

## ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଅ : ନିଶିକାନ୍ତ

ପିପିଲି,୬।୧୨(ସ୍ୱ.ପ୍ର./ଡି.ଏନ୍.ଏ.)-'ଜୱାଦ' ବାତ୍ୟା ଜନିତ ପ୍ରବଳ ବର୍ଷା ଯୋଗୁ ପିପିଲି ଓ ଡେଲାଙ୍ଗ ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷଜମିରେ ପାଣି ମାଡ଼ିଯାଇ ପାଚିଲା ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଯାଇଛି। ଏହି ସମୟରେ ସେମାନଙ୍କୁ ସାହାଯ୍ୟର ଆବଶ୍ୟକତା ଥିବାରୁ ସରକାର ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସର ମୁଖପାତ୍ର ନିଶିକାନ୍ତ ମିଶ୍ର ଦାବି କରିଛନ୍ତି। ସୋମବାର ମିଶ୍ର କଂଗ୍ରେସ କର୍ମୀଙ୍କ ସହ ପିପିଲି-ଡେଲାଙ୍ଗ ଅଞ୍ଚଳର ବିଭିନ୍ନ ଗାଁକୁ ଯାଇ ଚାଷ ଜମି ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ସେ ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା ଓ ପିପିଲି ତହସିଲଦାର ସପନ ନନ୍ଦଙ୍କୁ ଭେଟି ଚାଷୀମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ଲାଗି କହିଛନ୍ତି। ଟୁଟୁ ପରିଡା, ଜୟମନୁ ସାମନ୍ତରାୟ, ବସନ୍ତ ପ୍ରଧାନ, ସୁରେନ୍ଦ୍ର ସେଠୀ, ଇନା ମହମ୍ମଦ ପ୍ରମୁଖ ତାଙ୍କ ସହିତ ଥିଲେ।




ପୁରୀ ସଂସ୍କୃତି ଭବନରେ ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ ।

## ଆମ୍ବେଡକରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ

### ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର

ପୁରୀ ଅଫିସ, ୬।୧୨: ଆମ୍ବେଦକର ଫାଉଣ୍ଡେଶନ, ସୁଧା ଅନୁଷ୍ଠାନ ଏବଂ ଭାରତ ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସୋମବାର ପୁରୀ ସଂସ୍କୃତି ଭବନରେ ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଲୋଚନାଚକ୍ର ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ନିବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ସମ୍ପାଦକ ଦୁର୍ଗାମାଧବ କର ଏବଂ ପ୍ରଫେସର ଅଦ୍ୱୈତ ଚରଣ ଧଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଆମ୍ବେଡକରଙ୍କ ଜୀବନ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଭଳି ଲୋକାଭିମୁଖୀ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ସହିତ ଆମ୍ବେଡକରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ କରିବ ବୋଲି ଅତିଥିମାନେ କହିଥିଲେ। 'ସୁଧା' ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଣତନ୍ତ୍ରରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅସ୍ତରଙ୍ଗ,୬।୧୨(ଡି.ଏନ୍.ଏ.) ଅସ୍ତରଙ୍ଗ ବ୍ଲକର ମା' ଲକ୍ଷ୍ମୀ କଲ୍ୟାଣ ମଣ୍ଡପରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲା ଶାଖାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି କ୍ରୀଡ଼ା ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଖବରଦାତାଙ୍କ ସମାଜ ପ୍ରତି ଥିବା ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନସଚିବ ମଧୁସୂଦନ ଦାସ ଯୋଗଦେଇ ଗଣତନ୍ତ୍ରରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ ଯୋଗଦେଇ ଖବରଦାତାଙ୍କ ମୌଳିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ସୁଜ୍ଞାନୀ ଚୌଧୁରୀ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କ୍ରୀଡ଼ା ମନ୍ତ୍ରୀଙ୍କ ଜରିଆରେ ପ୍ରଦାନ କରିଥିଲେ। ଉତ୍ସବରେ ସଂଘର ପୁରୀ ଜିଲା ଆବାହକ ଶରତ ପରିଡା ବାର୍ଷିକ ବିବରଣୀ ଓ ଶୋଭାକାର ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଖବରଦାତା ଟୁଲୁ ବେହେରା, ବିତରକ ଦିବାକର ନାୟକଙ୍କୁ ମନ୍ତ୍ରୀ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ଖବରଦାତା ନିରଞ୍ଜନ ଦାସ, ଆର୍ଯ୍ୟ ବିଶ୍ୱାଳ, ଧୁଶାସନ ନାୟକ, ସମୀର କର, ଆର୍ତ୍ତତ୍ରାଣ ମହାନ୍ତି, ରାଜେଶ ମହାନ୍ତି, ପ୍ରକାଶ ବେହେରା, ବିଭୁତି ମହାପାତ୍ର, ମନୋଜ ବିଶ୍ୱାଳ, ପ୍ରିୟବ୍ରତ ମୁଦୁଲି, ପ୍ରଶାନ୍ତ ଜେନା ପ୍ରମୁଖ ସାମିଲ ଥିଲେ।



ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲା ଶାଖାର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

## ରାଜ୍ୟପାଳଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ

ପୁରୀ ଅଫିସ, ୬।୧୨: ପୁରୀ ଗସ୍ତରେ ଆସିଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୋମବାର ସ୍ଥାନୀୟ ରାଜଭବନରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ୯ଦଫା ସମ୍ବଳିତ ଏକ ଦାବିପତ୍ର ଦିଆଯାଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଏହି ଦାବିପତ୍ରରେ ଶ୍ରୀମନ୍ଦିର ଓ ପୁରୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ସେଗୁଡ଼ିକ ହେଲା, ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି, ରତ୍ନ ଅଳଙ୍କାର ଯାଞ୍ଚ, ଶିଳ୍ପୀଙ୍କ ନିକଟରେ ପଡ଼ିରହିଥିବା ଦଶାବତାର ମୂର୍ତ୍ତିକୁ ଅଣାଯାଇ ଶ୍ରୀମନ୍ଦିର ଗୁମୁଟରେ ସ୍ଥାପନ କରାଯିବା, ଜିଲା ଅସ୍ତ୍ରାଗାରରେ ଥିବା ଏମାର ମଠର ୫୨୨ ଖଣ୍ଡ ରୁପାଇଟାକୁ ଶ୍ରୀଜଗନ୍ନାଥଙ୍କ ଟ୍ରେଜେରିକୁ ଅଣାଯିବା, ପୁରୀ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍ ବାତିଲ କରାଯିବାକୁ ଦାବି କରାଯାଇଛି। ସେହିପରି ପୁରୀ-କୋଣାର୍କ ରୋଡ୍ ସିଦ୍ଧ ମହାବୀର ରେଳ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ କରିବା, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଖୋଲିବା, ପୁରୀ ବଡ଼ଦାଣ୍ଡ ଏବଂ ବେଳାଭୂମିରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ କରିବା, ବିଦ୍ୟୁତ୍ ବିତରଣ କମ୍ପାନୀ ଦ୍ୱାରା ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରାଯିବା, ଭକ୍ତଙ୍କ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବାକୁ ଶ୍ରୀଜଗନ୍ନାଥ ସେନା ଦାବି କରିଛି।

## 'ଗୃହରକ୍ଷୀମାନେ ଲୋକଙ୍କ ଆସ୍ଥାଭାଜନ ହୁଅନ୍ତୁ'

### ସୁକାନ୍ତ ନାୟକ, ରାମଚନ୍ଦ୍ର ପ୍ରଧାନ, ଏଲ୍. ହରିମୋହନ ବେହେରା ସମ୍ମାନିତ



ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ପୁରସ୍କୃତ ଗୃହରକ୍ଷୀମାନେ ।

ପୁରୀ ଅଫିସ, ୬।୧୨: ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସୋମବାର ୫୯ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୋଲିସ ରିଜର୍ଭ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍ପି କନୱର ବିଶାଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଏସ୍ପି କହିଥିଲେ, ଗୃହରକ୍ଷୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୂଚାରୁ ରୂପେ ତୁଲାଉଛନ୍ତି। ମହାମାରୀ କରୋନା ସମୟରେ ମଧ୍ୟ ସେବା କରି ପ୍ରଶଂସାଭାଜନ ହୋଇପାରିଛନ୍ତି। କର୍ତ୍ତବ୍ୟନିଷ୍ଠା, ସେବା ପରାୟଣତା ଓ ଦକ୍ଷତା ପ୍ରଦର୍ଶନ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଏସ୍ପି ପରାମର୍ଶ ଦେଇଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ହୋମଗାର୍ଡ ସୁକାନ୍ତ କୁମାର ନାୟକଙ୍କୁ ବେଷ୍ଟ ହୋମଗାର୍ଡ ଅଫ୍ ଦି ଇୟର, ରାମଚନ୍ଦ୍ର ପ୍ରଧାନଙ୍କୁ ବେଷ୍ଟ ଟ୍ରାଫିକ ହୋମଗାର୍ଡ ଅଫ୍ ଦି ଇୟର ଏବଂ ଏଲ୍. ହରିମୋହନ ବେହେରାଙ୍କୁ ବେଷ୍ଟ ଲାଇଫ୍ ଗାର୍ଡ ଅଫ୍ ଦି ଇୟର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଧାନ ପାଇଁ ୧୫ କି.ମି. ଆସି ଦଳ କାଢ଼ିଲେ ଚାଷୀ

ଗୋପ,୬।୧୨(ଡି.ଏନ୍.ଏ.) ବାତ୍ୟା ଚାଲିଯିବାପରେ ବର୍ଷା ମଧ୍ୟ ଛାଡ଼ିଯାଇଛି। ହେଲେ ବର୍ଷା ଛାଡ଼ିଲା ପରେ ଯାହା କିଛି ପାଚିଲା ଧାନ ଆଦାୟ ଲାଗି ଚାଷୀ ତା'ର ଉଦ୍ୟମ ଜାରି ରଖିଛି। ଗୋପ ଅଞ୍ଚଳର କେତେଜଣ ଚାଷୀ କିଛି ଧାନ ପାଇବା ଆଶାରେ ସୋମବାର ପ୍ରାୟ ୧୫ କି.ମି. ଆସି କାଦୁଆ କାଜରୁ କଟକୀ ଦଳ କାଢ଼ିଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଚଳିତବର୍ଷ ଚାଷୀ ଧାରକରଜ କରି ଧାନ ଚାଷ କରିଥିଲେ। ଧାନ ଫସଲ ପାଚି ଯିବା ପରେ ଚାଷୀମାନେ ଖଳାକୁ ପାଚିଲା ଧାନ ନେବା ଲାଗି ଯିବାବେଳେ ଦାଉ ସାଜିଥିଲା ବାତ୍ୟା ଓ ବର୍ଷା। ବର୍ଷା ଛାଡ଼ିବା ପରେ ବର୍ଷାଜଳ ଚାଷଜମିରେ ଜମି ରହିଛି। ଫଳରେ ଯାହା କିଛି ପାଚିଲା ଧାନ ପାଇବା ପାଇଁ ଚାଷୀମାନେ ଧାନକୁ କାଟି ବିଭିନ୍ନ ସ୍ଥାନରେ ଶୁଖାଉ ଥିବାବେଳେ ଧାନ ଜମିରେ ଜମିରହି ଥିବା ବର୍ଷା ଜଳକୁ ନିଷ୍କାସନ ପାଇଁ ଉଦ୍ୟମ କରୁଛନ୍ତି। କାଦୁଆ ନଦୀରେ ଠିକ ଭାବେ କଟକୀ ଦଳ ଯୋଗୁ ଏହି ବର୍ଷାଜଳ ନିଷ୍କାସନ ନ ହେବା ଯୋଗୁ ବନାଖଣ୍ଡି ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଚାଷୀ ପ୍ରାୟ ୧୫ କିଲୋମିଟର ଆସି ମହଲପଡା ପଞ୍ଚାୟତର ଆଠଖୁରା ନିକଟସ୍ଥ କାଦୁଅ ଜୋରରୁ ଦଳ କାଢ଼ିଥିଲେ। ଗୋପ ବ୍ଲକ ନାଗପୁର, ବଡତରା, ବେଦପୁର ସହ ୭/୮ଟି ପଞ୍ଚାୟତର ଚାଷ ଜମିରେ ବର୍ଷାଜଳ ଜମି ରହିଛି। ଏ ନେଇ ଡ୍ରେନେଜ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଛାତ୍ରୀଙ୍କୁ ଦୁର୍ବ୍ୟବହାର, ୨ ଗିରଫ ଅଭିଯୁକ୍ତଙ୍କ ଘରେ ପାଟିତୁଣ୍ଡ କରି ଛାତ୍ରୀଙ୍କ ବାପା ଗିରଫ

ଡେଲାଙ୍ଗ,୬।୧୨(ଡି.ଏନ୍.ଏ.) ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୮ମ ଶ୍ରେଣୀଙ୍କୁ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର କାହ୍ନୁ ମହାନ୍ତି ଓ ସନ୍ତୋଷ ବାରିକ। ଏ ନେଇ ପୋଲିସ ଏକ ମାମଲା(ନଂ.୨୭୭/୨୧) ରୁଜୁ କରିଛି। ଅନ୍ୟପଟେ ସମ୍ପୃକ୍ତ ଛାତ୍ରୀଙ୍କ ବାପା ଜଣେ ଅଭିଯୁକ୍ତଙ୍କ ଘରକୁ ଯାଇ ପାଟିତୁଣ୍ଡ କରିବା ଅଭିଯୋଗରେ ପୋଲିସ ତାଙ୍କୁ ମଧ୍ୟ ଗିରଫ କରିଛି। ଏ ସମ୍ପର୍କରେ ମଧ୍ୟ ପୋଲିସ ମାମଲା(ନଂ.୨୭୬/୨୧) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସ୍କୁଲକୁ ପାଠ ପଢ଼ିବାକୁ ଯିବାବେଳେ କାହ୍ନୁ ଓ ସନ୍ତୋଷ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଛାତ୍ରୀ ପ୍ରତିବାଦ କରିବାରୁ ସେମାନେ ମାରିଦେବାକୁ ଧମକ ଦେଇଥିଲେ। ଛାତ୍ରୀ ଘରକୁ ଯାଇ ଏ ବିଷୟରେ କହିବାରୁ ତାଙ୍କ ବାପା ସନ୍ତୋଷଙ୍କ ଘରେ ଆସି ପଚାରିବାରୁ ପରିବାର ଲୋକେ ଗାଳିମନ୍ଦ କରିଥିଲେ। ଫଳରେ ୨ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ସନ୍ତୋଷଙ୍କ ଭଉଣୀ ଛାତ୍ରୀଙ୍କ ବାପାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଛାତ୍ରୀଙ୍କ ପରିବାର ପକ୍ଷରୁ ମଧ୍ୟ ୨ ଅଭିଯୁକ୍ତଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ୩ଜଣଙ୍କୁ ଗିରଫ କରିଥିଲା।

## ଉଜୁଡ଼ା କ୍ଷେତ ପରିଦର୍ଶନ କଲେ ବିଧାୟକ

ସାକ୍ଷୀଗୋପାଳ, ୬।୧୨(ଡି.ଏନ୍.ଏ./ସ୍ୱ.ପ୍ର.) ସତ୍ୟବାଦୀ ବ୍ଲକର ବିଭିନ୍ନ ମୌଜାରେ ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ଧାନ କିଆରିକୁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ସୋମବାର ପରିଦର୍ଶନ କରିଛନ୍ତି। ପାଣିରେ ପଡ଼ିଥିବା ପାଚିଲା ଧାନ କିଆରିରୁ ଉଠାଇ କ୍ଷୟକ୍ଷତି ନେଇ ବିଧାୟକ ଚାଷୀ, କୃଷି ଓ ରାଜସ୍ୱ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସ୍ୱତନ୍ତ୍ର ଟିମ ଗଠନ କରି ତୁରନ୍ତ କ୍ଷୟକ୍ଷତିର ଆକଳନ କରିବା ସହ ସପ୍ତାହକ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦେବାକୁ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବଳପୁର, ବଂପାଳ, ପରଜାପଡ଼ା, ସାରଙ୍ଗଯୋଡି, ବିଶ୍ୱନାଥପୁର, ନରେନ୍ଦ୍ରପୁର, ଅଳଗୁମ, ଶୃଙ୍କଳ ଆଦି ଅଞ୍ଚଳ ଯାଇଥିଲେ। ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଆମ୍ବା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ବିକ୍ରମ ଜେନା, ସୁନୀଲ ପଣ୍ଡା, ବେବିଲାଲ ମିଶ୍ର, ପ୍ରମୋଦ ରାଉତରାୟ, ସରପଞ୍ଚ ତ୍ରିନାଥ ମହାପାତ୍ର, ମୌସୁମୀ ମିଶ୍ର, ଡା. ଜ୍ଞାନରଞ୍ଜନ ମିଶ୍ର, ଆର୍ଆଇ ରଜତ ନାୟକ ଉପସ୍ଥିତ ଥିଲେ।



ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏକ ଜମିରେ କ୍ଷତିଗ୍ରସ୍ତ ଫସଲ ଦେଖୁଛନ୍ତି ।

## ଜୟୀ ରାଜଗୁରୁଙ୍କ ବଳିଦାନ ଓଡ଼ିଆଙ୍କ ଅସ୍ମିତାର ଏକ ଅଂଶ

ପୁରୀ ଅଫିସ,୬।୧୨: ବୀରହରେକୃଷ୍ଣପୁର ଗ୍ରାମସ୍ଥିତ ଜୟୀ ରାଜଗୁରୁ ସ୍ମୃତିପୀଠ ପରିସରରେ ସୋମବାର ଶହୀଦ ଜୟୀ ରାଜଗୁରୁଙ୍କ ଜିଲାସ୍ତରୀୟ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଜିଲା ଲୋକସମ୍ପର୍କ କାର୍ଯ୍ୟାଳୟ, ଶ୍ରୀଶ୍ରୀ ଗୋପୀନାଥ ଦେବସ୍ଥାନ ସମିତି ବୀରହରେକୃଷ୍ଣପୁର ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୟୀ ରାଜଗୁରୁଙ୍କ ତ୍ୟାଗ ଓ ବଳିଦାନ ଓଡ଼ିଆଙ୍କ ଅସ୍ମିତାର ଏକ ଅଂଶ ଏବଂ ତାଙ୍କ ସାହସିକତାରୁ ପ୍ରେରଣା ନେଇ ଯୁବବର୍ଗ ସମାଜର ସାମଗ୍ରିକ ବିକାଶରେ ସହାୟକ ହୋଇପାରିବେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର, ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସମ୍ପାଦକ ଜଟାଧାରୀ ମିଶ୍ର, ପ୍ରଣବାନନ୍ଦ ରଥ, ଲକ୍ଷ୍ମୀକାନ୍ତ ରଥ, ପ୍ରକାଶ ଚନ୍ଦ୍ର ରଥ ଓ ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟ, ସମର୍ପଣ, ରୋଟାରୀ କ୍ଲବ୍ ଓ ଶହୀଦ ଜୟୀ ରାଜଗୁରୁ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ଅତିରିକ୍ତ ଜିଲାପାଳ ନାଥଶର୍ମା ଏହାକୁ ଉଦଘାଟନ କରିଥିଲେ। ପ୍ରାତଃରେ ଜିଲା ପ୍ରଶାସନ ପକ୍ଷରୁ ଘୋଡ଼ାବଜାରସ୍ଥିତ ଶହୀଦ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ବିଜୟ କୁମାର ମିଶ୍ର, ଶିବପ୍ରସାଦ ମିଶ୍ର, ଚକ୍ରଧର ମହାପାତ୍ର, ମନୋଜ ରଥ, ନାରାୟଣ ଦାଶ ଓ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୀରହରେକୃଷ୍ଣପୁରସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

